


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୦ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 20 October 2024

Vol.No. 35 ■ No.279 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ହିଜବୁଲ୍ଲା ଟାର୍ଗେଟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ: ନେତାନ୍ୟାହୁଙ୍କ ଘର ଉପରେ ଡ୍ରୋନ ଆକ୍ରମଣ

ନୂଆଦିଲ୍ଲୀ, ୧୯/୧୦ : ହମାସ ମୁଖ୍ୟ ୟାହ୍ୟା ସିନୱାରଙ୍କୁ ହତ୍ୟା ପରେ ବିପଦରେ ଇସ୍ରାଲଲ ପ୍ରଧାନମନ୍ତ୍ରୀଙ୍କ ଜୀବନ । ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଟାର୍ଗେଟ କରି ଆକ୍ରମଣ କରିଛି ହିଜବୁଲ୍ଲା । ନେତାନ୍ୟାହୁଙ୍କ ପୈତୃକ ବାସଭବନକୁ ଡ୍ରୋନ ଯୋଗେ ଟାର୍ଗେଟ୍ କରାଯାଇଛି । ଲେବାନନ୍ ପକ୍ଷରୁ ୩ଟି ଡ୍ରୋନ୍ ଯୋଗେ ଏହି ଆକ୍ରମଣ କରାଯାଇଥିବା ସୂଚନା ଦେଇଛି ଆଇଡିଏଫ । ଏଥିରୁ ଗୋଟିଏ ଡ୍ରୋନ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ପୈତୃକ ବାସଭବନ ଉପରେ ପଡିଛି । ଅନ୍ୟ ୨ଟି ଡ୍ରୋନ ଖୋଲା ସ୍ଥାନରେ ପଡିଛି । ତେବେ ଆକ୍ରମଣ ସମୟରେ ନେତାନ୍ୟାହୁ କିମ୍ବା ତାଙ୍କ ପତ୍ନୀ ଘରେ ନଥିବାରୁ ତାଙ୍କ ଜୀବନ ବର୍ତ୍ତି ଯାଇଛି । ସିନୱାରଙ୍କୁ ଯେପରି ହତ୍ୟା କରାଯାଇଛି ଠିକ ସେହିପରି ନେତାନ୍ୟାହୁଙ୍କୁ ମଧ ହତ୍ୟା କରି



ପ୍ରତିଶୋଧ ନେବାକୁ ଯୋଜନା ଚାଲିଥିବା ଜଣାପଡ଼ିଛି । ଡ୍ରୋନ ଆକ୍ରମଣକୁ ଅଟକାଇବାରେ ବିଫଳ ହୋଇଛି ଇସ୍ରାଏଲର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା । ଯେଉଁ ଆଇରନ ଡୋମକୁ ନେଇ ଗର୍ବ କରେ ଇସ୍ରାଏଲ ତାହା ନିଜ ଦେଶର ପ୍ରଧାନମନ୍ତ୍ରୀଙ୍କୁ ମଧ ସୁରକ୍ଷା ଦେବାରେ ଏକ ପ୍ରକାର ବିଫଳ ହୋଇଛି । ଲେବାନନ ପଟୁ ଡ୍ରୋନ ଆକ୍ରମଣ ହୋଇଥିବା ବେଳେ ଏହା ଇସ୍ରାଏଲ ସୀମାର ୭୦ କିଲୋମିଟର ଭିତରକୁ ପ୍ରବେଶ କରିଥିଲା । ପ୍ରଧାନମନ୍ତ୍ରୀଙ୍କ ଘରେ ଆକ୍ରମଣର ଯୋଜନା ମଧ ସଫଳ ହୋଇଛି । ଆଉ ବିଶ୍ୱର ଶ୍ରେଷ୍ଠ ପ୍ରତିରକ୍ଷା ବ୍ୟବସ୍ଥା ମଧ ଏହାକୁ ଅଟକାଇ ପାରିନି । ତେବେ ଆକ୍ରମଣ ସମୟରେ ନେତାନ୍ୟାହୁ ଘରେ ନଥିବାରୁ ତାଙ୍କର ଜୀବନ ବଞ୍ଚି ଯାଇଛି । ଏହି ଘଟଣା ପରେ ଆଇରନ ଡୋମକୁ ନେଇ ମଧ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । ତେବେ ଏହି ଆକ୍ରମଣର କଡ଼ା ଜବାବ ଦିଆଯିବ ବୋଲି ଆଇଡିଏଫ୍ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ଇସ୍ରାଏଲ ଆକ୍ରମଣରେ ୟାହ୍ୟା ସିନୱାର ମୃତ୍ୟୁ ଘଟଣାରେ ପ୍ରତିକ୍ରିୟା ଦେଇଛନ୍ତି ଇରାନ୍ ସୁପ୍ରିମ ଲିଡର ଅୟତୁଲ୍ଲାହ ଅଲ୍ଲୀ ଖାମିନେନି । ସିନୱାରଙ୍କ ମୃତ୍ୟୁ ପରେ ବି ହମାସ ଶେଷ ହେବନି ବୋଲି ସେ ଦାବି କରିଛନ୍ତି । ଏଥିସହ ହମାସ ସହ ଇରାନ ସବୁବେଳେ ଛିଡ଼ା ହୋଇ ରହିବ ବୋଲି ସେ କହିଛନ୍ତି । ଯାହା ମଧ୍ୟପ୍ରାଚ୍ୟରେ ଏକ ବଡ଼ ଯୁଦ୍ଧର ସଙ୍କେତ ଦେଇଛି ।

## ଲ୍ୟାଣ୍ଡମାଇନ୍ ଖଞ୍ଜିଥିଲେ ନକ୍ସଲ: ୨ ଯବାନ ସହିଦ

ମାଲକାନଗିରି, ୧୯/୧୦ (ନି.ପ୍ର): ସୀମାନ୍ତ ଛତିଶଗଡ଼ରେ ନକ୍ସଲ ମାତିଛନ୍ତି। ସୁରକ୍ଷାବାହିନୀ ଯେତେ କାର୍ଯ୍ୟାନୁଷ୍ଠାନ ନେଲେ ମଧ କମ ପଡ଼ିଯାଉଛି। କିଛି ଦିନ ପୂର୍ବରୁ ୩୮ ଜଣ ନକ୍ସଲ ନିପାତ ହୋଇଥିଲେ ମଧ ଲାଲବାହିନୀ ମୁଣ୍ଡ ନୁଆଇଁ ନାହାନ୍ତି। ନାରାୟଣପୁର ଜିଲ୍ଲାର ଓରଛା, ଇରକାଭଟ୍ଟି ଓ ମେହନ୍ଦୀ ଅଂଚଳରେ ନକ୍ସଲଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଛି। ଏଥିରେ ୨ ଜଣ ନକ୍ସଲ ସହିଦ ହୋଇଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଆହତ ଯବାନମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସହିଦ ଯବାନମାନେ ହେଲେ ଅମର ବନୱାର(୩୬) ଏବଂ କେ.ରାଜେଶ(୩୬)। ସୂଚନା ଅନୁସାରେ ଓରଛା, ଇରକାଭଟ୍ଟି ଓ ମେହନ୍ଦୀ ଅଂଚଳରେ ନକ୍ସଲ କ୍ୟାମ୍ପ କହି ରହିଥିବା ନେଇ ପୁଲିସ ଗୁଇନ୍ଦା ସୂଚନା ପାଇବା ପରେ ତୁରନ୍ତ ବିଏସ୍ଏଫ୍ ଏବଂ ଡିଆରଜି ଯବାନ ଏହି ଅଂଚଳକୁ କୁମ୍ବିଂ ପାଇଁ ଗତକାଲି ବାହାରିଥିଲେ। ଆଜି ସକାଳୁ ଯବାନ ଫେରୁଥିବା ବେଳେ ନକ୍ସଲ ରାସ୍ତାରେ ଯବାନଙ୍କୁ ଟାର୍ଗେଟ କରି ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ଯବାନ ଆସୁଥିବା ବେଳେ ଲ୍ୟାଣ୍ଡମାଇନକୁ ବିସ୍ଫୋରଣ କରିଥିଲେ। ଫଳରେ ୪ ଜଣ ଯବାନ ଆହତ ହୋଇଥିଲେ। ଆହତ ଯବାନଙ୍କ ମଧ୍ୟରୁ ଆଇଟିବିପିର ଯବାନ ଅମର ବନୱାର ଏବଂ କେ.ରାଜେଶ ସହିଦ ହୋଇଯାଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇ ଚିକିତ୍ସା ହେଉଥିବା ଜଣାପଡିଛି। ଏନେଇ ପୁଲିସ ବିସ୍ତୃତ ସୂଚନା ପ୍ରଦାନ କରିବ ବୋଲି କହିଛି। ନକ୍ସଲ ଏବେ ଘାଇଲା ବାଘ ଭଳି ରହିଛନ୍ତି। ପୁଲିସ ଏବଂ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହି ଯୋଜନାରେ ଆଜି ସଫଳ ହୋଇଛନ୍ତି। ଘଟଣାସ୍ଥଳରେ ଯବାନ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି।

## ପ୍ରକାଶ ପାଇଲା ଓଏଏସ୍ ରେଜଲ୍ଟ: ଶ୍ୱେତାଶ୍ରୀ ମହାପାତ୍ର ଟପ୍ପର



କଟକ, ୧୯/୧୦ (ନି.ପ୍ର): ଆଜି ପ୍ରକାଶ ପାଇଲା ୨୦୨୨ ମସିହାର ଓଏଏସ୍ ରେଜଲ୍ଟ। ମୋଟ୍ ୬୮୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଟପ୍ ଟେନ୍‌ରେ ୫ ମହିଳା ଓ ୫ ପୁରୁଷ ରହିଛନ୍ତି। ଶ୍ୱେତାଶ୍ରୀ ମହାପାତ୍ର ଓଏଏସ୍ ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ପ୍ରିଙ୍କିଲ ପରବୀନ ପରିଡ଼ା, ତୃତୀୟ ସ୍ଥାନରେ ଦୀପ୍ତିରଞ୍ଜନ ପତି, ଚତୁର୍ଥ ସ୍ଥାନରେ ପ୍ରଜ୍ଞା ପାରଙ୍ଗମ, ପଞ୍ଚାମ ସ୍ଥାନରେ ଆଜାଦ ସାହୁ, ଷଷ୍ଠ ସ୍ଥାନରେ ଦୀପମ ରାଉତ, ସପ୍ତମ ସ୍ଥାନରେ ଦେବବ୍ରତ ଗୌଡ଼, ଅଷ୍ଟମ ସ୍ଥାନରେ ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ନବମ ସ୍ଥାନରେ କପିଳ କୁମାର ମହାନ୍ତି ଓ ଦଶମ ସ୍ଥାନରେ ଅମ୍ରିତା ସାହୁ ରହିଛନ୍ତି। ଟପ୍ପର ହୋଇଥିବା ଶ୍ୱେତାଶ୍ରୀ ମହାପାତ୍ରଙ୍କ ଘର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଲୁଙ୍ଗା ପଞ୍ଚାୟତ ଉରୁଣିଆ ଗାଁରେ। କିନ୍ତୁ ତାଙ୍କ ପରିବାର ଏବେ ଭଦ୍ରକ ସହର ସ୍ଥିତ ଅପର୍ତିବିନ୍ଧା ନ୍ୟୁ କଲୋନୀରେ ରହୁଛନ୍ତି। ଶ୍ୱେତାଶ୍ରୀଙ୍କ ବାପା ମୁକ୍ତିକାନ୍ତ ମହାପାତ୍ର ହେଉଛନ୍ତି ଜଣେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ। ମାଆ ଫେଜର ଗାର୍ଲସା ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ରହିଛନ୍ତି। ଶ୍ୱେତାଶ୍ରୀ ଦୁର୍ଗାପୁର ଘଓଞ୍ଚରେ ବି-ଟେକ ଏବଂ ଏମ-ଟେକ କରିଥିଲେ। ପରେ ସେଠାରେ ସେ ଚାକିରି କରୁଥିଲେ। ▶▶ପୃଷ୍ଠା ୭

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ: ୨୩ ତାରିଖରୁ ୩ ଦିନ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା !

ଭୁବନେଶ୍ୱର, ୧୯/୧୦ (ନି.ପ୍ର): କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ। ପରେ ଏହା ୨୨ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। କ୍ରମେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଆହୁରି ତୀବ୍ର ବା ଘନୀଭୂତ ହେବ। ଏହାର ପ୍ରଭାବରେ ଆସନ୍ତା ୨୩ ତାରିଖରୁ ୩ ଦିନ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ୨୩, ୨୪ ଓ ୨୫ ତାରିଖରେ ଉପକୂଳ ଓଡ଼ିଶା ସହ ପାଶ୍ୱବର୍ତ୍ତୀ ଜିଲ୍ଲା ଓ



ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ଏଯାଏଁ ବାତ୍ୟା ଉପରେ କୌଣସି ଆକଳନ କରାଯାଇନଥିବାବେଳେ ▶▶ପୃଷ୍ଠା ୭

## ମୁମ୍ବାଇରେ ବି ଚମକିଲା ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଭିଜନ୍: ଇନଭେଷ୍ଟର୍ସଙ୍କ ସହ ରୋଡ୍ ସୋ' କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୧୦ (ନି.ପ୍ର): ଦିଲ୍ଲୀ ପରେ ମୁମ୍ବାଇରେ ବି ଚମକିଲା ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଭିଜନ୍। ବଡ଼ ଶିଳ୍ପସଂସ୍ଥା ମୁଖିଆଙ୍କୁ ଭେଟି ୱାନ ଟୁ ୱାନ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ, ତାସହ ୩ ଶହ ନିବେଶକଙ୍କ ଆଗରେ ସଫଳତାର ସହ ରୋଡ୍ ସୋ ବି କଲେ ରାଜ୍ୟ ସରକାର। ରିଲାଏନ୍ସ, ଟାଟା, ଜେଏସ୍ଡବ୍ଲୁ, ବିର୍ଲା ଗ୍ରୁପ୍, ପାର୍ଲେ ଆଗ୍ରୋ । ଏମିତି ଅନେକ ବଡ଼ ବଡ଼ ଶିଳ୍ପ ସଂସ୍ଥାର ମୁଖିଆ ଓ ସେମାନଙ୍କ ପ୍ରତିନିଧିଙ୍କୁ ଭେଟି ଓଡ଼ିଶାରେ ନିବେଶ ପାଇଁ ନିମନ୍ତ୍ରଣ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



। ମୁମ୍ବାଇରେ ୨ ଦିନିଆ ଇନଭେଷ୍ଟର୍ସ ମିଟ୍ ରୋଡ୍ ସୋ ଅବସରରେ ବିସ୍ତୃତ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି- ଆସନ୍ତାବର୍ଷ ଓଡ଼ିଶାକୁ ୫ ଲକ୍ଷ କୋଟିର ନିବେଶ ଆଣିବାର ଲକ୍ଷ୍ୟ ରହିଛି । ଏଥିପାଇଁ ଆସନ୍ତା ଜାନୁଆରୀ ୨୮ ଓ ୨୯ରେ ଭୁବନେଶ୍ୱରରେ ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା ମେକ୍-ଇନ୍ ଓଡ଼ିଶା କନକ୍ଲେଭ ୨୦୨୫କୁ ଆସିବାକୁ ସବୁ ପ୍ରମୁଖ ଶିଳ୍ପ ସଂସ୍ଥାମାନଙ୍କୁ ଆମନ୍ତ୍ରଣ କରିଛୁ। ▶▶ପୃଷ୍ଠା ୭

## ନୂଆ ଢାଞ୍ଚାରେ ଆସୁଛି 'ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା'

ଭୁବନେଶ୍ୱର, ୧୯/୧୦ (ନି.ପ୍ର): ନୂଆ ସରକାରରେ ନୂଆ କରି ଆରମ୍ଭ ହେବେ ଆମ ଓଡିଶା ନବୀନ ଓଡିଶା ଯୋଜନା। ନାଁ ବଦଳିବ, ଢାଞ୍ଚା ବି ବଦଳିବ। ଯୋଜନାର ନାଁ ହେବ ବିକଶିତ ଗାଁ ବିକଶିତ ଓଡିଶା। ଯେଉଁଥିରେ ନିର୍ବାଚିତ ପ୍ରତିନିଧିଙ୍କୁ କ୍ଷମତା ମିଳିବା ସହ ଗୁରୁତ୍ୱ ପାଇବ ଗ୍ରାମସଭା ଓ ପଲ୍ଲୀସଭା। ଏସବୁକୁ ଆଧାର କରି ଗାଇଡଲାଇନ ପ୍ରସ୍ତୁତ ହେଉଥିବା ସୂଚନା ଦେଇ, ଖୁବଶୀଘ୍ର ଯୋଜନା କାର୍ଯ୍ୟକାରୀ



ହେବ ବୋଲି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ। ତେବେ ନୂଆ ଯୋଜନାରେ କଣ ପରିବର୍ତ୍ତନ ହେବ, ଆଉ କଣ ନୂଆ ହେବ ପଢନ୍ତୁ ଏହି ରିପୋର୍ଟ । ଆଉ ଆମ ଓଡ଼ିଶା ନବୀନ ଓଡ଼ିଶା ନୁହେଁ । ଏଣିକି ବିକଶିତ ଗାଁ ବିକଶିତ ଓଡ଼ିଶା । ନୂଆ ସରକାରରେ ଯୋଜନାର ନୂଆ ରୂପ, ଢାଞ୍ଚା ବି ହେବ ନୂଆ । ଆମ ଓଡ଼ିଶା ନବୀନ ଓଡ଼ିଶାର ଭବିଷ୍ୟତ ନେଇ ନୂଆ ସରକାର ଆରମ୍ଭ ହେବା ▶▶ପୃଷ୍ଠା ୭

## ଜାନୁଆରି ୩ରୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

ବରଗଡ଼, ୧୯/୧୦ (ନି.ପ୍ର): ବରଗଡର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା-୨୦୨୫ ପାଇଁ ତାରିଖ ଘୋଷଣା ହୋଇଛି। ଆସନ୍ତା ଜାନୁଆରି ୩ ତାରିଖରୁ ଧନୁଯାତ୍ରା ଆରମ୍ଭ ହେବ। ଏକାଦଶ ଦିବସୀୟ ଏହି ମୁକ୍ତାକାଶ ରଂଗମଞ୍ଚ ୧୩ ତାରିଖ ଯାଏଁ ଜାରି ରହିବ। ୧୧ ଦିନ ଧରି ବରଗଡରେ ଚାଲିବ ଏହି ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ମହାରାଜ କଂସଙ୍କ ସଂଳାପରେ ପ୍ରକମ୍ପିତ ହେବ ଗଗନ ପବନ। ୧୧ ଦିନ ଧରି ମହାରାଜ କଂସଙ୍କ ରାଜୁତି ଚାଲିବ ବରଗଡରେ। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଧନୁଯାତ୍ରାର ପ୍ରଥମ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ମହାରାଜ କଂସଙ୍କ ସଂଳାପରେ ପ୍ରକମ୍ପିତ ହେବ ଗଗନ ପବନ। ୧୧ ଦିନ ଧରି ମହାରାଜ କଂସଙ୍କ ରାଜୁତି ଚାଲିବ ବରଗଡରେ। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଧନୁଯାତ୍ରାର ପ୍ରଥମ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ୨୦୨୩-୨୪ ଆୟ ବ୍ୟୟ ଖର୍ଚ୍ଚ ବାବଦରେ ଆଲୋଚନା ହୋଇଛି।

## ତେଲେଙ୍ଗାନାରେ ଆତ୍ମସମର୍ପଣ କଲେ ୩ ମାଓବାଦୀ

ମାଲକାନଗିରି, ୧୯/୧୦ (ନି.ପ୍ର): ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦୀ କୋଥାଗୁଡ୍ଡମ ଜିଲ୍ଲା ପୁଲିସ ଓ ୧୪୧ ସିଆରପିଏଫ ଅଧିକାରୀଙ୍କ ନିକଟରେ ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ଛତିଶଗଡ଼ର ବିଜାପୁର ଜିଲ୍ଲାର ପୋଡିୟମ ମାଙ୍ଗୁ ଓରଫ ଡିଭେଣ୍ଡର(୨୬), ତେଲେଙ୍ଗାନାର ମାଡିଭି ଆଡାଇମ ଓରଫ ଅନୁଷା(୨୩) ଏବଂ ଆନ୍ଧ୍ରପ୍ରଦେଶର କୁଦାମ ସୋମାଲି(୨୨)। ଏହି ତିନି ଜଣ ୨୦୧୮-୧୯ ମସିହାରେ ତେଲେଙ୍ଗାନା ରାଜ୍ୟ କମିଟିର ବିକେ-ଏଏସଆର ଡିଭିଜନରେ ସାମିଲ ହୋଇଥିଲେ। ପରେ ପଦନ୍ନୋତି ପାଇଥିଲେ।ଏମାନଙ୍କ ନାମରେ ସରକାର ୪ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରିଥିଲେ। ▶▶ପୃଷ୍ଠା ୭

## ବିଜେପିକୁ ଟକ୍କର ଦେବାକୁ କଂଗ୍ରେସ-ଜେଏମଏମ ଏକାଠି

ନୂଆଦିଲ୍ଲୀ, ୧୯/୧୦ : ବିଧାନସଭା ନିର୍ବାଚନକୁ ନେଇ ଝାଡ଼ଖଣ୍ଡ ରାଜନୀତି ସରଗରମ । ବିଜେପିକୁ ଚେକ ଦେବାକୁ ଏକାଠି ହୋଇଛନ୍ତି ଜେଏମଏମ ଏବଂ କଂଗ୍ରେସ । ନିର୍ବାଚନ ପାଇଁ ଉଭୟ ଦଳ ମଧରେ ହୋଇଛି ଆସନ ବୁଝାବଣା । ଉଭୟ ଦଳ ୭୦ ଆସନରେ ନିର୍ବାଚନ ଲଢ଼ିବାକୁ ସହମତି ପ୍ରକାଶ ପାଇଥିବା ବେଳେ ବଳକା ଆସନ ସହଯୋଗୀଙ୍କ ପାଇଁ ଛଡ଼ାଯାଇଛି । ଝାଡ଼ଖଣ୍ଡରେ ମୋଟ




୮୧ ଆସନ ରହିଛି । ଏଥିରୁ ୭୦ ଆସନରେ ଉଭୟ ଜେଏମଏମ ଓ କଂଗ୍ରେସ ଏକାଠି ଲଢ଼ିବେ । ସେହିପରି ବାକି ୧୧ ଆସନ ସହଯୋଗୀ ଆରଜେଡି ଓ ବାମଦଳଙ୍କୁ ଦିଆଯିବାକୁ ନିଷ୍ପତ୍ତି ହୋଇଛି । ▶▶ପୃଷ୍ଠା ୭

## ପ୍ରାର୍ଥୀ ଘୋଷଣା କଲା ବିଜେପି: ସୋରେନ ବାପା-ପୁଅ ଓ ରାଜ୍ୟପାଳଙ୍କ ବୋହୂଙ୍କୁ ମିଳିଲା ଟିକେଟ

ନୂଆଦିଲ୍ଲୀ, ୧୯/୧୦ : ଝାରଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହି ତାଲିକାରେ ମୋଟ ୬୬ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ରହିଛି। ବିଜେପି ରାଜ୍ୟର ୮୧ଟି ଆସନରୁ ୬୮ଟିରେ ଲଢ଼ିବ ଓ ସହଯୋଗୀଙ୍କ ପାଇଁ ବାକି ଆସନ ଛାଡ଼ିବାକୁ ନେଇଛି। ଏହି କ୍ରମରେ ଦଳ ଆଜି ୬୬ଟି ଆସନ ପାଇଁ ପ୍ରାର୍ଥୀଙ୍କ ତାଲିକା ଜାରି କରିଛି। ତାଲିକା



ଅନୁସାରେ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପୂର୍ବତନ ସହଯୋଗୀଙ୍କୁ ବିଜେପି ଟିକେଟ ଦେଇଛି। ହେମନ୍ତଙ୍କ ପୂର୍ବତନ ସହଯୋଗୀ ଚମ୍ପାଇ ସୋରେନ ସଢ଼େଇକଳା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେପି ମୁଖ୍ୟ ବାବୁଲାଲ ମାରାଣ୍ଡି ଧନୱର ଆସନରୁ ଟିକେଟ ପାଇଛନ୍ତି। ବାବୁଲାଲ ମାରାଣ୍ଡି ଓ ଚମ୍ପାଇ ସୋରେନ ହେଉଛନ୍ତି ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ। ଚମ୍ପାଇ ସୋରେନଙ୍କ ପୁଅଙ୍କୁ ମଧ ବିଜେପି ଟିକେଟ ଦେଇଛି। ସେ ଘାଟଶିଳା ▶▶ପୃଷ୍ଠା ୭

# ରୋଗୀଙ୍କୁ ସେବା ପ୍ରଦାନ କରିବା ପରିବର୍ତ୍ତେ ସମ୍ପର୍କୀୟଙ୍କ ମୋବାଇଲ ଭାଙ୍ଗିଲେ ନର୍ସ ଦିଦି

ମାଲକାନଗିରି, ୧୯/୧୦ (ନି.ପ୍ର): ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ନର୍ସ ଦିଦି ନିଜେ ଦେଖୁଥିଲେ ମୋବାଇଲ ରୋଗୀଙ୍କ ସମ୍ପର୍କୀୟ ତାଙ୍କୁ ଯାଇ ଡାକିବାରୁ ରାଗରେ ସମ୍ପର୍କୀୟଙ୍କ ମୋବାଇଲ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏପରି ଏକ ଅଭାବନିୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ । ଆଜି ସକାଳେ ମାଲକାନଗିରି ମୁନିସିପାଲିଟି କଲୋନୀର ରାଜା ବାଘ ନାମକ ଜଣେ ଯୁବକ ନିଜ ଭଉଣୀ ଅଞ୍ଜୁ ବାଘକୁ ନେଇ ଜିଲ୍ଲା ସଦର ଚିକିତ୍ସାଳୟକୁ ଯାଇଥିଲେ । ଅଞ୍ଜୁ ପେଟ ବ୍ୟଥାରେ ଛଟ ପଟ ହେଉଥିବା ବେଳେ ଡାକ୍ତର ତୁରନ୍ତ ତାଙ୍କୁ ଚତୁର୍ଥ ମହଲାରେ ଥିବା ମେଡିସିନ୍ ୱାର୍ଡ଼ ରେ ଭର୍ତି ହେବା ଲାଗି ରେଫର କରିଥିଲେ । ହେଲେ ରୋଗୀଙ୍କୁ ନେଇ ସେଠାରେ ପହଂଚିଲା ବେଳକୁ କୌଣସି ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ନଥିଲେ । ନିକଟରେ ରହିଥିବା ଅନ୍ୟ ଏକ ରୁମରେ ମୁନମୁନ ବିଶ୍ୱାସ ନାମକ ଜଣେ ନର୍ସ ଉପସ୍ଥିତ ଥିବା ଦେଖି ରୋଗୀଙ୍କ ସଂପର୍କୀୟ ତାଙ୍କୁ ଡାକିଥିଲେ । ହେଲେ ଦିଦି ଜଣକ ମୋବାଇଲ ଦେଖିବାରେ ଏତେ ବ୍ୟସ୍ତ ଥିଲେ ଯେ ମୋତେ ବିରକ୍ତ କାହିଁକି କରୁଛ ବୋଲି କହି ରୋଗୀଙ୍କ ସଂପର୍କୀୟଙ୍କ ମୋବାଇଲ କଚାଡି ଭାଙ୍ଗି ଦେଇଥିଲେ । କେବଳ ଏତିକି ନୁହେଁ ଘଟଣା ପରେ ନିଜ ସ୍ୱାମୀଙ୍କୁ ଡାକି ଡାକ୍ତରଖାନା ଭିତରେ ରୋଗୀଙ୍କ ସଂପର୍କୀୟଙ୍କୁ ମାଡ଼ ମାରିଥିବା ଅଭିଯୋଗ ହେଉଛି । କିଏ କେଉଁ ମାନସିକ ଅବସ୍ଥାରେ ଡାକ୍ତରଖାନାକୁ ଆସୁଛନ୍ତି କିନ୍ତୁ ଯଦି ସ୍ୱାସ୍ଥ୍ୟ ବିଭାଗର କୌଣସି ଅଧିକାରୀ କିମ୍ବା ସେବିକା ତାଙ୍କୁ ଏପରି ବ୍ୟବହାର ଦେଖାନ୍ତି ତେବେ ଏହା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହା ବ୍ୟତୀତ ଅଭିଯୋଗକାରୀଙ୍କ କହିବାନୁଯାୟୀ, ଜଣେ ସରକାରୀ କର୍ମଚାରୀଙ୍କ ଘଟଣାରେ ତାଙ୍କର ସ୍ୱାମୀ କିମ୍ବା ଅନ୍ୟ କେହି ସମ୍ପର୍କୀୟଙ୍କ ହସ୍ତକ୍ଷେପ ସମ୍ପୂର୍ଣ୍ଣ ଆଇନ ବିରୋଧ। ଘଟଣା ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଙ୍କ ପାଖରେ ଅଭିଯୋଗ ହେବା ପରେ ସେ କହିଛନ୍ତି ଯେ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏଭଳି ସମ୍ବେଦନଶୀଳ ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତଦନ୍ତ କେବେ ଆଉ କିପରି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଚିକିତ୍ସାବେଳେ ଯୁବକଙ୍କ ଅଙ୍ଗ ଚୋରି ମାମଲା: ସମସ୍ତ ଅଙ୍ଗ ଠିକ୍ ଥିବା ନେଇ ଡାକ୍ତରଙ୍କ ସୂଚନା

କନ୍ଧମାଳ, ୧୯/୧୦ (ନି.ପ୍ର): ଚିକିତ୍ସାଧିନ ଅବସ୍ଥାରେ ଯୁବକଙ୍କ କିଡ଼ନୀ ଚୋରି କରିନେଇଥିବା ନେଇ ଘରୋଇ ମେଡ଼ିକାଲ ନାମରେ ସାଙ୍ଘାତିକ ଅଭିଯୋଗ। ଏପରି ଅଭିଯୋଗ ଆଣିଛନ୍ତି ବାଲିଗୁଡ଼ା ଥାନା ସୁଡ୍ରା ପଂଚାୟତର ଟିକରବାଜୁ ଗାଁର ମୃତ ଯୁବକ ବାବୁଲା ଦିଗାଲଙ୍କ ପରିବାର ଲୋକ। ଏନେଇ ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ବାଲିଗୁଡ଼ା ଥାନା ପୋଲିସ ଏକ ମାମଲା ୨୫୭/୨୪ ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରି, ଯୁବକଙ୍କ ମୃତଦେହ କବର ସ୍ଥାନରୁ ଖୋଳି ପୁନଃ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ବାହାର କରିଥିଲା। ସୂଚନା ଅନୁଯାୟୀ ଗତ ୧୩ ତାରିଖ ଦିନ ତୁମୁଡ଼ିବନ୍ଧ ଥାନା ଡଡ଼ଙ୍ଗ ନିକଟରେ ଗାଡ଼ି ଧକ୍କାରେ ବାବୁଲା ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାଲିଗୁଡ଼ା, ଫୁଲବାଣୀ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରୁ ପରିବାର ଲୋକ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତି କରିଥିଲେ। ସେଠାରେ ବାବୁଲାଙ୍କ ବ୍ରେନ୍‌ରେ ମାଡ଼ ହୋଇଥିବାରୁ ଅପେରସନ ପାଇଁ ମେଡିକାଲରେ ଏକଲକ୍ଷ ଟଙ୍କା ମଧ ଜମା ଦେଇଥିଲେ ପରିବାର ଲୋକ। ଚିକିତ୍ସାଧିନ ଅବସ୍ଥାରେ ବାବୁଲାଙ୍କ ମୃତ୍ୟୁପରେ ମୃତଦେହ ଟିକରବାଜୁ ଗାଁକୁ ଆଣିଥିଲେ ପରିବାର ଲୋକ। କିନ୍ତୁ ପେଟରେ କଟାଚିହ୍ନ ଦେଖି ପରିବାର ଲୋକ ବାବୁଲାଙ୍କ କିଡ଼ନୀ ମେଡିକାଲ କର୍ତୃପକ୍ଷ ଚୋରି କରିନେଇଥିବା ନେଇ ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ମୃତଦେହ କବର ସ୍ଥାନରୁ ଖୋଳି ଶବ ବ୍ୟବଛେଦ ପାଇଁ ବାଲିଗୁଡ଼ା ମେଡିକାଲ୍‌କୁ ନିଆଯାଇଥିଲା। ତେବେ ବାଲିଗୁଡା ମେଡିକାଲ୍‌ରେ ଶବ ବ୍ୟବଛେଦ ପକ୍ରିୟା ଶେଷ ହୋଇଥିବାବେଳେ କିଡ଼ନୀ ଚୋରି ହୋଇନଥିବା ନେଇ ଶବ ବ୍ୟବଛେଦ କରିଥିବା ଡାକ୍ତର ବିଶାଳ ଦୋରା ସୂଚନା ଦେଇଛନ୍ତି। ଏଥିସହ ମୃତ ବାବୁଲାଙ୍କ ଶରୀରର ସମସ୍ତ ଅଙ୍ଗ ଠିକ ରହିଥିବା ମଧ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଶବ ବ୍ୟବଛେଦ ରିପୋର୍ଟ ମଧ ବାଲିଗୁଡ଼ା ପୋଲିସକୁ ପ୍ରଦାନ କରାଯିବ ବୋଲି ଶବ ବ୍ୟବଛେଦ କରିଥିବା ଡାକ୍ତର କହିଛନ୍ତି।

# ଗଛକଟାକୁ ତବଡାବାହାଲ ବନ ସୁରକ୍ଷା ସମିତିର ବିରୋଧ

ସମ୍ବଲପୁର, ୧୯/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବନାଂଚଳ ଅନ୍ତର୍ଗତ ତବଡାବାହାଲ ଅଂଚଳରେ ବ୍ୟାପକ ସଂଖ୍ୟାରେ ଗଛକଟା ହୋଇଛି । ଏହାକୁ ବିରୋଧ କରି ସ୍ଥାନୀୟ ବନ ସୁରକ୍ଷା ସମିତି ବନଖଣ୍ଡ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏଥିସହ ସଂପୃକ୍ତ ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ, ତବଡାବାହାଲ ଗ୍ରାମ ସୀମାରେ ବାଲାଜୀ ପଥର ଖଣିର ମାଲିକ ସୁଶୀଲ କୁମାର ଅଗ୍ରୱାଲ ପ୍ରାୟ ୫ଏକର ଜମିରେ ଥିବା ଛୋଟବଡ ଗଛ କାଟି ବିକ୍ରି କରିଥିବା ସମିତି ଅଭିଯୋଗ କରିଛି । ପ୍ରତିବାଦ କରିବାରୁ ସେ ଏହି ଗଛ କାଟିବା ପାଇଁ ଉପର ମହଲରୁ ଅନୁମତି ପାଇଥିବା କହିଛନ୍ତି । ତେବେ ଏତେ ସଂଖ୍ୟକ ଗଛ କାଟିବା ପାଇଁ କିଏ ଓ କାହିଁକି ଅନୁମତି ଦେଇଛି ତାହା ଅସ୍ପଷ୍ଟ ଥିବା ବେଳେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ସ୍ଥଳେ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଂଚଳବାସୀ କୈଳାଶ ମାଝୀ, ଦେବନ୍ତ ସିଂ, ଜିତେନ୍ଦ୍ର ନାଏକ, ବିଶ୍ୱ ମିର୍ଦ୍ଧା, ପିତାମ୍ବର ଧୁରୁଆ, ରୂପେଶ ଭୋଇ ପ୍ରମୁଖ ଦାବି କରିଛନ୍ତି ।

# ସୁଡ୍ରା ଗ୍ରାମପଂଚାୟତରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

କନ୍ଧମାଳ, ୧୯/୧୦ (ନି.ପ୍ର): ବିପର୍ଯ୍ୟୟ ପରିଚାଳନାରେ ଗ୍ରାମପଂଚାୟତର ଭୂମିକା ଅତିବ ଗୁରୁତ୍ୱପୂର୍ଣ୍ଣ । ଏଥିନିମନ୍ତେ ଓଡିଶା ସରକାରଙ୍କ ତରଫରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳରେ ଗ୍ରାମ୍ୟସ୍ତରରୁ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଆଜି ବାଲିଗୁଡା ବ୍ଲକ୍ ର ସୁଡ୍ରା ଗ୍ରାମପଂଚାୟତ ରାଜିବଗାନ୍ଧି ସେବା ଗୃହ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁଡ୍ରା ସରପଂଚ ସରୋଜିନି ମଲ୍ଲିକ ଅଧକ୍ଷତା କରିଥିବା ବେଳେ ନ୍ୟାୟେବ ସରପଂଚ ସହଦେବ ମଲ୍ଲିକ ସଭା ପରିଚାଳନା କରିଥିଲେ । ସ୍ୱାତୀ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସମିତି, କନ୍ଧମାଳ ସହଯୋଗ ପ୍ରଦାନ କରିଥିଲେ । ଅନୁଷ୍ଠାନ ତରଫରୁ ସଂଯୋଜକ ବିଶ୍ୱରଞ୍ଜନ କର ଉପସ୍ଥିତ ରହି ବିପର୍ଯ୍ୟୟ ର ବିଭିନ୍ନ ସ୍ୱରୂପ ଓ ତାର ପୂର୍ବ ପ୍ରସ୍ତୁତି ଏବଂ ପରବର୍ତୀ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥି ସହ ରାଜ୍ୟରେ ପୂର୍ବରୁ ଘଟିଥିବା ମହାବାତ୍ୟା ସମୟ ର ବିପର୍ଯ୍ୟୟ କୁ ଉଦାହରଣ ସ୍ୱରୂପ ନେଇ ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ କରାଯାଇଥିବା ପ୍ରସ୍ତୁତି କିପରି ଧନ, ଜୀବନ ଓ ସମ୍ପତି ରକ୍ଷାକରିବାରେ ସହାୟକ ହେଉଛି ତାହା ସୂଚନା ଦେଇଥିଲେ । ପଂଚାୟତ ସ୍ତରରେ କିପରି ବିପର୍ଯ୍ୟୟ ପରିଚାଳନା କମିଟି ଗଠନ କରି ବିଭିନ୍ନ ବିପର୍ଯ୍ୟୟ, ବନ୍ୟା, ବାତ୍ୟା, ବଜ୍ରାଘାତ, ଭୂସ୍ଖଳନ, ସାପ କାମୁଡା ଭଳି ବିପର୍ଯ୍ୟୟ ର ସୁ ପରିଚାଳନା ହେବ ତାହା ମଧ ଉପସ୍ଥାପନା କରାଯାଇଥିଲା । ପଂଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ପ୍ରିୟବ୍ରତ ସାହୁ ଉପସ୍ଥିତ ରହି ଯୋଜନା ପ୍ରସ୍ତୁତି ଓ କମିଟି ଗଠନ ପରେ କମିଟି ସଦସ୍ୟ ମାନଙ୍କୁ ତାଲିମ ମାଧମରେ କିପରି ବିପର୍ଯ୍ୟୟ କୁ ସାମ୍ନା କରିବାକୁ ପ୍ରସ୍ତୁତ ହେବେ ଓ ପରବର୍ତୀ ପରିଚାଳନା ରେ ସହଯୋଗ କରିପାରିବେ ତାହା ଆଗାମି ଦିନ ମାନଙ୍କରେ ଶିଖାଇବାର ଅଛିବୋଲି କହିଥିଲେ । କାର୍ଯ୍ୟକ୍ରମରେ ବଜ୍ରାଘାତ ରୁ ସୁରକ୍ଷା ସଂପର୍କୀତ ସଚେତନତା ପୋଷ୍ଟର ମାଧମରେ ବୁଝାଯିବା ସହ ପ୍ରତ୍ୟେକ ଗ୍ରମ ରେ ପୋଷ୍ଟର ଲଗାଇ ଜନସାଧାରଣ ଙ୍କୁ ସଚେତନ କରିବା ପାଇଁ ଉପସ୍ଥିତ ଓାଡ୍ ସଭ୍ୟ/ସଭ୍ୟା, ଅଙ୍ଗନବାଡି କର୍ମୀ, ଏମ୍ପିକେ, ଓ ଆଶା କର୍ମୀ ମାନଙ୍କୁ ଅନୁରୋଧ କରାଯାଇଥିଲା । ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ କନ୍ସଲ୍ଟାଂଟ ପ୍ରଭୁପ୍ରସାଦ ମହାରଣା ଓ ଅନୁଷ୍ଠାନର ସମ୍ପାଦକ ଇଂ ହରିଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସ୍ୱେଚ୍ଛାସେବୀ ବାଥୁଏଲ୍ ନାୟକ ପରିଚାଳନା ରେ ସହଯୋଗ କରିଥିଲେ । ଆୟୋଜିତ ବୈଠକ ରେ ସ୍ଥାନୀୟ ଅଂଚଳ ରୁ ଶତାଧିକ ସ୍ୱେଚ୍ଛାସେବୀ, ଜନପ୍ରତିନିଧି, ଆଗଧାଡିର ସ୍ୱାସ୍ଥ୍ୟ କର୍ମୀ, ସରକାରୀ କର୍ମଚାରୀ ଓ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିବା ବେଳେ ଏମ୍.ବି.କେ. ଦିପ୍ତି ମଲ୍ଲିକ କମିଟି ଗଠନ ରେ ସହଯୋଗ କରିଥିଲେ।

# ବ୍ଲକ ସ୍ତରରୁ ଆରମ୍ଭ ହେବ ପଏଁରୀ ରୌପ୍ୟ ଜୟନ୍ତୀ ସମାରୋହ

ସୁବର୍ଣ୍ଣପୁର, ୧୯/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ସମାରୋହ ମହା ଆଡମ୍ବରେ ପାଳନ କରିବ। ସେଥିପାଇଁ ଅନୁଷ୍ଠାନର ସଂପାଦକ ଚୌଧୁରୀ ବିଭାରଙ୍କ ଆବାହକରେ ଏବଂ ସଭାପତି ଶ୍ରୀ ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା। ପ୍ରଥମେ ୬ ଟି ବ୍ଲକରୁ ଆସିଥିବା ବ୍ଲକ କଳା ସଂସ୍କୃତି ସଂଘର ଉପ-ସଭାପତି ମାନଙ୍କୁ ସ୍ୱାଗତ ସର୍ମ୍ଧନା ଦିଆଯାଇଥିଲା। ଜିଲ୍ଲାର ସମସ୍ତ ଲୋକକଳା ଓ କଳାକାରମାନେ କିପରି ତାଙ୍କର ପାରମ୍ପରିକ ଲୋକକଳା ପ୍ରର୍ଦଶନ କରିପାରିବେ ସେ ବିଷୟରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ପ୍ରଥମେ ଜିଲ୍ଲାର ୬ ଟି ବ୍ଲକରେ ପଏଁରୀ ତିହାର ଆୟୋଜନ କରାଯାଉ ବୋଲି ବ୍ଲକ ସଭାପତିମାନେ ପ୍ରସ୍ତାବ ରଖିଥିଲେ। ବ୍ଲକ କଳା ଓ ସଂସ୍କୃତି ସଂଘର ଉପ ସଭାପତି ମାନଙ୍କ ଅନୁରୋଧ କ୍ରମେ ନଭେମ୍ବର ୧୭ ରେ ତରଭା ବ୍ଲକ, ନଭେମ୍ବର ୨୪ରେ ଡୁଙ୍ଗୁରିପାଲି ବ୍ଲକ, ଡିସେମ୍ବର ୧ରେ ବିନିକା ବ୍ଲକ, ଡିସେମ୍ବର ୮ରେ ଉଲୁଣ୍ଡା ବ୍ଲକ, ଡିସେମ୍ବର ୧୫ ରେ ସୋନପୁର ବ୍ଲକ ଓ ଡିସେମ୍ବର ୨୨ରେ ବିଏମପୁର ବ୍ଲକ ମାନଙ୍କରେ ଆୟୋଜନ ହେବ ପଏଁରୀ ତିହାର। ଏବଂ ପ୍ରତି ବ୍ଲକରୁ ୩୦୦ ଲୋକକଳାକାର ଭାଗ ନେବେ ଜାନୁୟାରୀ ମାସ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଏଁରୀ ତିହାର-୨୦୨୫। ଜିଲ୍ଲା ସ୍ତରୀୟ ପଏଁରୀ ତିହାରରେ ବିଭିନ୍ନ ଜିଲ୍ଲାରୁ ତଥା ଜିଲ୍ଲା ବାହାର ଆସାମ, ହରିଆଣା, ମଧ୍ୟପ୍ରଦେଶର, କଲିକତା ଓ ଛତିଶଗଡର କଳାକାରମାନେ ତାଙ୍କର ନୃତ୍ୟ ଓ ଗୀତ ପରିବେଷଣ କରିବେ ବୋଲି ସଂପାଦକ ଚୌଧୁରୀ ବିଭାର ସୂଚନା ଦେଇଥିଲେ। ଯେଉଁ ମାନେ କଳା ସଂସ୍କୃତି ପାଇଁ ଜୀବନ ବ୍ୟାପି ସାଧନା କରିଛନ୍ତି ସେମାନଙ୍କୁ ପଏଁରୀ ସମ୍ମାନରେ ସମ୍ମାନିତ କରାଯିବ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଓ ସଦସ୍ୟାମାନଙ୍କୁ ମଧ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯିବ। ଏହି ବୈଠକରେ ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ ଓ ଅଭିମନ୍ୟୁ କୁଶଳ ସହିତ ବ୍ଲକ କଳା ଏ ସଂସ୍କୃତି ସଂଘର ଉପ ସଭାପତି ଶ୍ରୀ ମାନଭଂଜନ ମିଶ୍ର, ତରଭା ବ୍ଲକ, ଶ୍ରୀ ରମେଶ ପ୍ରଧାନ, ଡୁଙ୍ଗୁରିପାଲି ବ୍ଲକ, ଶ୍ରୀ ନନ୍ଦକାହ୍ନା ପୁଝାରୀ, ସୋନପୁର ବ୍ଲକ, ଶ୍ରୀ ନିରାକାର ଦେହେରୀ, ବିନିକା ବ୍ଲକ, ଶ୍ରୀ ଶ୍ୟାମ ସୁନ୍ଦର ସୁନା, ଉଲୁଣ୍ଡା ବ୍ଲକ, ଶ୍ରୀ ରାମକୃଷ୍ଣ ହୋତା, ବିଏମପୁର ବ୍ଲକ ସହିତ ଅନୁଷ୍ଠାନର ଉପ ସଭାପତି ଶ୍ରୀ ପ୍ରଫୁଲ୍ଲ ନାଏକ, ସହ-ସଂପାଦକ ପୃଥିରାଜ ବାଗ, କୋଷାଧକ୍ଷ ସୁଶାନ୍ତ ସାହୁ, କାର୍ଯ୍ୟକାରୀ ସଦସ୍ୟ ଗୋପାଳ ମେହେର, ସନ୍ତୋଷ କୁମାର ପାଢୀ, ସୋମ୍ୟରଂଜନ ସେଠି, ଅମିତ ସାହୁ, ରୋହନ ସାହୁ, ମହାଦେବ ବେହେରା, ଗୋକୁଳ ମାଝି, ଭୂଷଣ ଦେହୁରୀ, ବୌରାଗି ବାଘ, ଶ୍ରୀଧର ପେରା, ଶିଦ୍ଧେଶ୍ୱର ରାଜହଂସ, ଲଳିତ ମେହେର, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଉପ ସଭାପତି ଶ୍ରୀ ପ୍ରଫୁଲ୍ଲ କୁମାର ନାଏକ ଧନ୍ୟବାଦ୍ୟ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ଇଜ୍‌ତମା ପାଇଁ ବିଧାୟକ ଜିଲ୍ଲାପାଳଙ୍କର କ୍ଷେତ୍ର ପରିଦର୍ଶନ

କେନ୍ଦ୍ରାପଡ଼ା, ୧୯/୧୦ (ନି.ପ୍ର): କେନ୍ଦ୍ରାପଡ଼ାର ଚଉଦକୁଲାଟ ଠାରେ ରାଜ୍ୟସ୍ତରୀୟ ଇଜ୍‌ତମା ପାଇଁ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଇଜ୍‌ତମା ହେବାକୁ ଥିବା କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲେଚନା କରିଛନ୍ତି । ଚନ୍ଦନପୁର ପଂଚାୟତର ଚଉଦକୁଲାଟ ଠାରେ ଆସନ୍ତା ଫେବୃଆରୀ ମାସ ୭, ୮, ୯ ତିନି ଦିନ ଧରି ଇଜ୍‌ତମା ଅନୁଷ୍ଠିତ ହେବ। ଏଥିପାଇଁ ଚନ୍ଦନପୁର ଅଂଚଳରେ ଥିବା ପ୍ରାୟ ୧୦୦ ଏକର ଚାଷ ଜମିର ମାଲିକମାନଙ୍କ ଠାରୁ ଅନୁମତି ନିଆଯାଇଛି। ଏନେଇ ଶୁକ୍ରବାର ସକାଳେ ପ୍ରାକ୍ତନ ଅଧାପକ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ଚନ୍ଦନପୁର ସରପଂଚ ରମାକାନ୍ତ ମଲିକ, ସାଂସଦଙ୍କ ପ୍ରତିନିଧି ସଲିମ ଖାନ, ଗାଙ୍ଗପଡ଼ା ସରପଂଚ ଅଶ୍ୱିନୀ ପାତ୍ର, ପୂର୍ବତନ ସରପଂଚ ସୁବାସଚନ୍ଦ୍ର ନାଥଶର୍ମା, ନିର୍ମଳ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଇଜ୍‌ତମା ପଡ଼ିଆରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା ଓ ଯାତାୟତ ରାସ୍ତା ଏବଂ ଗାଡ଼ି ପାର୍କିଂ ପାଇଁ ସ୍ଥାନ ସମ୍ପର୍କରେ ଆଲୋଚନା କରାଯାଇଛି । ଜିଲ୍ଲପାଳ ଓ ବିଧାୟକ ଏଗୁଡିକୁ ଯୋଗାଇ ଦେବାପାଇଁ ପ୍ରତିଶୃତି ଦେଇଛନ୍ତି। ଏଥିସହିତ ରାଜ୍ୟର ୩୦ଟି ଜିଲ୍ଲାରୁ ଏହି ଧର୍ମ ସଭାରେ ଯୋଗ ଦେବାକୁ ଅସିବାକୁ ଥିବା ଭକ୍ତମାନଙ୍କର କୌଣସି ପ୍ରକାର ଅସୁବିଧା ନହୁଏ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲେଚନା କରାଯାଇଥିଲା। ଉକ୍ତ ଏହି ପ୍ରସ୍ତୁତି ବୈଠଖରେ ଇଜ୍‌ତମା କମିଟିର ସଭାପତି ଆଫତାବ ଆଲାମଙ୍କ ସମେତ ୮ଟି ପଂଚାୟତର ସରପଂଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ଉ

ଜୟପୁର, ୧୯/୧୦ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଅବକାରି ଚଢଉ ହୋଇଛି । ମଦ ମାଫିଆ ମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା, ଡିଏଫଏସ. ଅବକାରି ନିରିକ୍ଷକ, ସଦର ପୋଲିସର ମିଳିତ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣାସ୍ଥଳରୁ ୨୫ ଶହ ଲିଟର ପୋଚ, ୨ଶହ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ରାଜୁ କୁମାର ଖୁଁଟି ସୂଚନା ଦେଇଛନ୍ତି ।

# ଦେବୋତ୍ତର ସହକାରୀ କମିଶନରଙ୍କ ଶ୍ରୀ ବଳଦେବଜୀଉ ମନ୍ଦିର ପରିଦର୍ଶନ

କେନ୍ଦ୍ରାପଡ଼ା, ୧୯/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ଦେବୋତର ବିଭାଗର କଟକ ଜୋନର ଅତିରିକ୍ତ ସହକାରୀ କମିଶନର ପ୍ରକାଶ କୁମାର କର ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସି ଆରାଧ ଦେବ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରିବା ସହ ମନ୍ଦିର ପରିଦର୍ଶନ କରିଥିଲେ। ଶ୍ରୀ କର ଇଛାପୁର ରେ ପହଂଚିବା ପରେ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ତଥା ଦେବୋତର ବିଭାଗର ଇନିସପେକ୍ଟର ଶକ୍ତି ପ୍ରସାଦ ନାୟକ ପ୍ରମୁଖ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ଶ୍ରୀ କର ଦିଅଁମାନଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିବା ସହ ମନ୍ଦିର ପରିସର ବୁଲି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ । ମନ୍ଦିର ପରିସରରେ ଥିବା ଝୁଲଣ ଘର ଓ ଅନ୍ୟାନ୍ୟ ବାରଣ୍ଡାରେ ବହୁ ସଂଖ୍ୟକ ସିନ୍ଦୁକ ରଖା ଯାଇଥିବା ରୁ ଅସନ୍ତୋଷ ପ୍ରକାଶ କରିବା ସହ ଏହାକୁ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରି ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ମନ୍ଦିରର ସୌନ୍ଦର୍ଯ୍ୟ ରକ୍ଷା କରିବା, ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନରେ ସହାୟତା କରିବା ତଥା ପରିବେଶକୁ ସ୍ୱଚ୍ଛ ଓ ପବିତ୍ର ରଖିବା ସମସ୍ତଙ୍କର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ସେବକମାନଙ୍କ ପକ୍ଷରୁ ତାଙ୍କୁ ଜୀୟୁମାନଙ୍କ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି ପରିଦର୍ଶନ ସମୟରେ ଦେବୋତର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସହାୟତା କରିବା ସହ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ ।

# ୟୁକୋ ବ୍ୟାଙ୍କ ତରଫରୁ ଅଟଳ ପେନ୍‌ସନ ଯୋଜନା ଆଉଟ୍‌ରିଚ କାର୍ଯ୍ୟକ୍ରମ

ପୁରୀ, ୧୯/୧୦ (ନି.ପ୍ର): ଅଟଳ ପେନ୍‌ସନ୍ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପେନ୍‌ସନ୍ ପାଣ୍ଠିନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆଡିଏ) ପକ୍ଷରୁ ୟୁକୋ ବ୍ୟାଙ୍କ, ଆବାହକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି), ଓଡିଶା ଆନୁକୂଲ୍ୟରେ ଆଜି ପୁରୀ ଚକ୍ରତୀର୍ଥ ରୋଡସ୍ଥିତ ହୋଟେଲ ହଲିଡେ ରିସୋର୍ଟରେ ରାଜ୍ୟସ୍ତରୀୟ ଅଟଳ ପେନ୍‌ସନ୍ ଯୋଜନା ସମ୍ପର୍କୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟାଙ୍କର ପ୍ରଶାସନିକ ମୁଖ୍ୟ, ଡିଡିଏମ୍ ନାବାର୍ଡ, ସମସ୍ତ ଜିଲ୍ଲାରଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ, ବିଦ୍ୟମାନ ତଥା ସାମ୍ଭାବ୍ୟ ଅଟଳ ପେନ୍‌ସନ୍ ହିତାଧିକାରୀ, ମହିଳା ସ୍ୱୟଂ ସହାୟକଗୋଷ୍ଠୀର ସଦସ୍ୟା, ବିଭିନ୍ନ ବ୍ୟାଙ୍କର ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନସହ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଗୌତମ ପାତ୍ର ମହାପ୍ରବନ୍ଧକ, ୟୁକୋ ବ୍ୟାଙ୍କ ତଥା ଆବାହକ,ଏସ୍‌ଏଲ୍‌ବିସି ସ୍ୱାଗତ ଭାଷଣ ଦେଇଥିଲେ । ପେନ୍‌ସନ୍ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆଡିଏ)ର ଅଧକ୍ଷ ଡଃ ଦୀପକ ମହାନ୍ତି ତାଙ୍କ ଅଭିଭାଷଣରେ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁପେନ୍‌ସନ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଓଡିଶାରେ କାର୍ଯ୍ୟକରୁଥିବା ସମସ୍ତ ବ୍ୟାଙ୍କ ସେମାନଙ୍କଅଟଳ ପେନ୍‌ସନ୍ ଯୋଜନା (ଏପିୱାଇ) ପଞ୍ଜୀକରଣ କ୍ଷେତ୍ରରେ ଉନ୍ନତି ଆଣିବାକୁ ସେ ପରାମର୍ଶ ଦେଇଛନ୍ତି । ପୁରୀ ଜିଲ୍ଲା ପରିଷଦର ଗୋଷ୍ଠୀ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ତାଙ୍କ ଅଭିଭାଷଣରେ ଅସଂଗଠିତ କ୍ଷେତ୍ରରେ ଲୋକଙ୍କ ଉନ୍ନତି ପାଇଁ ମନୋଭାବ, ଦକ୍ଷତା ଓ ଜ୍ଞାନର ମିଶ୍ରଣ ଉପରେ ଧ୍ୟାନ ଦେବାକୁସମସ୍ତ ଅଂଶୀଦାରମାନଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ବିଆଇ ସିଜିଏମ୍ ଦୀନେଶ ପରୁଥି ତାଙ୍କ ଅଭିଭାଷଣରେ ସାମାଜିକ ନିରାପତା ଏବଂ ଆର୍ଥିକଅନ୍ତର୍ଭୁକ୍ତିକରଣ ପ୍ରତି ଏସ୍‌ବିଆଇର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଅଟଳ ପେନ୍‌ସନ୍ ଯୋଜନା (ଏପିୱାଇ)କୁ ପ୍ରଚାର କରିବାକୁ ସମସ୍ତ ଅଂଶୀଦରଙ୍କୁ ପରାମର୍ଶ ଦେଇଥିଲେ। ପିଏଫ୍‌ଆଇଡିଏର ସିଜିଏମ୍ ପ୍ରବେଶ କୁମାର ତାଙ୍କ ଅଭିଭାଷଣରେ ଓଡିଶାରେ ଏପିୱାଇର ଉଚ୍ଚସମ୍ଭାବନା ଉପରେ କହିଥିଲେ । ୫ଟି ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଓ ୬ ଟି ବ୍ୟାଙ୍କକୁ ପୁରସ୍କାର ପ୍ରଦାନ କରାଯାଇଥିଲା ।୨୦୨୩-୨୪ ଆର୍ଥିକ ବର୍ଷରେ ଏପିୱାଇରେ ଉଲ୍ଲେଖନୀୟ ସଫଳତା ପାଇଁ ୮ଟି ବ୍ୟାଙ୍କ ଓ ୨୦ ଟି ଅଗ୍ରଣୀଜିଲ୍ଲା ପ୍ରବନ୍ଧକଙ୍କୁ ପ୍ରୋଟୋଟାଇପ୍ ପ୍ରାନ୍ କାର୍ଡ ପ୍ରଦାନ କରାଯାଇଥିଲା। ପିଏଫ୍‌ଆଇଡିଏର ଡିଜିଏମ୍ ପ୍ରିୟଙ୍କାଗୁପ୍ତା ଏପିୱାଇର ପିପିଟି ଉପସ୍ଥାପନା କରି ଓଡିଶାରେ ଏହାର ଲାଭ ବ୍ୟାଙ୍କଗୁଡିକର ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ । ଏସ୍‌ଏଲ୍‌ବିସି ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ ।

# ମସ୍ତିଷ୍କ ଭ୍ରମ ଯୁବକଙ୍କର ଉନ୍ମକ୍ତ କାଣ୍ଡ : ବିଦ୍ୟାଳୟ ୪ର୍ଥ ଶ୍ରେଣୀ କର୍ମଚାରୀ ଆହତ : ଥାନାରେ ମାମଲା

ଧର୍ମଶାଳା, ୧୯/୧୦ (ନି.ପ୍ର): ବିଦ୍ୟାଳୟ ପରିସରରେ ମସ୍ତିଷ୍କଭ୍ରମ ଯୁବକଙ୍କ ଉନ୍ମକ୍ତ ଲଙ୍କାକାଣ୍ଡ । ଯୁବକଙ୍କ ଆକ୍ରମଣରେ ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ଆହତ । ଏହା ସହିତ ସ୍ଥାନୀୟ ଅଂଚଳର ଯୁବକଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ନେଇ ଥାନାରେ ପୃଥକପୃଥକଭାବେ ୨ଟି ମାମଲା ରୁଜୁ ହୋଇଥିବା ଜଣାପଡିଛି । ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରିଛି । ଲଙ୍କାକାଣ୍ଡ ଭିଆଇଥିବା ଯୁବକ ଫେରାର ଥିବା ଜଣାପଡିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଧର୍ମଶାଳା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅରେଇକଣା ପଂଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ । ସୂଚନା ମୁତାବକ,ଆଜି ଦିନ ପାଖାପାଖି ଏକଟା ସମୟରେ ଅରେଇକଣା ( ବଳିଆସିଂହ)ସାହିର କୁଞ୍ଜ ବିହାରୀ ବଳିଆସିଂହଙ୍କ ପୁଅ ମାନସ ରାୟ(୪୫) ପଂଚାୟତ ଉଚ୍ଚ ବିଦ୍ୟାଳୟ ପରିସରକୁ ହଠାତ୍ ମରଣାସ୍ତ୍ର ଧରି ଅସଭ୍ୟ ଭାଷା କହି ପଶି ଆସିଥିଲେ । ଏହାକୁ ବିଦ୍ୟାଳୟ ଶିକ୍ଷା କର୍ମଚାରୀ ବିରୋଧ କରିଥିଲେ । ଫଳରେ ମାନସଙ୍କ ଆକ୍ରମଣରେ ବିଦ୍ୟାଳୟର ପିଅନ ବାବୁଲି ବାରିକଙ୍କ ମୁହଁ ଫାଟି ଯାଇଥିଲା । ଫଳରେ ଏହି ଖବର ପ୍ରଚାରିତ ହେବା ପରେ ମାନସ ସେଠାରୁ ପଳାଇ ଯାଇଥିଲା । ଏବଂ ଯିବା ସମୟରେ ଗ୍ରାମର କିଛି ମୁରବୀ ଓ ଯୁବକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ସେଠାରୁ ଫେରାର ହୋଇଯାଇଥିଲା । ଏହି ଘଟଣାରେ ବାବୁଲିଙ୍କ ମୁର୍ଦ୍ଧରୁ ରକ୍ତ ସ୍ରାବ ହୋଇଥିଲା । ଏହି ଗଟଣାକୁ ନେଇ ବିଦ୍ୟାଳୟ କତୃପକ୍ଷ ଓ ଗ୍ରାମବାସୀଙ୍କ ପକ୍ଷରୁ ମାନସଙ୍କ ନାମରେ ବାଲିଚନ୍ଦ୍ରପୁର ଥାନାରେ ପୃଥକ ପୃଥକଭାବେ ୨ଟି ଅଭିଯୋଗ କରାଯାଇଥିବା ଜଣାପଡିଛି । ଅଭିଯୋଗ ପାଇ ପୋଲିସ ବିଦ୍ୟାଳୟରେ ପଂହଚି ସମସ୍ତ ଶିକ୍ଷାକର୍ମଚାରୀଙ୍କ ଓ ଗ୍ରାମବାସୀଙ୍କ ଆଲୋଚନା କରି ଘଟଣାର ତଦନ୍ତ କରି ଫେରିଯାଇଥିଲେ । ଘଟଣା ଘଟାଇବା ପରେ ମାନଓ ଫେରାର ହୋଇଯାଇଥିବବା ଜଣାପଡିଛି । ପୋଲିସ ଘଟଣାର ତଦନ୍ତ କରିଛି । ମୁଣ୍ଡ ଦୋଷ ଥବବାରୁ ମାନଓ ଏହି ଅଂଚଳରେ ବାରମ୍ବାର ଏଭଳି ଘଟଣା ଘଟାଇ ଆସୁଛି । ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବ ବୋଲି ସରପଂଚ ସଂଜୟ କୁମାର ରାୟ କହିଛନ୍ତି ।

# ଯୁବ ଭାରତ କୃଷକ ସଂଘ ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ ଶିବିର: ସରକାର ଚାଷୀଙ୍କ ଦୁଃଖ ନ ଶୁଣିଲେ ଆନ୍ଦୋଳନର ଚେତାବନୀ

ଧର୍ମଶାଳା, ୧୯/୧୦ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତରେ କୃଷକଙ୍କ ମେଳି । ଚାଷ ଓ ଚାଷୀଙ୍କ ସମସ୍ୟା ନେଇ ଜିଲାରେ ମୁଣ୍ଡ ଟେକିଛି ଆଉ ଏକ କୃଷକ ସଂଗଠନ । ଯାଜପୁର ବ୍ଲକ ଛାଲପଡା ପଂଚାୟତ ମା’ ଜାଡେଇ ବିଦ୍ୟାଳୟ ଖେଳ ପଡିଆ ପରିସରରେ ପଂଚାୟତର ଅଗ୍ରଣୀ ଚାଷୀ ଓ ନେତୃମଣ୍ଡଳୀ ଏକାଠି ହୋଇଥିଲେ । ଯାଜପୁର ବ୍ଲକ ଯୁବ ଭାରତ କୃଷକ ସଂଘ ସଭାପତି ଭାଗିରଥୀ ରଣାଙ୍କ ସଭାପତିତ୍ୱରେ ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଏହି ବୈଠକରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଓ ଅଧିକାର ସମ୍ପର୍କରେ ଆଲୋଚନା କରାଯିବା ସହିତ କୃଷକ ସେବା କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ହୋଇଥିଲା । ଏବଂ ସରକାରଙ୍କର ବିଭିନ୍ନ ବିର୍ଭିନ୍ନ ଯୋଜନା ବାଟମରଣା ହେଉଥିବା ଅଭିଯୋଗ ହୋଇଛି । ଚାଷ ଜମିକୁ ଜଳସେଚନ, ସରକାରୀ ରିହାତିରେ ସାର, ବିହନ, କୀଟନାଶକ ଔଷଧ ପ୍ରଦାନ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଚାଷୀଙ୍କୁ ପେନସନ ପ୍ରଦାନ କରିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଏହି ସଂଗଠନ ଚାଷୀମାନଙ୍କ ସ୍ୱାର୍ଥ ଓ ନ୍ୟାର୍ଯ୍ୟ ଅଧିକାର ପାଇଁ ଲଢେଇ କରିବା ବୋଲି ଜିଲା ଉପଦେଷ୍ଟା ନକୁଳ ଚରଣ ରାଉତ,ରସୁଲପୁର ବ୍ଲକ ସଭାପତି ବଟକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇ ଚାଷୀ ସମସ୍ୟା ଦିଗରେ ଆଲୋଚନା କରିଥିଲେ । ଏହି ଅବସରରେ ଯାଜପୁର ବ୍ଲକ କମିଟି ଘୋଷଣା କରାଯାଇଥିଲା ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୦ ଅକ୍ଟୋବର ୨୦୨୪
email :
rabibarachayan2015@gmail.com



## ଧାରାବାହିକ ଉପନ୍ୟାସ

# ବୈଦେହୀ



### ଡ.ଭାଗବତ ବେହେରା

**ଭାଗ-୭୧**

(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଆମର ଏହି କଥୋପକଥନ ଭିତେର ରକ୍ତାକ୍ତ ରାବଣ ଅଟ୍ଟହାସ୍ୟ କରି ଆସି ଆମ ନିକଟରେ ଉପନୀତ ହୋଇ କହିଥିଲା, ରାବଣ ଯାହା କହେ ତାହା କରେ ସୀତା । ତୁମ ସ୍ୱାମୀଙ୍କୁ ମାରିବାର ଶପଥ ମୁଁ ନେଇଥିଲି । ଏଇ ଦେଖ ତୁମ ସ୍ୱାମୀଙ୍କୁ ହତ୍ୟାକରି, ତୁମର ବିଶ୍ୱାସ ଜନ୍ମାଇବା ନିମିତ୍ତ ମୁଁ ତାର କଟାମୁଣ୍ଡ ନେଇଆସିଛି । ଏହା କହି ରାବଣ ମୋ ସ୍ୱାମୀଙ୍କର କଟାମୁଣ୍ଡକୁ ମୋ ପାଦତଳକୁ ପକାଇ ଦେଇଥିଲା । ମୁଁ ଚିତ୍କାର କରି ଉଠିଲି ସୁଧାମୟୀ । ନା ଏହା କେବେ ହୋଇପାରେନା । ମୋ ସ୍ୱାମୀ ସାଧାରଣ ମଣିଷ ନୁହଁନ୍ତି, ରାବଣ । ସେ ମହାଯୋଦ୍ଧା । ରଘୁବଂଶର ତିଳକ ସେ ମର୍ଯ୍ୟାଦା ପୁରୁଷୋତ୍ତମ । ତାଙ୍କୁ ମାରିବାର ଶକ୍ତି ଏ ବିଶ୍ୱମଣ୍ଡଳରେ କାହାରି ନାହିଁ ।

ମୋ କଥା ଶୁଣି ଖୁବ୍ ଜୋରରେ ଅଟ୍ଟହାସ୍ୟ କରି ରାବଣ କହିଥିଲା, ତୁମ ସ୍ୱାମୀର କଟାମୁଣ୍ଡ ଦେଖିଲା ପରେ ତୁମେ ବିଶ୍ୱାସ କରିପାରୁ ନାହଁ ଦେବୀ । ଦେଖଦେଖ ଭଲକରି ନିରୀକ୍ଷଣ କରି ଦେଖ ଏ ତୁମର ସ୍ୱାମୀ କି ନୁହେଁ । ଆଜି ଯୁଦ୍ଧର ପରିସମାପ୍ତି ମୁଁ ଘଟାଇ ଦେଇଛି ତୁମ ସ୍ୱାମୀ ଜଟାଧାରୀ ରାମକୁ ବଧ କରି । ଏବେ ତୁମେ ତାର କଟାମୁଣ୍ଡକୁ ଧରି ସାରା ରାତ୍ରି କ୍ରନ୍ଦନ କର । ମୁଁ ଚାଲିଲି ଲଙ୍କାରେ ଆନନ୍ଦ ଉତ୍ସବ ପାଳନ କରିବି। ଆସନ୍ତାକାଲି ତୁମ ସ୍ୱାମୀର ମୃତପିଣ୍ଡ ଏଇ ଲଙ୍କାମାଟିରେ ଦହନ ହେବ । ଏହା କହି ରାବଣ ଅଟ୍ଟହାସ୍ୟ କରି ସେ ସ୍ଥାନରୁ ଅପସରି ଯାଇଥିଲା ।

ସ୍ୱାମୀଙ୍କର କଟାମୁଣ୍ଡ ଦେଖି ମୁଁ ଆଉ ଧୈର୍ଯ୍ୟ ଧରି ପାରି ନଥିଲି ସୁଧାମୟୀ । ପ୍ରଭୁ ପ୍ରଭୁ କହି ମୁଁ ଲୋଟିପଡ଼ିଲି ସେହି କଟାମସ୍ତକ ଉପରେ । ମସ୍ତକଟିକୁ ତଳୁ ଉଠାଇ ନିରୀକ୍ଷଣ କରୁକରୁ ମୁଁ ସଂଜ୍ଞା ହରାଇ ବସିଥିଲି । ମୋର ଯେତେବେଳେ ଚେତା ଫେରିଲା ମୁଁ ଦେଖିଲି ମୋ ପାଖରେ ତ୍ରିଜଟା ସହିତ ଅନ୍ୟ ସେବିକାମାନେ ବେଢ଼ି ରହିଛନ୍ତି । ତ୍ରିଜଟା ମୋତେ ବୁଝାଇ କହୁଥାନ୍ତି, "ମାଆଲୋ ତୁ ରାବଣର ଏହି ସାମାନ୍ୟ ମାୟାରେ ଭୁଲିଗଲୁ ।"

ତାଙ୍କ କଥା ଶୁଣି ମୁଁ କାନ୍ଦିକାନ୍ଦି କହିଥିଲି, ମାଆ ତ୍ରିଜଟା ମୋ ସ୍ୱାମୀଙ୍କର କଟାମୁଣ୍ଡକୁ ମୁଁ ମାୟା ବୋଲି ମଣିବି କେମିତି ? ଯାହାକୁ ମୁଁ ସ୍ୱଚକ୍ଷୁରେ ଦେଖୁଛି ତାକୁ ମିଥ୍ୟା ବୋଲି ମଣିବି କେମିତି ?

ମୋ କଥା ଶୁଣି ତ୍ରିଜଟା କହିଥିଲେ ମାୟା ଘୋର ମାୟା ମା ଜାନକୀ । ରାବଣଠାରୁ ମାୟାବୀ ଏ ସଂସାରରେ କିଏ ଅଛି ? ଏଠାରେ ତୋ ସ୍ୱାମୀଙ୍କ କଟାମୁଣ୍ଡ ଦେଖି ମୁଁ ଧାଇଁ ଯାଇଥିଲି ତୁମ ସ୍ୱାମୀଙ୍କ ଶିବିର ନିକଟକୁ । ସେଠାରେ ଯାଇ ଦେଖିଲି ତୁମ ସ୍ୱାମୀ ତୁମ କଟାମୁଣ୍ଡ ଧରି କ୍ରନ୍ଦନ କରୁଛନ୍ତି ।

ତ୍ରିଜଟାର କଥାରେ ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି ସୁଧାମୟୀ । ମୁଁ ତ ଏଠାରେ ଜୀବିତ ରହି ମୋ ସ୍ୱାମୀଙ୍କ କଟାମୁଣ୍ଡ ଧରି କାନ୍ଦୁଛି। ମୋ ସ୍ୱାମୀ ମୋ କଟାମୁଣ୍ଡ ଧରି କାନ୍ଦୁଛନ୍ତି କିପରି ? ଏହା କ'ଣ ସମ୍ଭବ ? ଅତ୍ୟନ୍ତ ଆବେଗରେ ମୁଁ ପଚାରିଥିଲି ଏହା କ'ଣ ସତ୍ୟ ମାଆ ତ୍ରିଜଟା ।

ତୁ କ'ଣ ଆଜି ପର୍ଯ୍ୟନ୍ତ ତୋର ଏ ଅସୁରୁଣୀ ମାଆଟାକୁ ଚିହ୍ନିପାରିଲୁ ନାହିଁ ମାଆ ଜାନକୀ । ମୁଁ କ'ଣ ନିଜ ଆଖିକୁ ଅବିଶ୍ୱାସ କରିବି । ସେଠାରେ ପ୍ରବେଶି ମୁଁ ଶୁଣିବାକୁ ପାଇଲି ରାବଣ ତୋତେ ରଥରେ ବସାଇ ନେଇ ତୋ ସ୍ୱାମୀଙ୍କ ନିକଟରେ ଉପନୀତ କରାଇ, "କହିଥିଲା ତୋର ଏଇ ଛାର ସ୍ତ୍ରୀଟା ପାଇଁ ତୁ ମୋ ସହିତ ଲଢୁଛୁ ରାମ । ଆଜି ଏହିଠାରେ ମୁଁ ତୋ ସ୍ତ୍ରୀକୁ ଶେଷ କରି ଦେଇଯିବି। ଏହାକହି ଲଙ୍କପତି ସଂଗେସଂଗେ ତାର କୃପାଣରେ ତୋ ମସ୍ତକ ଛେଦନ କରି ଫିଙ୍ଗିଦେଇ ସେଠାରୁ ପଳାଇ ଆସିଛି ।" ସେ ସ୍ଥାନରେ ତୋ ସ୍ୱାମୀଙ୍କ ନିକଟରେ ତୋ କଟା ମସ୍ତକ ପକାଇ ଦେଇ ଆସି ଏଠାରେ ତୋତେ ତୋ ସ୍ୱାମୀର କଟାମୁଣ୍ଡ ଆଣି ଦେଇଯାଇଛି । ଏହା ଲଙ୍କପତି ରାବଣର ମାୟା ଲୋ ମାଆ ସୀତା । ଏହା ତାର ଅଲୌକିକ ମାୟାଶକ୍ତି । ତୁ କାହିଁକି ଏ ମିଥ୍ୟା ରାମ ମୁଣ୍ଡଟାକୁ ଧରି କ୍ରନ୍ଦନ କରୁଛୁ । ତୁ ଅପେକ୍ଷାକର କିଛି ସମୟ ପରେ ଏ ମାୟା ଆଉ କାମ କରିବ ନାହିଁ । ଏ ମସ୍ତକ ଆପେଆପେ ଏଠାରୁ ଅଦୃଶ୍ୟ ହୋଇଯିବ। ଏହାକହି ତ୍ରିଜଟା ଏକ ମନ୍ତ୍ରଶକ୍ତି ଦ୍ୱାରା ସେ କଟା ମସ୍ତକରେ ହସ୍ତ ବୁଲାଇ ଦିଅନ୍ତେ ତାହା ସଂଗେସଂଗେ ଉଭେଇ ଯାଇଥିଲା ।

ଏ ଦୃଶ୍ୟ ଦେଖି ମୁଁ କାଠ ପାଲଟି ଯାଇଥିଲି ସୁଧାମୟୀ । କ'ଣ ସବୁ ଘଟୁଯାଉଛି ଏ ସ୍ଥାନରେ। ଏ ପ୍ରକାର କର୍ମ କରିବାର ରାବଣର ଉଦ୍ଦେଶ୍ୟ କ'ଣ ? କ'ଣ ପାଇଁ ସେ ଏମିତି ମାୟା ରଚନା କରୁଛି ।

ମୋର ମନ ଭାବକୁ ଜାଣିପାରି ମା' ତ୍ରିଜଟା କହିଥିଲେ ସୀତା ତୁମ ସ୍ୱାମୀ ତୁମ କଟା ମସ୍ତକ ଧରି ଏମିତି କ୍ରନ୍ଦନ କରୁଥିବା ବେଳେ ମୁଁ ତାଙ୍କୁ ତୁମ କଥା କହି ସାନ୍ତ୍ୱନା ଦେଇ ଆସିଛି । ସୀତା ଅଶୋକବନରେ ଅଛନ୍ତି । ମୁଁ ତାଙ୍କଠାରୁ ଆସିଛି ବୋଲି କହିଲେ ମଧ ସେ ମୋ କଥା ବିଶ୍ୱାସ କରୁନଥିଲେ । ମୋ ହସ୍ତର ଛୁଆଁ ପାଇ ତୋ ମାୟା ମସ୍ତକ ଉଭେଇ ଯିବାରୁ ସେ ମୋ କଥାକୁ ସତ୍ୟ ବୋଲି ମଣିଲେ । ତୁ ସେମିତି...

ତାଙ୍କ କଥା ଶୁଣି ମୁଁ କାନ୍ଦିକାନ୍ଦି ତାଙ୍କ ଛାତିରେ ଲୋଟିଯାଇ କହିଥିଲି, ତୁମେ ଆଜି ମୋତେ ବଞ୍ଚାଇ ଦେଲ ମାଆ । ରାବଣ ଏତେ ମାୟାବୀ ବୋଲି ମୁଁ ଜାଣିନଥିଲି । ସେ ଭାବିଥିଲା ମୋର ମୃତ୍ୟୁଜାଣି ମୋ ସ୍ୱାମୀ ମୃତ୍ୟୁବରଣ କରିବେ ଆଉ ତାଙ୍କ କଟାମୁଣ୍ଡ ଦେଖି ମୁଁ ମୃତ୍ୟୁବରଣ କରିବି । ବିନାଯୁଦ୍ଧରେ ସେ ମୋ ପ୍ରଭୁଙ୍କୁ ଜିଣିଯିବ । ତାର ସେ ମାୟାକୁ ତୁମେ ଚିହ୍ନାଇଦେଲ ମାଆ । ତୁମର ଏ ଋଣ ମୁଁ ଏ ଜୀବନରେ ନୁହେଁ ଯେତେ ଜନ୍ମ ମାନବୀ ହୋଇ ଜନ୍ମନେଲେ ମଧ ସୁଝିପାରିବି ନାହିଁ। ଆଜି ତୁମେ ସୀତାର ଚକ୍ଷୁ ଖୋଲିଦେଲ ମାଆ ।

ଏମିତି ଏମିତି ଯୁଦ୍ଧରେ କିଛିଦିନ ବିତି ଯାଇଥିଲା ସୁଧାମୟୀ । ରାବଣ ପକ୍ଷର ସମସ୍ତ ସୈନ୍ୟ, ସେନାପତି, ପୁତ୍ର, ବନ୍ଧୁ, ଆତ୍ମୀୟସ୍ୱଜନଙ୍କୁ ମୋ ସ୍ୱାମୀଙ୍କ ସହିତ, ତାଙ୍କ ଅନୁଜ ତଥା ବୀର ହନୁମାନ ଶେଷ କରିଦେଲେ। ଲଙ୍କା ବୀରଶୂନ୍ୟ ହୋଇଗଲା । ଏକାକୀ ରାବଣ ବଞ୍ଚିରହି ମୋ ସ୍ୱାମୀଙ୍କ ସହିତ ଲଢୁଥାଏ । ରାମ ରାବଣଙ୍କ ଯୁଦ୍ଧ ଏମିତି ଭୟଙ୍କର ଥିଲା ଯେ ସକାଳର ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଦୁହେଁ ଲଢୁଥାନ୍ତି । କେହି କାହାରିକୁ ପରାଜିତ କରିପାରୁ ନଥା'ନ୍ତି । ଏମିତି ଏମିତିରେ ଦୁହିଁଙ୍କ ମଧ୍ୟରେ ସମର ନ'ଦିନ ବିତିଗଲା । ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଥାଏ । ରାବଣ ପ୍ରବଳ ପରାକ୍ରମୀ ହେଲେ ମଧ ମୋ ସ୍ୱାମୀ ତାଙ୍କ ଠାରୁ ବହୁଗୁଣରେ ବୀରତ୍ୱର ଅଧିକାରୀ, ଏକଥା ଏକୋଇଶଥର ପୃଥିବୀକୁ ନିକ୍ଷତ୍ରିୟ କରିଥିବା ପର୍ଶୁରାମ ନିଜେ ସ୍ୱୀକାର କରି ଯାଇଛନ୍ତି । ଏ ଯୁଦ୍ଧରେ କିନ୍ତୁ ପ୍ରଭୁ ମୋର ରାବଣକୁ ମାରିପାରୁ ନାହାନ୍ତି କାହିଁକି ? ମାଆ ତ୍ରିଜଟା କହୁଥିଲା ପ୍ରଭୁ ମୋର ଯେତେଥର ବାଣ ବିନ୍ଧି ରାବଣର ମସ୍ତକକୁ ଛେଦନ କରୁଥାନ୍ତି, ଭୂମିରେ ଲୋଟିଯାଇ ସେ ମସ୍ତକ ଅଟ୍ଟହାସ୍ୟକରି ପୁଣି ଆସି ରାବଣର ସ୍କନ୍ଧରେ ସଂଯୋଜିତ ହୋଇ ଯାଉଥାନ୍ତି । ରାବଣ ସହିତ ଯୁଦ୍ଧକରି ପ୍ରଭୁ ମୋର ଅବଶ ହୋଇ ପଡ଼ିଲେଣି । ତାହେଲେ ସେ କ'ଣ ରାବଣ ନିକଟରୁ ପରାଜିତ ହୋଇ ଲଙ୍କାରୁ ଫେରିଯିବେ ?

(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତୀର୍ଯ୍ୟକ୍...

# ଧୂଆଁବାଣ



### ସୁବ୍ରତ ପଟ୍ଟନାୟକ

ଓଡ଼ିଶାରୁ ଦୁଇଟି ଅତ୍ୟାଧୁନିକ ବନ୍ଦେ ଭାରତ ସୁପରଫାଷ୍ଟ ଟ୍ରେନ୍ ଚଳାଚଳ କଲା। ଗୋଟିଏ ରାଉରକେଲା- ହାଓ୍ୱଡ଼ା ଓ ଅନ୍ୟଟି ବ୍ରହ୍ମପୁର-ଟାଟାନଗର ମଧ୍ୟରେ ଚଳପ୍ରଚଳ। ସେଥିପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଆମର ଅଶେଷ ଅଭିନନ୍ଦନ। ବ୍ରହ୍ମପୁର- ଟାଟା ନଗର ଟ୍ରେନଟି ଭୁବନେଶ୍ୱର-କଟକ- ଯଖପୁରା-କେନ୍ଦୁଝର ଦେଇ ଟାଟାନଗର ଯାଉଛି। ଶୁଭ ଉଦ୍‌ଘାଟନ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ସ୍କୁଲ ଛାତ୍ରଛାତ୍ରୀଙ୍କ ମେଳରେ ବନ୍ଦେ ଭାରତ ଏକ୍ସପ୍ରେସରେ କେନ୍ଦୁଝର ଯାଇଥିଲେ। କେନ୍ଦୁଝରବାସୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଢ଼ିବାର ସୁଯୋଗ ପାଉଥିବାରୁ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ମୋହନ ଓ ଅଶ୍ୱିନୀଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି।

ତେବେ, କେନ୍ଦୁଝରରୁ ରାଜଧାନୀ ଭୁବନେଶ୍ୱର ଦେଇ ଯେଉଁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରୁଛି, ତାହା ଯାତ୍ରୀଙ୍କ ସମସ୍ୟାକୁ ସମ୍ପୂର୍ଣ୍ଣ ପୂରଣ କରି ପାରୁଛି କି ? ମୁଖ୍ୟ ସମସ୍ୟା ହେଲା, କେନ୍ଦୁଝରରୁ ଯଖପୁରା ମଧ୍ୟରେ ଯେଉଁ ରେଳଲାଇନ୍ ସଂଯୋଗ କରାଗଲା, ତାହା ରାଜପଥଠାରୁ ଦଶ ବାର କିଲୋମିଟର ଦୂର ଦେଇ ଯାଇଛି। ଫଳରେ ରେଳ ଷ୍ଟେସନରୁ ଓହ୍ଲାଇ ସହରକୁ ଆସିବା କଷ୍ଟକର। ଯଦି ଉକ୍ତ ଲାଇନଟି ଯାଜପୁରରୋଡ୍, ରାମଚନ୍ଦ୍ରପୁର, ଆନନ୍ଦପୁର, ଘଟଗାଁ ମଧ୍ୟରେ ରାଜପଥ କଡ଼ରେ ଗତି କରିଥାନ୍ତା, ଯାତ୍ରୀମାନେ ବିଶେଷ ଉପକୃତ ହୋଇଥାନ୍ତେ। ଶୁଣାଯାଏ, ଘରୋଇ ବସ୍ ମାଲିକଙ୍କୁ ସନ୍ତୁଷ୍ଟ କରାଇବା ଲକ୍ଷ୍ୟରେ ରେଳ ଷ୍ଟେସନକୁ ଦୂରରେ ଅବସ୍ଥାପିତ କରାଯାଇଛି। ସତ କଣ, ତାହା ସରକାରଙ୍କୁ ଜଣା। ଘରୋଇ ଗାଡ଼ି ଭଡ଼ା କରି ଷ୍ଟେସନକୁ ଯାଇ ଟ୍ରେନ୍‌ରେ ଭୁବନେଶ୍ୱର ଗଲେ ଯେତିକି ଟଙ୍କା ଖର୍ଚ୍ଚ, ବସ୍‌ରେ ଗଲେ ତାଠୁ କମ୍ ଖର୍ଚ୍ଚ ପଡୁଛି।

ଦ୍ୱିତୀୟ ସମସ୍ୟା କେନ୍ଦୁଝର- ଭୁବନେଶ୍ୱର ଟ୍ରେନ୍ ସମୟ ନିର୍ଘଣ୍ଟ। କେନ୍ଦୁଝରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଟ୍ରେନ୍‌ଟି ପ୍ରତ୍ୟହ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚୁଛି। ପରଦିନ ସକାଳେ ତାହା କେନ୍ଦୁଝର ଯାଉଛି। ଅର୍ଥାତ କୌଣସି ଯାତ୍ରୀ କଟକ କିମ୍ବା ଭୁବନେଶ୍ୱରକୁ ସରକାରୀ କିମ୍ବା ବେସରକାରୀ କାମରେ ଆସିଲେ ତାଙ୍କୁ ଅତିକମ୍‌ରେ ଦୁଇ ରାତି ଅଟକିବାକୁ ପଡ଼ିବ। ଭୁବନେଶ୍ୱରକୁ ଦିନ ୧୦ଟା ମଧ୍ୟରେ କେନ୍ଦୁଝର ଟ୍ରେନ୍ ପହଂଚିବାକୁ ସମୟ ସ୍ଥିର ହେଲା ନାହିଁ। ରେଳବାଇ ବୋର୍ଡ଼ ଚାହିଁଲେ ଭୁବନେଶ୍ୱରରେ ପହଂଚିବାର ସମୟ ସକାଳ ୯ଟା ଓ ଭୁବନେଶ୍ୱରରୁ ଟ୍ରେନ୍ ଫେରନ୍ତା ସମୟ ସନ୍ଧ୍ୟା ୬ଟା କରାଇ ପାରନ୍ତେ କିମ୍ବା ଏହି ସମୟ ଅନୁଯାୟୀ ଅନ୍ୟ ଏକ ଟ୍ରେନ୍ ଚଳାଚଳ କରିପାରିବେ।

ରେଳବାଇ ବୋର୍ଡ଼କୁ ଚମ୍ପୂଆ ବିଧାୟକ ସନାତନ ମହାକୁଡ଼ ଗୋଟିଏ ଭଲ ପ୍ରସ୍ତାବ ଦେଇଥିଲେ। ଖଣି ଖାଦାନରେ ଭରପୁର ଚମ୍ପୂଆରୁ ଧାମରା ବନ୍ଦରକୁ ରେଳ ସଂଯୋଗ ପାଇଁ ସେ କରିଥିଲେ ଦାବି। ଚମ୍ପୂଆରୁ କେନ୍ଦୁଝର, କରଂଜିଆ, ଠାକୁରମୁଣ୍ଡା, ଆନନ୍ଦପୁର, ଭଦ୍ରକ ଦେଇ ଧାମରା ବନ୍ଦର ସହିତ ରେଳ ସଂଯୋଗ। ଏହାର ଅନ୍ୟ ଏକ ବିକଳ୍ପ- ଘଟଗାଁରୁ ଆନନ୍ଦପୁର ଭଦ୍ରକ ଦେଇ ଧାମରା ସହ ଯୋଗାଯୋଗ। ଏଥିରେ ଲୁହାପଥର ପରିବହନ ସମେତ ଯାତ୍ରୀଙ୍କ ସମସ୍ୟା ସୁଧୁରିପାରନ୍ତା। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କେନ୍ଦୁଝର ଜିଲ୍ଲାରେ ମେଗା ଇସ୍ପାତ କାରଖାନାର ଘୋଷଣା କଲେଣି। ତେଣୁ କେନ୍ଦୁଝର ସହର ସହିତ ଆନନ୍ଦପୁର- ଭଦ୍ରକ ୫୩ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱ ଦେଇ ଧାମରା ବନ୍ଦରକୁ ରେଳ ସଂଯୋଗ ନିହାତି ଜରୁରୀ।

କେନ୍ଦୁଝର ଜିଲ୍ଲାର ଜନତା, ନେତା, ସାମାଜିକ ସଙ୍ଗଠନ ତରଫରୁ ବାରମ୍ବାର ଉପରୋକ୍ତ ଦାବି ହେଉଛି। ଦାବି ପୂରଣ ଲାଗି ଥରକୁ ଥର କେନ୍ଦୁଝର ବନ୍ଦ ପାଳନ ଓ ଚକା ବନ୍ଦ ଆନ୍ଦୋଳନ ହେଲାଣି। ମାତ୍ର ଫଳ କିନ୍ତୁ ଫଳୁନାହିଁ। ଖଣିଜ ସମ୍ପଦରେ ଭରପୁର କେନ୍ଦୁଝରର ଜନସାଧାରଣଙ୍କ ପାଇଁ ରେଳଯାତ୍ରା ସମ୍ପୂର୍ଣ୍ଣ ଦୁରୂହ ବ୍ୟାପାର। କେନ୍ଦୁଝର ସଦର ବିଧାୟକ ମୋହନ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ବର୍ତ୍ତମାନ ଓଡ଼ିଶାର ଡବଲ ଇଞ୍ଜିନ ବିଜେପି ସରକାର। ତେଲକୋଇ ବିଧାୟକ ଫକୀର ନାୟକ, ପାଟଣା ବିଧାୟକ ଅଖିଳ ନାୟକ ବିଜେପି ସଦସ୍ୟ। ଚମ୍ପୂଆ ବିଧାୟକ ସନାତନ ମହାକୁଡ଼, ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବିଜେଡ଼ି ଦଳର। ଦଳଗତ ନିର୍ବିଶେଷରେ ସମସ୍ତେ ଆନନ୍ଦପୁର-ଭଦ୍ରକ-କେନ୍ଦୁଝର ମଧ୍ୟରେ ରେଳ ସଂଯୋଗ ଦାବି କରିଆସୁଛନ୍ତି। ଆଗରୁ ରାଜନୈତିକ ପରିସ୍ଥିତି ଭିନ୍ନ ଥିଲା। କେନ୍ଦୁଝରର ସାଂସଦ ପଦରେ ଅଛନ୍ତି ବିଜେପିର ତୁଙ୍ଗ ନେତା ଅନନ୍ତ ନାୟକ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଅତୀତରେ ଦୀର୍ଘଦିନ ଧରି ଓଡ଼ିଶାର ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଥିଲେ। କେନ୍ଦୁଝର ଜିଲ୍ଲା ପାଇଁ ଏହି ସମସ୍ତ ରାଜନେତା ମିଳିମିଶି ଅଣ୍ଟା ଭିଡ଼ିଲେ, କାମଟି ସୁରୁଖୁରୁରେ ହୋଇପାରନ୍ତା। କେନ୍ଦୁଝରର ବିଧାୟକଗଣ ବିଧାନସଭାରେ ଓ କେନ୍ଦୁଝର ସାଂସଦ ସଂସଦରେ କେନ୍ଦୁଝର ସହିତ ଭଦ୍ରକର ରେଳସଂଯୋଗ ପ୍ରଶ୍ନ ଉଠାଇବା ଜିଲ୍ଲାବାସୀଙ୍କ ପାଇଁ ଅଶେଷ ମଙ୍ଗଳ ହୁଅନ୍ତା। ପ୍ରାୟ ତିନି ଦଶନ୍ଧି ଧରି ଏଭଳି ପ୍ରସ୍ତାବ ଅଚଳ ହୋଇ ପଡ଼ି ରହିଛି। ଆମର ଗଭୀର ବିଶ୍ୱାସ, ମୋହନ ଓ ଅଶ୍ୱିନୀ ଚାହିଁଲେ କେନ୍ଦୁଝରବାସୀଙ୍କର ଏହି ସ୍ୱପ୍ନ ପୂରଣ କରାଇପାରିବେ। ତେବେ ଏ ସମସ୍ତ ଗୁହାରି ସେମାନଙ୍କ ବିଚାର ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। କେନ୍ଦୁଝର ଜିଲ୍ଲାର ଜଣେ ସାଧାରଣ ଅଧିବାସୀଭାବେ ଆମେ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଟିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରୁଛୁ। ଯଦି ଏହା ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସାକାର ହୁଏ, ତେବେ କେନ୍ଦୁଝରରେ ସୁବର୍ଣ୍ଣ ଯୁଗର ଆରମ୍ଭ ହେବ। ନୂଆ ରେଳପଥ ଉପରେ ଡବଲ ଇଞ୍ଜିନ୍ ସରକାରକୁ ଆଉ କେହି ରୋକି ପାରିବେ ନାହିଁ। ଆଜି ଏତିକି । ଜୟ ଜଗନ୍ନାଥ।

♥ଓରାଳି, କେନ୍ଦୁଝର
ମୋ : ୯୯୩୭୭୯୧୨୪୪

## କବିତା...

### ॥ ବାପା ॥



**● ସୁଧାଂଶୁ ଅଶୋକ**

ଧୂଳି ଘରର ଧୂଳିରେ ସେ ମିଶିଲେ ହିଁ
ସରଗ ହୁଏ ଘର
ଧରଣୀ ଉପରେ ଛାତ ପରି ଆକାଶଟିଏ ଏକା
ମେଘର ଚଉଦକାରେ ବୁଲେଇ ଆଣେ
ସାରା ସାରା ସୌର ସାମ୍ରାଜ୍ୟ
ପାରିଜାତର ଛାୟାପଥ ।

ଧୂଳିରେ ମିଶିଲେହିଁ ସିଏ ମିଳିଯାଏ
ପରିବାର ର ଅଭାବ ଅନଟନ
ଅପତ୍ୟଙ୍କ ଅଝଟ ଅମାନିଆ ପଣ
ଶୁଖେଇ ଦେଇ ଯାଏ ଆଖି ଲୁହ
ଭିଜା ଭିଜା ଓଠ
ପ୍ରିୟତମାର ଗଭାରେ ପହଁରୁ ଥାଏ
ଲାଲ ଲାଲ ଗୋଲାପ ।

ସତରେ ତ ତା ଦିହରେ ଅଶିଣର
ଚିରାଫଟା ଶେଥୁଆ ବାଦଲ ପରି
ଖଣ୍ଡିଏ ପୁରୁଣା ବିଗତ ସମୟର ପୋଷାକ
ତା ଭିତରେ ଛାତିରେ ତାର
ଅଳତା ରଙ୍ଗର ରକ୍ତ
ଗୋଟାଏ ସ୍ନେହାତୁର ଭାବ ବିହ୍ୱଳ
ଜହ୍ନିଲତାର ଆକର୍ଷ ପରି
ଲହଲହ ଉତ୍‌ଫୁଲ୍ ହୃଦୟ
ଗୋଟାଏ ପିଠିଲଗା ପେଟ ।

ନିଝୁମ ଖରାରେ ବର୍ଷାରେ ଶୀତରେ
ଅହରହ ବଣୁଆ ଝର ପରି ଝରିପଡୁଥାଏ
ତାର ମନ ପ୍ରାଣ ଶରୀର

ଦି ଅକ୍ଷର ପଢିବ ବୋଲି ତାର ପୁଅ
ସମ୍ମାନର ସହ ବଞ୍ଚିବ ବୋଲି ଝିଅ
ସମ୍ମୋହନରେ ଥାଏ ଚିରକାଳ ବ୍ୟସ୍ତ
ସତରେ ସିଏ ତ ରାସ୍ତା କଡର
ସିନ୍ଦୁର ମଖା ଦିଅଁଟେ ପାଷାଣ ବିଗ୍ରହ ।

ନିଦଭରା କ୍ଳାନ୍ତ ଆଖିରେ ଭରି ରହିଥାଏ
ବାତ୍ସଲ୍ୟର ଝଲକ
ପିଲାଙ୍କ ଦେହରେ କେବେ ପହଁରି ଯାଉଥାଏ
ହାତର ପରଶା ତ କେବେ ପୁଣି
ଛାତିରେ ଫାଟିପଡୁଥାଏ ବେଦନର ଦରଜ,
ଫୁଲର ଟିକିଏ ହସି
ଟିକିଏ ମିଠା ମିଠା ମହକ ପାଇଁ ସମସ୍ତ ବୋଝ,
ବେପରୁଆଏ କ୍ଲିଷ୍ଟକଷ୍ଟ ସବୁକିଛି
ଅନ୍ଧକାର ରାତିରେ ଯେମିତି ଝିଙ୍କାରିର ଗୀତି
ଭୋରବେଳାର ମନ୍ଦିରର
ପୂଜାପାଠ ହୋମବିଧି ।

ସନ୍ଧ୍ୟାରେ ଉଚ୍ଚାଟିତ କରୁଥାଏ ଫିଦିନ
ବାପାଙ୍କ ଘରଫେରନ୍ତା ସାଇକେଲ ଘଣ୍ଟି ।

ଧୂଳିରେ ମିଶିଲେ ହିଁ ସିଏ
ଆନନ୍ଦରେ ଉଛୁଳି ପଡୁଥାଏ ଘର
ଗାଁ ଖୁଲି, ଗଛଗହଳରେ କିଚିରିମିଚିରି
ମଣ୍ଡପରେ ଖେଳ
ଆଉ ସ୍କୁଲରେ ସାଙ୍ଗମେଳ
କାଠିକୁଟା ଘାସଫୁସାର ବସାରେ ଶାବକ
ଚଢ଼େଇ ଥଣ୍ଟରୁ ଟାଣି ନେଲା ପରି
କଣିକାଏ ଖାଦ୍ୟ
ବାପର ହାତରୁ ଝିଙ୍କି ନେଉଥାନ୍ତି ପିଲାଏ
ହସ ଖୁସି ଆମୋଦର ବେଭାର ।


ଧୂଳିରେ ମିଶିଯାଉଥିବ ବାପାର ଶରୀର
କାଠିକୁଟା ପତର ହୋଇ ସିଏ
ଆକାଶରେ ଉଡୁଥିବ ସାରା ଜୀବନ
ନଈପଠାର ଦିହୁଡିରେ ଜଳିଜଳି
ନୀଳ ଆକାଶ ଭିତରେ ଜୁକୁଜୁକିଆ
ତାରାଟିଏ ହୋଇ ଯାଇଥିବ ଯେ
ପୁଅଝିଅମାନେ ଜାଣି ବି ପାରିନଥିବେ
ଅନ୍ଧାର ରାତିରେ ଆକାଶକୁ ଦେଖି
ବାପାକୁ ଖୋଜି ହେଉଥିବେ,

ଆକାଶରେ ଅନେକ ତାରା
ମିଟି ମିଟି ହୋଇ ଜଳୁଥିବେ ।

♥ ମହାବୀର ଛକ
ଗ୍ରାମ/ପୋ:-ବଡ଼ଗାଁ, ଜି:-ସୁନ୍ଦରଗଡ଼
ପିନ୍:-୭୭୦୦୧୬

### ॥ ଋତୁଚର୍ଯ୍ୟା ॥

**● ଚକ୍ରପାଣି ପରିଚ୍ଛା**



ଏବେ ସମୟ ଋତୁମତୀ
ପରିକ୍ରମଣ ଖାଲି ଗୋଟେ ସଂଜ୍ଞା
ଅକ୍ଷାଂଶରୁ ଅକ୍ଷାଂଶ, ଋତୁରୁ ଋତୁ।

ଏମିତି ତ ତମର ଆସିବାର ଥାଏ
ପ୍ରତିଥର
ଫୁଲରେ କି ପାଖୁଡାରେ
ପବନରେ କି ମହକରେ
ମହୁମାଛି କି ପ୍ରଜାପତିର ଡେଣାରେ,
ଶୁଭୁଛି, ତମ ପାଦଶବ୍ଦ।

ସତ ଯଦି କୁହାଯାଏ
କେତେ ରୋମାଞ୍ଚିତ ଏବେ
କଦମ୍ବବନର ନକ୍ସା
ଘୁଞ୍ଚି ଘୁଞ୍ଚି ଯାଏ ଜହ୍ନ
ରାତିର ଦରବାରରେ ରାଗ ବିଳମ୍ବିତ
ଫିଟି ପଡୁନାହିଁ ଆଉ ନିତମ୍ବର ବେହରଣ,
ହାଲ୍‌କା ଆଶ୍ଲେଷ।

ନାଁଟେ ରଖିଦିଅ ଏବେ, ନଈଟିଏ ପାଇଁ
ଯମୁନା କି ତରଣୀତନୟା କି ପ୍ରୀତି ତରଙ୍ଗିଣୀ,
ଫରକ ବୋଲି କିଛି ନାହିଁ
ଝିଅମାନଙ୍କ କଳସୀରୁ
ଉଜାଣି ବହୁଥାଏ ଯଦି ଅସରନ୍ତି ଦୁଃଖ ଉଚ୍ଛ୍ୱାସ।

ଷୋଳ ସହସ୍ର ଇଚ୍ଛାର ଦୀର୍ଘଶ୍ୱାସରେ
କୂଳ ଖୋଜୁଛି ହୁଲିଡଙ୍ଗାରେ ସବାର୍
ବୁଢା ନାଉରୀ ।

କାହାର କି ଯାଏ, ପେଟ ପାଇଁ ଦହି ବିକୁ ବିକୁ
ଗୋଇ ଖୋଲାଖୋଲି ହେଉଥିବା
ପଞ୍ଚାଏ ଗଉଡୁଣୀ
ଏମିତିରେ ବି ଡରନ୍ତିନି
ମଝିନଈକୁ ଅଥବା
ନାଉରୀର ନୂଆ ନୂଆ ଫିସାଦିକୁ।

ଡାଳରୁ ଡାଳକୁ ଓହ୍ଲେଇ ଆସୁଥିବା
ପକ୍ଷୀ କି ଜାଣେ, ଫଗୁଣ ଫିଟି ପଡିଲାଣି
ମହୁଲ ଫୁଲିଆ ରାତିର କବ୍‌ଜାରୁ
ଶାଳବଣରୁ ନାହିଁ ତ ପଳାଶ ଡେମ୍ଫରୁ।

ସାଙ୍କୁଡି ଯାଉଛି ଏବେ
ଅସହାୟତାର ସ୍ୱାକ୍ଷର
ବସନ୍ତର କି ବିଦଗ୍ଧ ଋତୁର
ଜାଣିବା ମୁସ୍କିଲ୍
ଋତୁଚର୍ଯ୍ୟାର ଶେଷ ଫର୍ଦ୍ଦରେ।

♥ ବୈପାରୀଗୁଡା, କୋରାପୁଟ-
୭୬୪୦୪୩
(ମୋ) :୯୧୭୮୬୪୭୧୩୭

### ॥ ମଉଳା ଫୁଲ ॥

**● ସୁଜିତ କୁମାର ମିଶ୍ର**



ଏମିତି କେତେ ଫୁଲ ଫୁଟୁଛନ୍ତି,
ମଉଳୁଛନ୍ତି ଏ ପୃଥିବୀରେ,
ତୁ କୋଉ ନୂଆ କି,
ତୁ ପରା ତୋ ପଛରେ ଥିବା
ଛାଇମାନଙ୍କ ଭଳି ଜଳୁଥିବା ଏକ
ଅନୁରୂପ ଜୀଅନ୍ତା ସୂର୍ଯ୍ୟମୁଖୀ ।

ଏଠି ପିଢ଼ା, ପୀଡ଼ା, ପିଢିର ସୁରକ୍ଷା ପାଇଁ
ସ୍ୱପ୍ନ ଦେଖିବା ମନା, ସୂର୍ଯ୍ୟମୁଖୀ !
ପାରୁଛୁ ତ ଏକ୍ଲା ବତୀଖୁଣ୍ଟ ପାଖକୁ ଯା,
ସେ ହେବ ତୋର ସଖୀ ।

ତୋ ପାଇଁ ଆଗରୁ କେଉଁ
ଆକାଶ ଥିଲା ଯେ ଏବେ ଆସିବ,
ତାରାଫୁଲ ତ ସାତ ସ୍ୱପ୍ନ,
ଏ ପୁଅମୟ ପୃଥିବୀ
ମୋହରେ ତ
ତୁ କେବେଠୁ ପଳାସ କୁସୁମ ।

ତୋ ପାଇଁ ତ କେବେ କାଇଁ
କେଉଁଠି ହୁଏନି ଯଜ୍ଞ,
ଚଢାଯାଏନି ପାଣି, ବେଲପତ୍ର,
ଜଳେନି ଦୀପ,

ତୁ କ'ଣ ଅମାବାସ୍ୟା ଭଳି
ମେଂଚାଏ ଅନ୍ଧାରର ଅଭିଶାପ !

ତୁ ତ ଢେର୍ ବୁଲିଲୁଣି ଧୂଳି ଭଳି ଚାରିପଟେ,
ଛାପାବହି କେତେ ସବୁ ଦେଖିଛୁ
ଛପି ଛପି ଝରକା ଫାଙ୍କରେ,
ଆଖିକୁ ଦଳୁଛୁ ସୂର୍ଯ୍ୟଙ୍କୁ ଚାହିଁ,
ତୁ କ'ଣ ଏବେ ବି ଭାବୁଛୁ ତୋ ସମୁଦ୍ରରୁ
ଲୁହ ସବୁ ଶୁଖିଯିବ
ଦେବତାଙ୍କ ଦରଦୀ ମଳୟରେ !

ଏଠି ସବୁ ବାରମାସୀ ଶୀତସୁପ୍ତି ବୋଲି ତ
ଗଛ ଦେହରେ ନେସି ହୁଏ
ଗାଢ଼ ଅନ୍ଧାରର ଛାଇ,
ପାଣି, ପବନରେ ଭରପୁର
କୀଟଙ୍କ ହଳାହଳ ଲାଳ,
ତୁ ଏବେ ବି ଅବିଶ୍ୱାସର ମଉଳା ଫୁଲ,
ନିରୁଦ୍ଦିଷ୍ଟ କୋଣଠେସା ହୋଇ ।

ଏ ଫୁଲ କ'ଣ ନୁହେଁ
ସମ୍ଭାବନାର ସୂର୍ଯ୍ୟୋଦୟ,
ସୃଷ୍ଟି, ସୃଜନୀ ସମ୍ଭାର,
ପାଳନାର ବୈକୁଣ୍ଠପୁର, ପ୍ରୀତିର ଫଲ୍‌ଗୁ,
ତପୋରତା ତପସ୍ୱିନୀ,
ଦୀପର ମଧୁର ଦହନ,
ବିଶ୍ୱ କଲ୍ୟାଣର ସ୍ୱର୍ଣ୍ଣ ଆଉ ସ୍ୱର୍ଦ୍ଧିତ
ଉଚ୍ଚାରଣ !
ତେବେ କେଉଁ କଲ୍ୟାଣ ପାଇଁ
କୁହତ ଏ ଫୁଲକୁ ମଉଳାଇବାକୁ
ସେ ଧୂର୍ତ୍ତମାନଙ୍କର ଆକାଶରେ
କ୍ରମାଗତ ବିସ୍ଫୋରଣ ?

ଫୁଲ ତ ମଉଳିଲେ ସଂସାର ଉଛନ୍ନ,
ଫିକା ରଙ୍ଗ ଦେଖାଯାଏ ଆକାଶର ଜହ୍ନ,
ଈଶ୍ୱର ବି କୁଆଡେ ଅପ୍ରସନ୍ନ ।

♥ ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
(ମୋ) ୭୬୮୩୮୬୭୭୪୨

### ॥ ଘରବାହୁଡା ॥

**● ଗଜାନନ ମିଶ୍ର**



ଖୁସି ମୁଁ, ଦେଖ।
ମୋ ଆଗରେ
ଢେଉ ଢେଉରେ ନୀଳସମୁଦ୍ର।

ସମୟକୁ ସମୟ ନାଇଁ କିଛି ମୋର।
ମତେ ଇ କହୁଛି ମୁଁ
ନାଇଁ ଡର, ନାଇଁ ଭୟ।

ପିଠି ଦେଖାଇ ଖସୁଛି ଆକାଶ।
ଆମ୍ବଗଛରେ ଡାଳିମ୍ବ,
ଚଣାଗଛକୁ ଚଢୁଛି ମାଙ୍କଡ।

କୌଣସିଥିରେ ନାଇଁ ମୋ ବେପାର।
ଏତେବେଳକୁ ମୁଁ ବୃଦ୍ଧ।
ପାରୁଛି ଅବଶ୍ୟ ବୁଝି ସତ୍ୟ ସନ୍ଦେଶ।

ମୋ ପାଖରେ କବିତା ଆଉ ଗୀତ।
ମତେ ଜଣା ଶୀତରେ
ଆଇସକ୍ରୀମର ସୁଆଦ,
ଶବ୍ଦରେ ପ୍ରଚୁର ଶସ୍ୟ।

ଖାଲି ପାଦରେ ଘରବାହୁଡା ମୋର।
ସବୁ ଋତୁ ଆଡେଇ ମୁଁ ଠିଆ ଚରଚଂଚଳ।

ଯାହା ଯେମିତିରେ ବି ମୋର ଆନନ୍ଦ,
ଆଉ ମୁଁ ଖୁସି।

♥ ତପୋବନ, ଟିଟିଲାଗଡ-୭୬୭୦୩୩

# କବିତା କାହାର ମାନସିକତା ପରିବର୍ତ୍ତନ ପାଇଁ ଲେଖାଯାଏନି ବରଂ କିପରି ପରିବର୍ତ୍ତନ ସମ୍ଭବ ହେବ ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରେ : ଡ. ଆଲୋକ କୁମାର ରାୟ

**ଡ. ଆଲୋକ କୁମାର ରାୟ** ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ କେବଳ କବିତା ଲେଖନ୍ତି ନାହିଁ, ଅନୁବାଦ ଓ ଇଂରାଜୀରେ ଲେଖି ପ୍ରତିପାଦିତ କରିଛନ୍ତି ତାଙ୍କର ପାରଦର୍ଶିତା । ତାଙ୍କ ଲେଖାରେ ଦୃଶ୍ୟମାନ ହୁଏ ଅଲକ୍ଷ୍ୟକୁ ଭେଦିବାର ଲକ୍ଷ୍ୟ, ଯାହା ଦୃଶ୍ୟ ହୋଇପାରେ ଅଦୃଶ୍ୟ ବି । ବାସ୍ତବତା ଓ ମାନବବାଦର ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ଯେଉଁ ପରିଚୟର ବଳୟ, ତାହା ତାଙ୍କୁ ଚିହ୍ନିତ କରାଏ ଜଣେ ଅନନ୍ୟ ସର୍ଜନଶୀଳ ମଣିଷ ଭାବରେ । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ 'କବିତା କାହିଁକି' ର ଉତ୍ତର ନିହିତ ଅଛି ମୋ ମତରେ 'ଜୀବନ କାହିଁକି'ର ଅନ୍ତରାଳରେ । ଜୀବନ ଭୋଗିବାର କେଉଁ ଏକ ଐନ୍ଦ୍ରଜାଲିକ ଆବରଣ ତଳେ ମୋତେ କବିତା ମଧ ଭୋଗିବାକୁ ପଡ଼େ । ସେଥିପାଇଁ କବିତା ମୋର ଏକାନ୍ତ ନିଜର । ସମ୍ଭବତଃ ହାଇସ୍କୁଲରେ ପଢ଼ିବା ବେଳେ କବିତା ଯେ ମୋ ସହଚରୀ ସେ କଥା ଜାଣିଲି । ସୃଜନର ଆଦ୍ୟସ୍ଫୁରଣ ହୋଇଥିଲା ହାଇସ୍କୁଲରେ 'ମୁଁ ଗୋଟେ ହତାବଳଦ' ରଚନା ଲେଖାରୁ, ଯେଉଁଥିରେ ଭିନ୍ନ ଦୃଷ୍ଟିକୋଣରୁ ମୁଁ ଲେଖାଟିକୁ ଲେଖି ସାର୍‌ଙ୍କଠାରୁ ପ୍ରଶଂସା ସାଉଁଟିଥିଲି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସେମିତି ନିର୍ଦ୍ଦିଷ୍ଟ ଭାବେ ସାରସ୍ୱତ ପ୍ରେରଣା ଉତ୍ସ ସମ୍ପର୍କରେ କହି ନହେଲେ ବି ଭାଷା ଓ ସାହିତ୍ୟର ସାମଗ୍ରିକ କଳେବର ( ଉଭୟ ଇଂରାଜୀ ଓ ଓଡ଼ିଆ) ମୋତେ ସାହିତ୍ୟ ମନସ୍କ ହେବାକୁ ପ୍ରେରିତ କରିଛି । ହାଇସ୍କୁଲରେ ପଢ଼ିବା ବେଳେ ରଜନୀସାର୍ ଓ ଜନାର୍ଦ୍ଦନସାରଙ୍କ ପଢ଼ାଶୈଳୀ ମୋଠାରେ ଯଥାକ୍ରମେ ଇଂରାଜୀ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଅହେତୁକ ଆକର୍ଷଣ ସୃଷ୍ଟି କରିଥିଲା ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ବିଂଶ ଶତାବ୍ଦୀର ନବେ ଦଶକରେ 'ସମ୍ବାଦ' ରେ ପ୍ରକାଶିତ 'ଫରକ' ଦ୍ୱାରା ବୋଧେ ମୋର ବିଧିବଦ୍ଧ କବିତାରେ ଖଡ଼ିଛୁଆଁ ଆରମ୍ଭ ହୋଇଥିଲା । ସେଦିନର ଅନୁଭୂତି ଥିଲା ଯେମିତି ନୁଆଁଣିଆ ଚାଳଘର ପିଣ୍ଡାରେ ସକାଳର ବାଳସୂର୍ଯ୍ୟକିରଣ ଝୋଟି ଏକ ଉତ୍ତାରିବାକୁ ଚେଷ୍ଟିତ ସମ୍ଭାବନାମୟ ଗୋଧୂଳିର ଯାହା ଆସନ୍ତାକାଲିକୁ କୋଳେଇ ନେବାକୁ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଦେଉଛି ସାଦର ନିମନ୍ତ୍ରଣ । କବିର ଆଦର୍ଶ ଯୁଗଯୁଗଧରି ମାନବବାଦ ହିଁ ରହି ଆସିଛି । ମୁଁ ସେଥିରେ ଏକମତ । କବିତା ଲେଖାର ଲକ୍ଷ୍ୟ ସର୍ବଦା ଅଲକ୍ଷ୍ୟକୁ ଭେଦିବା, ଯାହା ଦୃଶ୍ୟ ହୋଇପାରେ ଅଦୃଶ୍ୟ ମଧ୍ୟ । ଯାହା ଜ୍ଞାତ ହୋଇପାରେ ଅଜ୍ଞାତ ମଧ୍ୟ ।

■ ଆପଣ କବିତା ସହ ଅନୁବାଦ କାର୍ଯ୍ୟ ମଧ କରନ୍ତି । କିନ୍ତୁ କେଉଁଟି ଦେଇଥାଏ ବେଶି ଆତ୍ମ ତୃପ୍ତି ଓ କାହିଁକି ? ସୃଜନଶୀଳତା କ୍ଷେତ୍ରରେ ଉଦରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କଣ କହିବେ ?

■■ କବିତାରେ ଦୃଶ୍ୟ ଓ ଦୃଶ୍ୟାନ୍ତର ଥାଏ; ମାତ୍ର ଅନୁବାଦରେ ଏହା ସହ ଦୁଇଟି ଭାଷା ମଧ୍ୟରେ ସଂଯୋଗର ସରଳ ଓ କମନୀୟ ରେଖାଟିଏ ଟାଣିବାକୁ ହୋଇଥାଏ । ଦୁଇଟିଯାକ କାର୍ଯ୍ୟ ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର । ତେବେ ଅନୁବାଦରେ ଅଧିକ ଆନନ୍ଦ ମିଳେ କାରଣ ଏକାଥରକେ ଦୁଇଟି ଭାଷାର କିଛିନା କିଛି ଖଟମିଠା ଅନୁଭବ ଛୁଉଁ ଥାଏ, ନିରବରେ କିଛି କିଛି କହୁଥାଏ । ହଁ, ସୃଜନଶୀଳତାରେ ଉଦାରବାଦର ଅଭାବ ଦେଖିବାକୁ ମିଳେ । ଏହା ଏକ ବିରୋଧାଭାସ ନିଶ୍ଚୟ । କଣ କରିବା ? ନିଜ ଘର କଥା, କାହାକୁ କହିବା ? ଏହା ଏବେକାର ସମସ୍ୟା ନୁହେଁ । ଯୁଗ ଯୁଗ ଧରି ସୃଜନଶୀଳତା ଏହି ମାନସିକ ରୋଗ ଦ୍ୱାରା ଆକ୍ରାନ୍ତ । ସଂକୀର୍ଣ୍ଣତାର ପରିଧି ଯେ ସୃଜନଶୀଳତା ପାଇଁ ବାଧକ ଏହା ସମସ୍ତେ ଜାଣନ୍ତି ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ପୃଥିବୀରୁ ଅନେକ ମାତୃଭାଷା କେବେଠୁଁ ମରିହଜି ଗଲେଣି । ଆଉ କେତେକ ଏବେ ବିଲୁପ୍ତିର ଦ୍ୱାର ଦେଶରେ । ଆମ ମାତୃଭାଷା ମଧ ସଙ୍କଟ ସମୟ ଦେଇ ଗତିକରୁଛି । ଏହାର ମୌଳିକତା ଓ ପାରମ୍ପରିକ ବୈଶିଷ୍ଟ୍ୟ ଏବେ ଅବକ୍ଷୟମୁଖୀ । ହଁ, ସାହିତ୍ୟକୁ ଆଧାର କରି ଏହି ପ୍ରଚଳିତ ଧାରାକୁ ରୋକାଯାଇ ପାରିବ । ଭାଷା ଓ ସାହିତ୍ୟର ଗୌରବକୁ ସ୍ୱୀକାର ପୂର୍ବକ ଏହାକୁ ପାଥେୟ କରି ଜୀବନ ଜିଇଁଲେ ଅନୁକୂଳ ବାତାବରଣ ସୃଷ୍ଟି ହେବ ।

■ କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ କବିତାର ଭବିଷ୍ୟତକୁ ନେଇ ମୁଁ ଗଭୀର ଆଶାବାଦୀ । ମଣିଷ ଜୀବନର ପ୍ରତ୍ୟେକ ପାଖୁଡ଼ା ତ କବିତାର ଗୋଟେ ଗୋଟେ ପଂକ୍ତି । କବିତା କାହାର ମାନସିକତା ପରିବର୍ତ୍ତନ ପାଇଁ ଲେଖାଯାଏନି, ବରଂ କିପରି ପରିବର୍ତ୍ତନ ସମ୍ଭବ ହେବ ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରେ । କବିତାର ଏହି କଥା ଯାହାକୁ ପ୍ରଭାବିତ କଲା, ତା ' ଠାରେ ପରିବର୍ତ୍ତନ ଆସିବ ହିଁ ଆସିବ ।

■ ଓଡିଆ ସାହିତ୍ୟ ବିଶେଷ କରି କବିତାର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୂରାଉଛି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ କବିତାର ସ୍ୱତନ୍ତ୍ର ପାଠକ ଅଛନ୍ତି, ନହେଲେ ଏତେ ଏତେ କବିତା ଲେଖା ଯାଉଛି କାହିଁକି ଓ ଏତେ ଏତେ କବିତା ସଙ୍କଳନ ପ୍ରକାଶିତ କାହିଁକି ହେଉଛି ? ସାହିତ୍ୟ ଯେଉଁଠି ପାଠକ ସେଇଠି । ପରସ୍ପର ଠାରୁ ଉଭୟ ଦୂରେଇଯିବା ଆପେକ୍ଷିକ ଅଟେ । ହଁ, ସାଧାରଣ ଲୋକଙ୍କ ପାଖରେ ସାହିତ୍ୟ ପହଞ୍ଚି ପାରୁନାହିଁ । ସେଥିପାଇଁ ସରଳ ଓ ବୋଧଗମ୍ୟ ସାହିତ୍ୟ ସୃଷ୍ଟି ସହ ଲୋକଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ପଡ଼ିବ । ଏଥିପାଇଁ ସରକାରଙ୍କ ଯେତିକି ଦାୟିତ୍ୱ ଅଛି, ତା ଠାରୁ ଅଧିକ ଦାୟିତ୍ୱ ଅଛି ଲେଖକ, ପ୍ରକାଶକ ଓ ସାହିତ୍ୟ ସଂଗଠକମାନଙ୍କର ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲୌକିକ ଦୃଷ୍ଟିରୁ ମୁଁ କହିବି ଲେଖକ ଜୀବନରେ ପୁରସ୍କାର ପାଇବା ଗୁରୁତ୍ୱବହନ କରେ । ସେଥିପାଇଁ ତାଙ୍କୁ ପ୍ରୋତ୍ସାହନ ମିଳେ ଓ ଆଗକୁ ବଢିବାର ପ୍ରେରଣା ମଧ । ମାତ୍ର ବର୍ତ୍ତମାନ ସମୟରେ ଯେଉଁପରି ଢଙ୍ଗରେ ଓ ଯେଉଁ ଯୋଗ୍ୟତା ଅନୁଯାୟୀ ପୁରସ୍କାରମାନ ପ୍ରଦାନ କରାଯାଉଛି ତାହା ଭାଷା ଓ ସାହିତ୍ୟର ଭବିଷ୍ୟତ ପାଇଁ ମଙ୍ଗଳକର ନୁହେଁ । ଏଇଠି କହିରଖେ ସବୁ ପୁରସ୍କାରଦାତା ଓ ଗ୍ରହୀତା ଏହି ଶ୍ରେଣୀଭୁକ୍ତ ନୁହଁନ୍ତି । 'ସାହିତ୍ୟ ଯେ ଉଭୟ ଜୀବନ ଓ ଜୀବିକାର ମୂଳଦୁଆ, ଏହା ବ୍ୟତିରେକେ ଆମ ଜୀବନ ପୂର୍ଣ୍ଣାଙ୍ଗ ନୁହେଁ', ଏହି ବାର୍ତ୍ତାଟି ଲୋକଙ୍କ ପାଖକୁ ଯାଉ ବୋଲି ମୁଁ ଚାହେଁ ।

♥♥

■ ଅକ୍ଷରେ
ଡ. ଆଲୋକ କୁମାର ରାୟ ...



ମାତାଙ୍କ ନାମ: ସ୍ୱର୍ଗତ ଅବଳା ରାୟ
ପିତାଙ୍କ ନାମ: ସ୍ୱର୍ଗତ ଯଦୁମଣି ରାୟ
ଜନ୍ମ ମସିହା:୧୯୬୬
ଜନ୍ମସ୍ଥାନ: ମୋହନପୁର, ପଂଚାୟତ: ପାଳିମି, ଭାୟା: ବିଞ୍ଝାରପୁର,
ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା
ବର୍ତ୍ତମାନ ବାସସ୍ଥାନ: ରାମଚନ୍ଦ୍ରପୁର, ପଂଚାୟତ: ଗୁଲନଗର, କେନ୍ଦ୍ରାପଡ଼ା, ଓଡ଼ିଶା

■ ପ୍ରକାଶିତ ପୁସ୍ତକ ■


**Sillage** (ଇଂରାଜୀ କବିତା ସଂକଳନ),
ମେଘପଣତ ( ଓଡ଼ିଆ କବିତା ସଙ୍କଳନ),**Trouvailli** ( ସମ୍ପାଦିତ ଅନ୍ତର୍ଜାତୀୟ ଦ୍ୱିଭାଷୀ କବିତା ସଂକଳନ) ଓ କାଳିଜହ୍ନ (ସମ୍ପାଦିତ ଅନ୍ତର୍ଜାତୀୟ ବହୁଭାଷୀ କବିତା ସଂକଳନ)
ସମ୍ପାଦିତ ଗବେଷଣା ମୂଳକ ପୁସ୍ତକ: **Odisha:Past, Present and Future, The Quest I The Vision**
ଅଧୁନା ପ୍ରଚଳିତ ସ୍ୱ ଲିଖିତ ପାଠ୍ୟ ପୁସ୍ତକ: **Introduction to Human Rights (Utkal University), Human Rights (Dibrugarh and Assam University)** ଓ **Understanding Human Rights ( NEHU,Shillong)**



ପତ୍ନୀଙ୍କ ସହ ଲେଖକ ଡ. ଆଲୋକ କୁମାର ରାୟ...



ନିଜ ପରିବାର ସହ ଲେଖକ ଡ. ଆଲୋକ କୁମାର ରାୟ...





ସାହିତ୍ୟ ସଭାରେ ଲେଖକ ଡ. ଆଲୋକ କୁମାର...

## ବୟସ୍କଙ୍କ ଭୁଲ, ଭୁଲ ନୁହେଁ

ନମିତା ଗିରି

ଭୁଲ ସବୁବେଳେ ଭୁଲ ହୋଇଥାଏ । ସେ ବଡ଼ ଲୋକ ଭୁଲ କରନ୍ତୁ କିମ୍ବା କୌଣସି ଛୋଟ ପିଲା ଭୁଲ କରନ୍ତୁ । ଭୁଲ ସବୁବେଳେ ଭୁଲ ହୋଇଥାଏ କିନ୍ତୁ ବେଳେବେଳେ ଦେଖିବାକୁ ମିଳେ ଛୋଟ ପିଲା ଭୁଲ କଲେ ସେମାନଙ୍କୁ ଦଣ୍ଡ ଦିଆଯାଏ କିନ୍ତୁ ବଡ଼ ଲୋକ ଭୁଲ କଲେ ସେହି ଭୁଲକୁ ଲୁଚେଇବା ପାଇଁ ହଜାର ଭୁଲ କରାଯାଇଥାଏ । ଯେମିତିକି ଏ ଭୁଲ କେବଳ ଛୋଟଙ୍କ ପାଇଁ ହୋଇଥାଏ ବଡ଼ଙ୍କ ପାଇଁ ବରଦାନ ସାଜିଥାଏ । ଆମ ସମ୍ବିଧାନରେ ମଧ ଉଲ୍ଲେଖ ଅଛି ଯେ ସମ୍ବିଧାନ ଆଗରେ ସମସ୍ତେ ସମାନ କେବଳ ସେତିକି ନୁହେଁ ୧୮ବର୍ଷ ପରେ ଯେତେବେଳେ ଜଣେ ପିଲା ନାଗରିକ ହୋଇ ଗଣତନ୍ତ୍ରର ସର୍ବବୃହତ ଉତ୍ସବ ମତାଦାନରେ ସାମିଲ ହୋଇଥାନ୍ତି ସେତେବେଳଠୁ ତାଙ୍କର ମଧ ଦାୟିତ୍ୱ ଥାଏ ରାଷ୍ଟ୍ର ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର । କେବଳ ଆଧୁନିକ ଯୁଗରେରେ ଆମେ ଯଦି ଦେଖିବା ତାହାଲେ ପୁରାଣ ଗାଥାରେ ମଧ ଭୁଲକୁ ସବୁବେଳେ ଭୁଲ ବୋଲି ଗ୍ରହଣ କରାଯାଇଥାଏ । ମାତ୍ର ସାମ୍ପ୍ରତି ସମୟରେ ଆମେ ଯଦି ବାସ୍ତବ ଚିତ୍ରକୁ ଦେଖିବା ତାହାଲେ ଏବେ ଭୁଲ ଏବଂ ଠିକ କେବେଳ ଖାତା କଲମ ଏବଂ କିଛି ଛୋଟ ପିଲାଙ୍କ କ୍ଷେତ୍ର ଛଡ଼ା ଅନ୍ୟ କେଉଁଠି ପାଇବା ନାହିଁ । ଆଜିର ସମୟରେ କୌଣସି ବରିଷ୍ଠ ବ୍ୟକ୍ତି ଭୁଲ କରିଲେ ଅଥବା ସମାଜରେ ଅନେକ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତି ଭୁଲ କରିଲେ ସେହି ଭୁଲକୁ ଲୁଚାଇବାକୁ ଅନେକ ଭୁଲ କରାଯାଇଥାଏ । ମାତ୍ର ସେହି ପରିସ୍ଥିତିରେ ଯଦି ଗୋଟେ ଛୋଟ ପିଲା ଭୁଲ କରେ ତାହେଲେ ବୟସ୍କ ବ୍ୟକ୍ତିମାନେ ସେମାନଙ୍କୁ ଦଣ୍ଡ ଦେବାରେ ଟିକେ ମଧ ଅବହେଳା କରନ୍ତି ନାହିଁ । ଏହାର ଅନେକ ଉଦାହରଣ ଦେଖାଯାଇଥାଏ ଯେମିତିକି ଗ୍ରାମାଞ୍ଚଳରେ ଯେତେବେଳେ ହେଲମେଟ ଚେକିଂ ହୁଏ ସେତେବେଳେ କୌଣସି ବରିଷ୍ଠ ବ୍ୟକ୍ତି ଯଦି ହେଲିମେଟ ନଆଣିଥିବେ ତାଙ୍କୁ ସାର ଆପଣ ଯାଆନ୍ତୁ କହି ଛାଡ଼ିଦିଆଯାଉଥିବା ବେଳେ ସେହି ପରିସ୍ଥିତିରେ ଯଦି କୌଣସି ଯୁବକ କି ଯୁବତୀ ହେଲମେଟ ନଆଣିଥିବେ ତାହାଲେ ତାଙ୍କୁ ମୋଟା ଅଙ୍କର ଜୋରିମାନା ଭରିବା ସହ ତାଗିଦ କରାଯାଇଥିଏ ପୁଣି କେବେ ଏମିତି ନକରିବାକୁ ପରାମର୍ଶ ଦିଆଯାଇଥାଏ । ଆଉ କେତେକ କ୍ଷେତ୍ରରେ ଦେଖାଯାଏ ଯଦି କୌଣସି କଲେଜ ଛାତ୍ରଛାତ୍ରୀ ସହ କିଛି ବରିଷ୍ଠ ଲୋକଙ୍କ କଥା କୋଟାକଟି ହେଇଥାଏ ତାହାଲେ ସେହିଠି କିଛି ବାଟୋଇ ଏବଂ ବରିଷ୍ଠ ଲୋକଙ୍କ ପ୍ରିୟଭାଜନ ସେହି କୋମଳମୋତି ଛାତ୍ରଛାତ୍ରୀଙ୍କୁ ଦୋଷୀ କହି ଭୁଲ ମାଗିବାକୁ ବାଧ କରିଥାନ୍ତି ଯେତେବେଳେକି ବାସ୍ତବ କଥାରେ ସେ ବରିଷ୍ଠ ଲୋକଙ୍କ ଭୁଲ ଥିବ ମାତ୍ର ଯେମିତି ଆମେ ଗପ ପଢ଼ିଛୁ ତିନି ତୁଣ୍ଡରେ ଛେଳି କୁକୁର ଠିକ ସେହିପରି ଭାବେ ନ୍ୟାୟ ଏବଂ ସତ୍ୟ କଥା କହୁଥିବା ଛାତ୍ରଛାତ୍ରୀଙ୍କୁ ଦଣ୍ଡିତ କରିବା ସହ ଭୁଲ ସ୍ୱୀକାର କରାଇଥାନ୍ତି । ତେଣୁ ଭୁଲକୁ ଭୁଲ ବୋଲି କୁହନ୍ତୁ ଛୋଟ ବଡ଼ ଭେଦଭାବ ନରଖି ଉଚିତ ବିଚାର କରିବା ଦିଗରେ ଆଗେଇ ଯାଆନ୍ତୁ କାହିଁକି ନା ଛୋଟ ପିଲା କେବଳ ଭୁଲ କରନ୍ତିନି ସେମାନେ ମଧ ସେମାନଙ୍କ ଭୁଲକୁ ସୁଧାରି ଜାଣନ୍ତି ଆଉ ବଡ଼ ଲୋକ ନିଜ ଭୁଲକୁ ଲୁଚେଇବାକୁ ଯାଇ ଅନେକ ଭୁଲ କରିଦେଇ ବସନ୍ତି । ଆଉ ଯିଏ ଯେଉଁଠି ଯେଉଁ ଭୁଲ ଦେଖୁଛନ୍ତି ତାକୁ ପ୍ରତିବାଦ କରନ୍ତୁ ସତ କହି ଚାଲନ୍ତୁ କାରଣ ସତ ଆଗରେ ଭୁଲ ସବୁବେଳେ ମଥା ପୋତି ଚାଲୁଥାଏ । ସେଥିପାଇଁ ତ ସତ କହୁଥିବା ଲୋକ ମନରେ କେବେ ପଶ୍ଚାତାପ ନଥାଏ ଆଉ ମିଛ କହୁଥିବା ଲୋକ ଆଗରେ ଅନେକ ଭୟ ଲୁଚି ରହିଥାଏ । ସତ ଭୁଲକୁ ଭୟ କରେନି କନ୍ତୁ ଭୁଲ ସବୁବେଳେ ସତକୁ ବା ଠିକକୁ ଭୟ କରେ ।

♥ ମହିଳା ମହାବିଦ୍ୟାଳୟ ଭୋଗରାଇ
+୩ ତୃତୀୟ ବର୍ଷ ଛାତ୍ରୀ
ବାଲେଶ୍ୱର, ଭୋଗରାଇ



କାଶୀନାଥ ନନ୍ଦୀ

## ପ୍ରିୟ ପାଠକ-୩୪

# ପାଠକର ଶେଷ ନାହିଁ : ଲେଖକର ମୃତ୍ୟୁ ନାହିଁ...

ସବୁକାଳେ ଏହି କଥାଟି ସତ ଯେ ପାଠକ ହିଁ ଲେଖାଟିକୁ ବରେଣ୍ୟ କରେ ଓ ପାଠକ ହିଁ ଲେଖାଟିକୁ ଅଗ୍ରାହ୍ୟ କରେ। ତେଣୁ କୋଉ ବି ଲେଖା ପାଇଁ ପାଠକ ହିଁ ସର୍ବପ୍ରଧାନ । ଭଲ ଲେଖାଟିଏ ଲେଖାଯିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଭଲ ଲେଖାଟିଏ ପଢା ଯିବା ସେତିକି ଗୁରୁତ୍ୱପୂର୍ଣ୍ଣ। ପୁନଶ୍ଚ ଯଦି ବହିର ମୃତ୍ୟୁ ନାହିଁ, ଏଇଠି ପାଠକ ହିଁ ବହିଟିଏର ଈଶ୍ୱର, ଯେ ବହିକୁ ବଞ୍ଚାଇ ଥାଏଏବଂ ବହିକୁ ଆଳକରି ଲେଖକଟିଏ ବଞ୍ଚି ରହି ଥାଏ। ଈଶ୍ୱର ଚିରନ୍ତନ ପରି ପାଠକ ଚିରନ୍ତନ। ଅତଏବ ମରିଗଲା ପରେ ଜଣେ ଲେଖକ ପାଠକର ପ୍ରାଣ ସତ୍ତାରେ ବଞ୍ଚି ଥାଏ। ସ୍ୱର୍ଗ ଯାତ୍ରା ସତ୍ତ୍ୱେ ଲେଖକଟିଏ ପୃଥିବୀର ବାସିନ୍ଦା ହେଇ ରହି ଥାଏ। ଯଦି ମୁଁ ମୋ କଥା କହିବି, ପ୍ରଥମରୁ କହିବି, ମୁଁ ଜଣେ ପାଠକରୁ ଲେଖକ। ପଢିଲା ବେଳେ ବହୁ ମୃତ ଲେଖକଙ୍କର ଜୀବନ୍ତ ପୁସ୍ତକ ମୁଁ ପଢ଼ିଛି। ପୁଣି ଯାହାଙ୍କୁ ମୁଁ କେବେ ଦେଖି ନାହିଁ, ତାଙ୍କୁ ମୁଁ ତାଙ୍କ କୃତି ଭିତରେ ଜୀବନ୍ତ ଭାବେ ଦେଖିଛି ଓ ମିଶିଛି। କେତେ ଅନ୍ତରଙ୍ଗ ସେ ମିଳନିକା ସତେ ! ଆଉ ଏମିତି ଅନେକ ବହି ମୁଁ ପଢ଼ିଛି, ଯାହାର ଲେଖକଙ୍କୁ ମୁଁ କେବେ ଦେଖି ନାହିଁ କି କେବେ ଦେଖିବାର ସମ୍ଭାବନା ମଧ ନାହିଁ । ଅଥଚ ତାଙ୍କୁ ପଢିଲା ବେଳେ ମତେ ଲାଗିଛି, ସେ ଯେମିତି ମୋର ଏକାନ୍ତ ପ୍ରିୟ ପରିଜନ। ମୁଁ ଯେମିତି ତାଙ୍କ ଗହଣରେ ହିଁ ଅଛି। ଭାରି ନିଜର ହେଇ ରହିଛି।

ଏଇ ସମ୍ପର୍କରେ ମୁଁ ଯେବେ ନିଜକୁ ଲେଖକ ଭାବେ ରଖି ମୋ ପାଠକଙ୍କ କଥା ଭାବେ, ନିଜକୁ ମୁଁ ଶୂନ୍ୟରେ ପାଏ ନାହିଁ। ଅନେକ ଅନେକ ସ୍ମୃତିମାନଙ୍କ ଗହଣରେ ନିଜକୁ ପାଏ। ପୁଣି ଅନେକ ବର୍ତ୍ତମାନରେ ବି ପାଠକଙ୍କ ବିଶେଷତାରେ ରହି ଥାଏ। ଯଦି ପାଠକଙ୍କ ସହ ମୋର ଅନୁଭୂତି କି ଅନୁଭବ ନ ଥାନ୍ତା ହୁଏତ ମୁଁ ଲେଖକଟିଏ ଭାବେ ଯେତିକି ଯାଇଛି, ସେ ଯାଏ ଯାଇ ପାରି ନ ଥାନ୍ତି। ମୋ ପାଠକୀୟ ସମ୍ପର୍କର ମୂଳକଥାର ଆରମ୍ଭ ହୁଏ ଜଣେରୁ। ସେ ମୋ ପ୍ରଥମ କ୍ଷୁଦ୍ରଗଳ୍ପ 'ବୁଢ଼ା ବାୟା' ର ପ୍ରଥମ ପାଠିକା । ଏବଂ ସେ ମୋ ସବୁ ଗଳ୍ପର ପାଠିକା। ସେ ମୋ ଆଜିର ଗପର ପାଠିକା। ପଢିଲା ପରେ ମୁଁ ପ୍ରତ୍ୟକ୍ଷ ଭାବରେ ପାଠକୀୟ ସନ୍ତୋଷ ଓ ଅସନ୍ତୋଷ ଦେଖିଛି ତାଙ୍କଠୁ। ମୁହଁରେ ଓ ମୌଖିକରେ ସେ ମତେ ତାଙ୍କ ଦୃଷ୍ଟିରେ ଲେଖାଟି କେତେ ଓ କେମିତି ପ୍ରକାଶ କରିଛନ୍ତି। ତା ପରେ ସମ୍ପାଦକ । ସବାଶେଷରେ ସାଧାରଣ ପାଠକ। ମୋର ମନେ ଅଛି, ୩୩ ବର୍ଷ ତଳର ସେଇ ରାତି ଓ ସେଇ ସକାଳର କଥା। ସେଇ ପ୍ରଥମ ଗପଟିର ଲେଖା ଯିବା ଯେମିତି କୌତୂହଳ ପ୍ରଦ ଥିଲା, ତାର ପ୍ରକାଶ ଓ ପାଠକୀୟ ଶ୍ରଦ୍ଧା ସେମିତି ଅନ୍ୟ ପ୍ରକାର ଥିଲା। କଥାଟି ଥିଲା ଏମିତି, ମୋ ଝିଅ ସେତେ ବେଳକୁ ଭାରି ସାନ। ତାର ଭାରି ଅଝଟ। ଖାଏ ନାହିଁ। ଅନୁ (ମୋ ଧର୍ମପତ୍ନୀ ଓ ମୋ ସବୁ ଲେଖାର ପ୍ରଥମ ପାଠିକା ) ଖୋଇ ନ ପାରି ବେଳେ ବେଳେ କାନ୍ଦି ପକାନ୍ତି। ମୁଁ ଥିଲେ ନାନା 'କୌତୁକ ' କରେ। କିଛି ଲାଭ ହୁଏ ନାହିଁ। ଆମେ ବାପା ମାଆ। ନୂଆ ନୁହଁ। ସେଇ ପ୍ରିୟ ମୁହଁ। ସେଇ ସେଇ ଏକା ପରି ନାଟକ। ହୁଏ ନା। ସେତେବେଳେ ଆମ ଘର ପାଖର ଜଣେ ମଉସା କେବେ କେବେ ଆମ ଘରକୁ ଆସୁଥିଲେ। ସେ ଦେଖନ୍ତି ଓ ଚାଲି ଯାଆନ୍ତି। ଦିନେ ସେ ମୁଣ୍ଡର ଗାମୁଛା ଭିଡ଼ି ହାତରେ ଠେଙ୍ଗାଟେ ଧରି ମୋ ଝିଅର ଖାଇଲା ବେଳେ ପହଞ୍ଚି ଗଲେ। ତାଙ୍କୁ ଦେଖି, ତାଙ୍କ ନାନା ଛନ୍ଦର ଚାଲି ଓ ମୁହଁ ଭଙ୍ଗି ଦେଖି ମୋ ଝିଅ ଟାଉ ଟାଉ କି ଖାଇ ଦେଲା। ମୁଁ ନୀରବରେ ଏଇ ଦୃଶ୍ୟ ଦେଖୁ ଥିଲି। ଏମିତି ସଂଯୋଗ ସେଦିନ ରାତିରେ ଗୋଟେ ନୂଆ ଘଟଣା ଘଟିଲା। ଆମେ ବସି ଥାଉ, ମୋକଥା, ମୋ ଶିଶୁ ସାହିତ୍ୟ କଥା ପଡ଼ିଲା। ଅନୁ କହିଲେ, 'ତୁମେ ଶିଶୁ ଗପ ଲେଖୁଛ, କ୍ଷୁଦ୍ରଗଳ୍ପ ଲେଖୁନା .... । ତମେ ସେଇଠି ରହି ଯିବ ନା କଣ ?' ବାସ୍, ସେଇ ରାତିରେ ହିଁ ଲେଖାଗଲା ମୋର ପ୍ରଥମ କ୍ଷୁଦ୍ରଗଳ୍ପ, 'ବୁଢାବାୟା'। ସେ ଗପର ଚରିତ୍ର ହେଲେ ଅନୁ, ମୋ ଝିଅ ଓ ବୁଢ଼ା ବାୟା ରୂପରେ ସେଇ ମଉସା। ଜଣେ ମଣିଷର ହସର ଠିକ୍ ତଳେ ତଳେ କେତେ ଯେ ଦୁଃଖ ଥାଏ ଓ ଦୁଃଖ ଭିତରେ ବି ଖୁସିକୁ ଜୀବନରେ କେମିତି ସଜେଇ ହୁଏ, ତା ଥିଲା ଗଳ୍ପର କଥା ବସ୍ତୁ। ଗଳ୍ପଟି ତାପର ସପ୍ତାହରେ ପ୍ରକାଶ ପାଇ ଗଲା। ମୋ ଶିଶୁଗଳ୍ପ ପରେ ଏହା ଥିଲା ପାଠକଙ୍କ ସହ ମୋର ସମ୍ପର୍କର ପ୍ରାଥମିକ ସମୟ। ସେ ଗଳ୍ପ ପଢ଼ି ଅନେକ ଚିହ୍ନା/ ଅଚିହ୍ନା ପାଠକ ମତେ ଚିଠି ଲେଖିଲେ। ସେମାନଙ୍କ ଭିତରେ ଥିଲେ ମୋର ଜଣେ ପ୍ରିୟ ଅଧ୍ୟାପକ କବି ସନତ ରାୟ। ସେ ଲେଖିଥିଲେ, 'ତମେ ସେଇ କାଶୀନାଥ ନନ୍ଦୀ ନା ଯିଏ ଦିନେ ମୋର ଛାତ୍ର ଥିଲା। ଯଦି ତୁମେ ମୋ ପ୍ରିୟ କାଶୀ, ତମ ଗଳ୍ପ ପଢ଼ିଲା ପରେ ତମକୁ ଏତିକି କହିବି, ତୁମେ ଆମ ଓଡ଼ିଆ ଗଳ୍ପର ଭବିଷ୍ୟତ।'

- ମତେ ଭାରି ପ୍ରଭାବ ପକେଇ ଥିଲା ମୋ ସାର୍‌ଙ୍କ ସେଇ ଚିଠି। ତେବେ ମୁଁ ତାଙ୍କ ଚିଠିର ସେଇ ଭବିଷ୍ୟତରୁ ବାହାରି ଏବେ ଆଜିର ଏଇ ବର୍ତ୍ତମାନରେ। ଏଇ ବର୍ତ୍ତମାନରେ ସେଇ ପ୍ରଥମ ପ୍ରଥମ ଗଳ୍ପ ମତେ ଭାରି ଅଳ୍ପ ଅଳ୍ପ ଲାଗୁଛି। କୋଉଠି କୋଉଠି ମନ ସାନ ହେଇ ଯାଉଛି। ବିସ୍ମିତ ବି ହେଉଛି, ସେ ସବୁ ଗଳ୍ପ କେମିତି ଏତେ ଲୋକପ୍ରିୟ ହେଇ ରହିଛି ! ଏହା ସତ ଯେ , ସମୟ ସହ ମଣିଷର ଜୀବନ କଥା ବଦଳି ଯାଏ। ରୁଚି ଓ ବୋଧ ବଦଳି ଯାଏ। ତେଣୁ ଏବେ କେହି ଜଣେ ଜଣେ ମତେ ଯେବେ ସେମାନଙ୍କ ଆନ୍ତରିକତାକୁ ମୁଠେଇ ଥାଇ ମତେ କୁହନ୍ତି, ଆପଣ ପୂର୍ବ ଅପେକ୍ଷା ଏବେ ବେଶୀ ପରିପକ୍ୱ । ଆପଣଙ୍କ ଏବେର କୋଉ ବି ଗପ, ବର୍ତ୍ତମାନର କଥା ସାହିତ୍ୟ କ୍ଷେତ୍ରରେ ଗୋଟେ ଗୋଟେ ଅନନ୍ୟ ସମୃଦ୍ଧ ପରିଚୟ। ମୁଁ ମୋର ଏଇ ପ୍ରକାର ପ୍ରିୟ ମଣିଷଙ୍କୁ ଏତିକି କହିବି, ସମୟ ସହ ମୁଁ ଥାଇ ସମୟ ସହ ଯୋଡ଼ି ହେଇ ସମୟ ଭିତ୍ତିରେ ଯାହା ଗଳ୍ପ ଗଢିଛି। ପୂର୍ବରୁ ଗଳ୍ପକୁ ମୁଁ ନିର୍ମାଣ ବୋଲି ମାନୁ ଥିଲି । ଆଜି ଅନୁରୂପ ମନେ କରୁଛି। ପୂର୍ବରୁ ମୁଁ ଗଳ୍ପ ଲେଖାରେ ଭାରି ସେରିଅସ୍ ଥିଲି। ଆଜି ସେମିତି ଅଛି। ଫରକ୍ ଏତିକି, ଆପଣ ବଦଳି ଯାଇଛନ୍ତି। ମୁଁ ବଦଳି ଯାଇଛି। ଗଳ୍ପ ସେମିତି ତା ବାଟରେ ଯାଇ ଗଳ୍ପ ବି ବଦଳି ଯାଇଛି। ତେବେ ମୋର ଏହିପରି ପାଠକଙ୍କୁ ଏତିକି କହିବି, ମୁଁ ଏବେ ଗଳ୍ପରେ ଆଉ ଟିକେ ସେରିଅସ୍।

ପୁନଶ୍ଚ ଅନ୍ୟ କେତେକ ପାଠକ କହନ୍ତି ଓ ଭାବନ୍ତି ଯେ ଲେଖକ ସହ ଯୁକ୍ତ କଥା ହିଁ ଗଳ୍ପର କଥା ହେବା ଉଚିତ୍। ଅର୍ଥାତ୍ ସବୁ ଗପରେ ଲେଖକ ରହୁ ବା ଲେଖକର ଅନୁଭୂତିର କଥା ହିଁ ଗଳ୍ପର କଥା ହେବା ଦରକାର। ସେମାନଙ୍କ ଯୁକ୍ତି ହେଲା, ଲେଖକର ଭୋଗାଭୋଗରୁ ଯେଉଁ ଗଳ୍ପ, ତା ଭାରି ଜୀବନ୍ତ ହୁଏ। ଏହି ପରିପ୍ରେକ୍ଷୀରେ କିଏ କିଏ କହି ପକାନ୍ତି, କାଶୀନାଥ ନନ୍ଦୀଙ୍କ ଗଳ୍ପ ଅନେକ ଦୂର ଯାଏ କାଳ୍ପନିକ। ମୁଁ ମୋର ଏଇ ପ୍ରକାର ଗୁଣମୁଗ୍ଧ ପାଠକଙ୍କ ସହ ସହମତ ଅତି ବେଶୀରେ ହେଇ ପାରେ ନାହିଁ। ଗପରେ ସବୁ କଥା ବାସ୍ତବ ହେଉ ବା ସିଧା ସତ ମୁହଁରେ ଗପ ରହୁ, ମୁଁ ଏହାର ପକ୍ଷପାତି ସହଜରେ ହେଇ ପରେ ନାହିଁ। ଯାହା ଜଣେ ସାମ୍ବାଦିକର କର୍ମ ତା ଜଣେ ଗାଳ୍ପିକର କାମ ନୁହଁ। ପୁନଶ୍ଚ ମୁଁ ମଧ ଏହା ମାନେ ଯେ ବାସ୍ତବ ଛାଡ଼ି ଦେଲେ ଗଳ୍ପ କଣ ହୁଏ ? ମୋର ଏମିତି ଦ୍ୱିମତ କଥା ପାଇଁ ଗୋଟେ ଯୋଡିଏ ଉଦାହରଣ ସହ କହିଲେ ଠିକ୍ ହେବ। ବୋଧହୁଏ ୩୦ ବର୍ଷ ତଳେ ଯେତେ ବେଳେ 'କଥା' ରେ ପ୍ରାକାଶିତ ମୋ ଗଳ୍ପ, 'କେବେ ବି କୁହ ନାହିଁ କିଛି ନାହିଁ ବୋଲି' ଓ ଅନ୍ୟ ଏକ ପତ୍ରିକାରେ (ପତ୍ରିକାଟିର ନାଁ ମନେ ପଡୁନାହିଁ) ପ୍ରକାଶିତ ମୋ ଗଳ୍ପ 'ଡିଣ୍ଡା' ପଢ଼ି ବହୁ ପାଠକ ବିଭୋର ପାଠକୀୟ ମତାମତ ରଖି ମତେ ସେମାନଙ୍କ କଥା ଜଣାଇଲେ, ସେଇଠି ଅଳ୍ପ କେତେ ପାଠକ ପ୍ରଶ୍ନ କଲେ ଏ ସବୁ କଣ ସମ୍ଭବ ? ଅଥଚ ସେ ଗପ ଦୁଇଟିରେ ମୋର କଥା କୌଶଳ ପରେ ଅନ୍ୟସବୁ ଯେତେ ଯାହା ସବୁ ସତ୍ୟ। ଗୋଟେ ଗଳ୍ପର ଭୋଗାଭୋଗ ସହ ମୁଁ ସିଧା ଜଡ଼ିତ ଥିଲି । 'ଡିଣ୍ଡା' ମୋର ଜଣେ ପ୍ରତିବେଶୀର ଜୀବନର ସତ କଥା। ସେ ଆଦିବାସୀ ପିଲାଟେ। ସେ ହିଁ ମତେ ନିଜ ଜୀବନର କଥା କହିବାକୁ ବାଧ ହେଲା, ଯେତେ ବେଳେ ତାଙ୍କ ପରିବାର ତା ଜୀବନ ସହ ମତେ ଯୋଡ଼ି ଦେଲେ। ମୁଁ କେବଳ ସତ ହିଁ ଶୁଣିଗଲି। କେବଳ ସତ। ନିରୋଳା ସତ। ଲେଖିଲି ସେଇ ସତ୍ୟକୁ ସିଧା ମୋ ଭାବରେ, ସଜାଇଲି ମୋ କଳ୍ପନାରେ। ତାକୁ ପଢ଼ି ମୋର କେତେଜଣ ପାଠକ କହିଲେ, 'ପ୍ରେତର ପ୍ରେମ , ମିଛକଥା।' ଏହା କେବଳ ଗାଳ୍ପିକଙ୍କ କଳ୍ପନା। ଅଥଚ ଏହା ହିଁ ସତ କଥା। ଜଣକ ଜୀବନର କଥା। ଆଉ ଜଣେ ପ୍ରେତ - ପ୍ରେମିକାର କଥା। ସେ ମତେ କହୁଥିବା ବେଳେ ସହି ପାରୁନଥିଲା ତା ଜୀବନକୁ। ତା ସତର ସାକ୍ଷୀ ହେଇ ଲୁହ ବହି ଯାଉଥିଲା। ମୁଁ ତାକୁ ଆଶ୍ୱାସନା ଦେଲି, ତୁ ବ୍ୟସ୍ତ ହଅ ନା, ମୁଁ ତୋ ଆବା ଓ ଆଇଓଙ୍କ ( ବାପା ଓ ମାଆ) ସହ କଥା ହେବି। ସେ ଲୁହ ପୋଛିଲା। ଆଶ୍ୱସ୍ତ ହେଲା ମୁଁ ତା ଦାୟିତ୍ୱ ନେଲି ବୋଲି। ତା କମ୍ ବଡ ଦାୟିତ୍ୱ ନଥିଲା। ଦୁଇଜଣ ନିରୀହ ବିକଳ ବାପ ମାଆଙ୍କୁ ବୁଝେଇବା, ତୁମ ପୁଅ ଜଣେ ପ୍ରେତ କନ୍ୟାକୁ ପ୍ରେମ କରେ। ସେଇ ଜୀବନ ସାଙ୍ଗେ ବଞ୍ଚିବାକୁ ଚାହେଁ। ତାପରେ ଅନେକ କିଛି। ଯାହାକୁ ମୁଁ କହୁ ନାହିଁ। ତେବେ ଏଠୁ ମୁଁ ଏତିକି ଜାଣିଲି, ସବୁବେଳେ ସବୁ ସତ ପାଠକଙ୍କ ପାଇଁ ସତ ନୁହଁ। ସବୁ କଳ୍ପନା ପାଠକଙ୍କ ପାଇଁ ମଧ ମିଛ ନୁହଁ। ଏ ପରିସ୍ଥିତିରେ ମୁଁ ଏତିକି କହିବି, କଳ୍ପନା ଯଦି ସତ୍ୟବର୍ତ୍ତୀ ହେଇଗଲା, ଗଳ୍ପ ସତ ସତ ଲାଗିଲା ତା ସଫଳ ଗଳ୍ପ। ଏହା ସହ ଆଉ ଏତିକି ଯୁକ୍ତ କରାଯିବ ଯେ, ବହୁ ଭାରତୀୟ ଓ ବିଦେଶୀ ଆଲୋଚକ ବହୁ ସ୍ଥଳରେ ସ୍ୱୀକାର କରିଛନ୍ତି ଯେ, ସାହିତ୍ୟ ମାତ୍ରେ ହିଁ କଳ୍ପନା।

ମୋ ପ୍ରାରମ୍ଭିକ ସମୟରେ, ଅନେକ ଗଳ୍ପ ଅଛି ଯେଉଁ ଗଳ୍ପ ସିଧା ଜନଜୀବନ ସାଙ୍ଗେ ଯୋଡ଼ି ହେଇ ରହିଛି। ଏପରି ସମୟରେ ମୋର ଜୀବନରେ ଅନେକ ପାଠକ ଯୋଡ଼ି ହେଇଛନ୍ତି। ସେମାନଙ୍କ ମନୋକାମନା ସାଙ୍ଗେ ମୋ ଗଳ୍ପ ଯୋଡ଼ି ହେଇ ଯାଇଛି। ସେଇଠି ପାଠକଙ୍କ ଗହଣର ଚରିତ୍ରମାନେ ହିଁ ଗପର ଚରିତ୍ର ଓ ସେମାନଙ୍କ ଜୀବନ ଘଟଣା ହିଁ ଗଳ୍ପର କଥା ଭାବେ ଯେତେ ବେଳେ ପାଇଛନ୍ତି ସେମାନେ ପୁଲକିତ ହୋଇଛନ୍ତି। କିଏ କିଏ ତ ମତେ କହିଛନ୍ତି, 'କେମିତି ମୋ କଥା ଆପଣ ଜାଣିଲେ। ସିଧା କେବଳ ମୋ କଥା ଲେଖି ପାରିଲେ। ଆପଣ କଣ ଅନ୍ତର୍ଯ୍ୟାମୀ ?' ମୁଁ ଏପରି ପାଠକଙ୍କୁ ସାମ୍ନା କଲେ ଭାରି ସହଜ ହେଇ ଯାଏ । ଖୁସି ଲାଗେ। ହସିଦିଏ ଓ କେବଳ ପଦେ ମାତ୍ର କଥା ରଖେ, 'ଏହା ବୁଝିବାକୁ ହେବ, ଏଇଟା ଗୋଟେ ସଂଯୋଗ।' ଏଇଠି କିଏ ସେରିୟସ ହେଇ ଯାଏ। ପୁଣି କିଏ ପୁରା ନମନୀୟ ହେଇ ମତେ ସ୍ୱୀକାର କରି ଯାଏ।

ମୁଁ ଯେତେବେଳେ ଗପରେ ହାତ ଦେଲି, (ଶିଶୁଗଳ୍ପ ପରେ, କ୍ଷୁଦ୍ରଗଳ୍ପରେ ) ସେତେବେଳକୁ ମୋର ଅଧିକାଂଶ ଗପ ଆଦିବାସୀ ଜନ ଜୀବନକୁ ନେଇ ଗପ। ମୁଁ ସେମାନଙ୍କ ଭିତରେ ଥିଲି, ସିଧା ସେମାନଙ୍କ କଥା ଲେଖିଲି। ସେଇ ଗପର ପାଠକ ଜଗତ ଅଧିକାଂଶ ଅଣଆଦିବାସୀ। ସେମାନେ ଜନଜାତି ଜୀବନ ସାଙ୍ଗେ ଯେତେବେଳେ ମତେ ବା ମୋ ପରି କାହା କାହାକୁ ଦେଖିଲେ, ତାକୁ ଅନ୍ୟଭାବେ ନେଇ ବିହ୍ୱଳିତ ହେଲେ। ସେଇଠି ଯେଉଁ କଥାନିକା / କଥାଂଶ ରହିଲା, ଗଳ୍ପରେ ମୋର ନିଜସ୍ୱ ହେଇ ଯେଉଁ ଗଳ୍ପ ଭାଷା ରହିଲା ତାହାକୁ ବହୁ ପାଠକ ଭାରି ମାନିଲେ ଓ ପ୍ରଶଂସା କଲେ। ଯେଉଁମାନେ ଏ ଦିଗରେ ବେଶୀ ଆଗେଇ ଚାଲିବାକୁ ମତେ କହିଲେ ସେମାନେ ତ ବହୁ ସାଧାରଣ ପାଠକ। ତେବେ ସେମାନଙ୍କ ଭିତରେ ସାଧାରଣ ପାଠକଙ୍କ ଠାରୁ ଭିନ୍ନ ହେଇ ମୋ ଗଳ୍ପ ସହ ଓ ମୋ ସହ ଯେଉଁମାନେ ଅନ୍ତରଙ୍ଗ ହେଲେ ସେମାନଙ୍କ ଭିତରେ ପ୍ରମୁଖ ହେଲେ ପଦ୍ମଜ ପାଳ, ଆଯ୍ୟ ଯଜ୍ଞଦତ୍ତ, ସଦାନନ୍ଦ ତ୍ରିପାଠୀ, ବିରଜା ବଳ, ରାମଚନ୍ଦ୍ର ବେହେରା, ଗିରି ଦଣ୍ଡସେନାଙ୍କ ପରି ବହୁ ଗୁଣି ମଣିଷ ଯେଉଁମାନେ ସିଧା ସାହିତ୍ୟ ସହ ଓ ମୋ ସହ ସଂଶ୍ଲିଷ୍ଟ ହେଇଗଲେ। ମୋର ସେମାନଙ୍କ ସହ ସାକ୍ଷାତ ସମ୍ପର୍କ ନ ଥିଲା। ତେବେ ସେମାନଙ୍କ ସହ ମୋର ଚିଠି-ସମ୍ପର୍କ ଥିଲା। ପରେ ଫୋନ୍‌ରେ, ତା ବହୁଦିନ ପରେ ଦେଖା ସାକ୍ଷାତରେ ଆମେ ଯୋଡ଼ି ହେଲୁ। ସେତେବେଳେ ସେମାନେ ମୋ 'ଭଲ ମଣିଷ, ଡିଣ୍ଡା, ତୃତୀୟ ଅଞ୍ଚଳ, ଗୀତର ଛାଇ, କେବେ ବି କୁହ ନାହିଁ କିଛି ନାହିଁ ବୋଲି, ମାଦଳ, ଲୁଚି ଯାଇଥିବା ଦାମ୍ପତ୍ୟ' ପରି ବହୁ ଗଳ୍ପକୁ ଭାରି ନିକଟରୁ ଦେଖିଲେ। ସେମାନଙ୍କର ବିଶ୍ୱାସ ସହ ମୁଁ ସେଇ ଆଦିବାସୀ ଜନ ଜୀବନ ଓ ଜନପ୍ରାଣ ସହ ରହିଥିଲି ବର୍ଷ ବର୍ଷ। ତା ଭିତରେ ମୁଁ ଅବଶ୍ୟ ଅନ୍ୟ ଗଳ୍ପ ଅନେକ ଲେଖି ପାଠକୀୟ ଶ୍ରଦ୍ଧା ପାଇଛି।

> ଯେଉଁମାନେ ଏ ଦିଗରେ ବେଶୀ ଆଗେଇ ଚାଲିବାକୁ ମତେ କହିଲେ ସେମାନେ ତ ବହୁ ସାଧାରଣ ପାଠକ। ତେବେ ସେମାନଙ୍କ ଭିତରେ ସାଧାରଣ ପାଠକଙ୍କ ଠାରୁ ଭିନ୍ନ ହେଇ ମୋ ଗଳ୍ପ ସହ ଓ ମୋ ସହ ଯେଉଁମାନେ ଅନ୍ତରଙ୍ଗ ହେଲେ ସେମାନଙ୍କ ଭିତରେ ପ୍ରମୁଖ ହେଲେ ପଦ୍ମଜ ପାଳ, ଆଯ୍ୟ ଯଜ୍ଞଦତ୍ତ, ସଦାନନ୍ଦ ତ୍ରିପାଠୀ, ବିରଜା ବଳ, ରାମଚନ୍ଦ୍ର ବେହେରା, ଗିରି ଦଣ୍ଡସେନାଙ୍କ ପରି ବହୁ ଗୁଣି ମଣିଷ ଯେଉଁମାନେ ସିଧା ସାହିତ୍ୟ ସହ ଓ ମୋ ସହ ସଂଶ୍ଲିଷ୍ଟ ହେଇଗଲେ। ମୋର ସେମାନଙ୍କ ସହ ସାକ୍ଷାତ ସମ୍ପର୍କ ନ ଥିଲା।

ତା କିଛି ବର୍ଷ ପରେ ମତେ ଲାଗିଲା, ଗଳ୍ପ କହିଲେ କେବଳ ମୋ ପରିବେଶର ସ୍ଥୂଳ ଦୃଶ୍ୟ ଓ ସ୍ଥୂଳ ଜୀବନ ହେଇ ନ ପାରେ। ଏ ପୃଥିବୀ ବିଶାଳ ପୃଥିବୀ। ସେ ଭିତରେ କୋଟି ମଣିଷ , କୋଟି ଜୀବନ। ମତେ ଆଖି ଫିଟେଇବାକୁ ହେବ। ବହୁ ଦୂର ଯାଏ ଯିବାକୁ ହେବ। ସେତେବେଳକୁ ମୋ ପୁରୁଣା ସମୟ ବଦଳୁଛି। ବଦଳୁଛି ବି ମଣିଷର ଆତ୍ମବୋଧ। ମଣିଷ ଜୀବନ ଓ ମଣିଷର ଅନ୍ତର୍ଜୀବନ ଭିତରେ ଥିବା ମନ ଓ ମନସ୍ତତ୍ତ୍ୱ ମତେ ଦିଶିବାକୁ ଲାଗିଲା। ମଣିଷ ଭିତରେ ଅନେକ କିଛି ସବୁବେଳେ ଘଟୁଥାଏ। ଅନେକକୁ ମଣିଷ ଲିଭୋଉ ଥାଏ। ଅନେକକୁ ସେ ଲିଭେଇ ପାରୁ ନ ଥାଏ। ମୁଁ ଅନେକ ମଣିଷଙ୍କ ଛାତି ତଳ ଲୁହ ଦେଖିଲି ଓ ସେମାନଙ୍କ ଓଠରେ ସେଇ ଲୁହର ଛଦ୍ମ ଆବରଣ ସେମାନଙ୍କ ହସରେ ଦେଖିଲି। ଏମିତି ଜୀବନର ଅନେକ ଭୋଗାଭୋଗକୁ ମୁଁ ମୋ ଗଳ୍ପରେ ଆଣିଲି। ଗଳ୍ପ ଭିତରର ଏ ଆତ୍ମବୋଧ ବହୁ ପାଠକଙ୍କର ଆତ୍ମ କଥା ହେଇଗଲା। ବରଫ ଛୁରୀ, ଆତ୍ମ ଭୂମି ପରି ବହୁ ମନଧର୍ମୀ ଗଳ୍ପ ବହୁ ପାଠାକଙ୍କୁ ଅନ୍ୟ ଭାବେ ସ୍ପର୍ଶ କଲା। ଦେଖିଲି ଜୀବନର ଖୁବ୍ ସୂକ୍ଷ୍ମ ସ୍ତରରେ ବି ବହୁ ମଣିଷ। ବହୁ କଥା। ଏହି ଗଳ୍ପମାନଙ୍କର ପାଠକ, ସଂଖ୍ୟାରେ ଏତେ ମୁଁ ବିଶ୍ୱାସ କରି ପାରି ନ ଥିଲି। ମତେ ପାଠକୀୟ ମତମତରୁ ଅନୁଭୂତ ହେଲା, ମୁଁ ଯେଉଁ ଜୀବନର କଥା କହିଛି ଓ କହୁଛି, ଏପରି ମଣିଷଙ୍କ ସଂଖ୍ୟା ଆମ ସମାଜରେ ଅନେକ। ମନକୁ ଭିତ୍ତି କରି ଯେଉଁ ଗଳ୍ପମାନ ଲେଖାଗଲା, ସେ ସବୁ ଗଳ୍ପର ପଥ ପ୍ରଦର୍ଶିକା ହେଲେ ମୋର ଏକାନ୍ତ ପ୍ରିୟ ମନବିଜ୍ଞାନୀ କୃଷ୍ଣପ୍ରିୟା ନନ୍ଦ। ସେ ମୋ ଗଳ୍ପ - ଗଭୀର ସୂକ୍ଷ୍ମ କଥାକୁ ମତେ ଜଣାଇଲେ ଓ ମତେ ପ୍ରୋତ୍ସାହିତ କଲେ। ସେ ବି ମଣିଷ ମନର ବହୁ କରଣୀୟ, ନିବାରଣୀୟ, ବହୁ ପ୍ରସଙ୍ଗ ଆଲୋଚନାକୁ ଆଣିଲେ। ଏଇଠି ତାଙ୍କ ପ୍ରୋତ୍ସାହନ ସହ ଅନ୍ୟ ଅନେକ କଥା ରହିଲା ଯାହାକୁ ମୁଁ ଧେୟ କରି ବହୁ ମଣିଷଙ୍କ କଥା ଲେଖିଲି। ମତେ ଲାଗୁଥିଲା, ମୁଁ କଣ ଏମିତି ଚରିତ୍ର ମାନଙ୍କୁ ପାଇବି ? ଅଥଚ ଆଶ୍ଚର୍ଯ୍ୟ ଏମିତି ଚରିତ୍ର ମୋ ଗହଣରେ ଅନେକ ପାଇଲି। ସେମାନେ କହିଲେ ସେମାନଙ୍କ କଥା, ମୁଁ ଗଳ୍ପରେ କହିଲି ସେମାନଙ୍କ କଥା।

ମୋ ଜୀବନରେ ମୋର ଅନେକ ବନ୍ଧୁ ଓ ଶୁଭାକାଂକ୍ଷୀ ଆସିଛନ୍ତି ଓ ମୋ ଗଳ୍ପ ଧାରା ଉପରେ ସେମାନଙ୍କ ନିଜସ୍ୱ ଭାବନାକୁ ମୋ ଉପରେ ପ୍ରତିସ୍ଥାପନ କରିବାକୁ ପ୍ରୟାସ କରିଛନ୍ତି। ଏହା ନିଶ୍ଚିତ ଯେ ସମସ୍ତଙ୍କ ଲେଖକୀୟ ଧାରା ଅଲଗା ଅଲଗା। ଯିଏ ଯୋଉ ଧାରାରେ ଅଛି, ତା ଶ୍ରେଷ୍ଠ ବୋଲି ସେମାନେ ମନେ କରନ୍ତି। ତେଣୁ ନିଜକୁ ଲୁଚେଇ 'ଉଚିତ୍' କୁ ଭିତ୍ତିରେ ରଖି ମତେ ସେମାନଙ୍କ ଧାରାରେ ଭସେଇବାକୁ ପରୋକ୍ଷରେ କହିଛନ୍ତି। ସେମାନଙ୍କ ଯୁକ୍ତି ମଧ ଗ୍ରହଣୀୟ। ମୁଁ ସେମାନଙ୍କ ଭାବନା ସହ ଯିବାକୁ ମଧ ପ୍ରୟାସ କରିଛି। ଅଥଚ ମାଗି ଆଣିବା ତିଅଣ ତ କାଳେ କାଳେ ସୁଡୁକେ। ମୋର ସେଇ ଅବସ୍ଥା ହେଇଛି। କିଛି ପାରିଛି ଓ ଅନେକ କିଛିରେ ହାରି ଯାଇଛି। ଗୋଟେ ଛାଡ଼ି ଅନ୍ୟକୁ ଧରିଛି ସିନା, ହେଲେ ଆପେ ଆପେ ମୋ କଥା ଶୈଳୀ ମୋର ହେଇ ଯାଇଛି। ଶେଷକୁ ମୋ ଗଳ୍ପ ମୋ ଧାରାରୁ ଓହ୍ଲେଇ ଆସିଛି । କିଏ କିଏ ( ସଂଖ୍ୟାରେ ସେମାନେ ହାତ ଆଙ୍ଗୁଳିରେ ଗଣି ହେଇ ଯିବେ )କହନ୍ତି, ଆପଣଙ୍କ ଗଳ୍ପକୁ ପଶିବାକୁ ହୁଏ। ଗପରେ କିଛି ସୂକ୍ଷ୍ମତା ରୁହେ, ସେ ଭିତରକୁ ସହଜେ ପଶି ହୁଏ ନାହିଁ। ଆମକୁ କଷ୍ଟ ହୁଏ, ସାଧାରଣ ପାଠକଙ୍କୁ ବୁଝିବା ସହଜ ହେଉ ନ ଥିବ। ତେବେ ମତେ ଆଶ୍ଚର୍ଯ୍ୟ ଲାଗେ ମୋର ନିରୁତା ପଠକଙ୍କ ପାଇଁ ମୋ ଗପ କେବେ ବି କଷ୍ଟ ହେଇନାହିଁ। ତାପରେ ମୁଁ ନିଜକୁ ଆଶ୍ୱାସନା ଦିଏ, ଜଣେ ଜଣେରେ କଣ ଅଛି, ମୁଁ ସମୂହରେ ତ ରହି ପାରିଛି। ମୋ ଆଶ୍ୱାସନା ମତେ ଆଶ୍ୱସ୍ତ କରେ । ତେବେ ଜଣେ ଜଣେ ମୋ ଗଳ୍ପ ନେଇ ଯେଉଁ କୃତିମତା ପ୍ରକାଶ କରନ୍ତି, ମୁଁ ସେମାନଙ୍କୁ ମୋ ଭିତରେ ଖୁବ୍ ବିନମ୍ର ହେଇ ନମସ୍କାର କରେ। ସେଇ ଭିତରେ ମୋର ବିନମ୍ର ପ୍ରତ୍ୟାଖ୍ୟାନ ବି ଥାଏ।

ମୁଁ ଜାଣେ ଗଳ୍ପ ହିଁ ଶିଳ୍ପ। ତେଣୁ ଗଳ୍ପ ଜନ୍ମା ଲେଖା ଯାଏନା। ଗଳ୍ପକୁ ନିର୍ମାଣ କରାଯାଏ। ମୁଁ ଏଯାଏ ଗଳ୍ପ ଲେଖି ନାହିଁ, ମୋ ପ୍ରତିଟି ଗଳ୍ପକୁ ମୁଁ ନିର୍ମାଣ କରିଛି, ଶିଳ୍ପୀ କହିଲେ ଶିଳ୍ପୀ ହେଇ, ଶ୍ରମିକ କହିଲେ ଶ୍ରମିକ ହେଇ। ମୋ ଶ୍ରମର ମୂଲ୍ୟ ମୋ ପାଠକମାନେ ଦେଇଛନ୍ତି ଓ ଦେଉଛନ୍ତି। ମୋ ପାଠକ ବିନା ମୁଁ ନାହିଁ। ମୋ ପାଠକ ବିନା ମୋ ଗପ ନାହିଁ। ମୁଁ ସେମାନଙ୍କର ଓ ସେମାନେ ମୋର। ଏଇ ମୋର ମୋର ଜୀବନ ସବୁଦିନେ ଥାଉ। ମୋ ବଞ୍ଚିବାରେ ଥାଉ, ମୋ ମୃତ୍ୟୁରେ ବି ଥାଉ।

♥ ରାଉରକେଲା
(ମୋ) ୯୮୬୧୬୫୫୩୫୭



## ପ୍ରିୟ ପାଠକ

## ଗଳ୍ପ

# ଭଲ ପାଇଲେ ଭୁଲି ହୁଏନା...

ପ୍ରଦେଶ ପ୍ରତ୍ୟୁଷ



ବିଗ୍ରହ "ମୁଁ ତୁମକୁ କେବେ ବି ଭୁଲି ପାରିବିନି । ତୁମେ ମୋର ପ୍ରଥମ ସ୍ପର୍ଶ , ପ୍ରଥମ ସଂପର୍କ ଏବଂ ମୋ ଜୀବନର ପ୍ରଥମ ଓ ଶେଷ ପ୍ରତିଶ୍ରୁତି ଓ ପ୍ରତୀକ୍ଷା। ମୋର ବୟସର ଉପବନରେ ତମେ ମୋର ମୃଦୁ ମଳୟ । " ସେଦିନ ରିତିକା ଏମତି ସବୁ କଥା ଲେଖିଥିଲା ଚିଠିରେ। ମୁଁ ମହା ଆନନ୍ଦରେ ହୃଦୟରେ ସାଇତି ଥିଲି ତାର ଏହି ପ୍ରୀତି ବୋଳା କଥା ଗୁଡ଼ିକୁ। ସ୍ୱପ୍ନ ରାଇଜରେ ନିଜକୁ ହଜାଇ ଦେଇଥିଲି।

ରିତିକା ଥିଲା , ମୋର ପାଖ ଗାଁର ଝିଅ। ମୁଁ ସେତେବେଳେ କଲେଜରେ ଯୁକ୍ତ ଦୁଇରେ ପଢୁଥିଲି। ଆଉ ସେ ପଢୁଥିଲା ଦଶମରେ। ରିତିକାର ଗାଁକୁ ମୁଁ ନିତି ସକାଳେ ସନ୍ଧ୍ୟାରେ ଟ୍ୟୁସନ କରିବାକୁ ଯାଉଥିଲି । ନିତି ସେହି ଗାଁକୁ ଟ୍ୟୁସନ କରି ଯିବା ଭିତରେ ତା ଗାଁର ଲୋକଙ୍କ ସହ ମୋର ଖୁବ୍ ଘନିଷ୍ଠତା ଆସି ଯାଇଥିଲା। ରିତିକା ସହ ଦେଖାହୁଏ, ହେଲେ କେବେ କଥା ହୁଏନି। ବୀଣା ବି ସେମିତି। ଦେଖି ନଦେଖିଲା ଭଳି ହସି ଦେଇ ପଳାଏ । ଏମିତି ଭାବେ ଦିନ ମାସ, ବର୍ଷ ବିତିଗଲ।

ରିତିକାର ଘର ଲୋକେ ମୋତେ ଖୁବ୍ ଭଲ ପାଉଥିଲେ । ତା ବୋଉ ମୋତେ ତାଙ୍କ ଘରକୁ ଡାକନ୍ତି, ଯେତେବେଳେ ଦେଖନ୍ତି। ଏମିତି ଭାବେ ଧିରେ ଧିରେ ଆଗ ଅପେକ୍ଷା ମୁଁ ଅଧିକ ଅଧିକ ରିତିକା ଘରକୁ ଗଲି।

ଦିନେ ହଠାତ୍ ଜାଣିବାକୁ ପାଇଲି ରିତିକା ମନେମନେ ମୋତେ ଭଲ ପାଉଛି । ତଥାପି ମୋର ବିଶ୍ୱାସ ହେଲାନି। କାହିଁକି ନା ମୁଁ କେବେ ତାକୁ ସେମିତି ନଜରରେ କେବେ ବି ଦେଖି ନଥିଲି। ହେଲେ କଥାରେ ଅଛି ଗୋଟେ ଜିନିଷ ବିଷୟରେ ମନରେ ପ୍ରଶ୍ନ ଉଙ୍କି ମାରିଲେ , ତାର ଉତ୍ତର ଜାଣିବାକୁ ଇଚ୍ଛା ଜାଗ୍ରତ ହୋଇଯାଏ । ମୋ ସାଥିରେ ସେୟା ହିଁ ହେଲା ।

ପୂର୍ବ ଅପେକ୍ଷା ଏକ ଅନୁସନ୍ଧିତ୍ସୁ ମନ ନେଇ ରିତିକାର ଘରକୁ ଗଲି। ତାକୁ ଏବେ ଆଗ ଅପେକ୍ଷା ଅଧିକ ଦେଖିବାକୁ ଲାଗିଲି। ତାର ଚାଲି ଚଳନ କଥାବାର୍ତ୍ତାକୁ ପରଖିଲି। ଆଉ ଯାହା ଅନୁଭବ କଲି । ତାହା ଥିଲା ରିତିକାର ନିରବ ପ୍ରେମ। ସେ ମୋତେ ମନେମନେ ବହୁଦିନରୁ ଭଲ ପାଉଛି।

ଆଖି ଆଖିରେ ମିଶିଲା ଏବେ। ଦୁହେଁ ଦୁହିଁକୁ ଲାଜ କରିବା ଆରମ୍ଭ କଲୁ। କଥାବାର୍ତ୍ତା ଇସାରା ଇସାରାରେ ଚାଲିଲା । ଗୋଟେ ନିର୍ଲିପ୍ତ ପ୍ରେମ ଆରମ୍ଭ ହୋଇଯାଇ ଥିଲା ଆମ ଦୁହିଁଙ୍କ ଭିତରେ ।

ସେଦିନ ଟ୍ୟୁସନ ସାରି ଯିବାକୁ ବାହାରି ଥାଏ । ଛୋଟ ପିଲାଟେ ଆସି ରିତିକା ଦିଦି ଏଇଟା ଦେଇଛି କହି ମୋ ହାତକୁ ବଢାଇ ଦେଲା ଚାରି ଚଉତା ଭଙ୍ଗା କାଗଜ ଖଣ୍ଡେ। ହଠାତ୍ କିଛି ବୁଝି ପାରି ନଥିଲି। ରିତିକା ଏଇଟା କଣ ଦେଇଛି । ଦେହରେ ଶହେ ଆଠ ଜ୍ୱର ଆସିଗଲା । ମନରେ ଅନେକ ପ୍ରଶ୍ନ । ତା ଘର ଲୋକ ମୋ ବ୍ୟବହାରକୁ ନେଇ, କି ତା ଘରକୁ ଯିବା ନେଇ କିଛି କହିଲେ କି ? ରିତିକା କିଛି ଖରାପ ଭାବିଲା କି ? ଏମିତି ଅନେକ ପ୍ରଶ୍ନର ଅଡୁଆ ସୂତାରେ ଛନ୍ଦି ହୋଇଗଲି । ସବୁ ପ୍ରଶ୍ନର କୁଳେଳିକା ଭିତରେ ଚିଠି ଖୋଲିଲି । ବିଶ୍ୱାସ କରି ପାରିଲିନି । ମୋ ଜୀବନର ପ୍ରଥମ ପ୍ରେମର ଚିଠି ପାଇଛି । ତାକୁ ଅନେକ ଦିନରୁ ମନେମନେ ଭଲ ପାଉଥିବା ରିତିକା ଦେଇଛି । ନିମିଷକରେ ସ୍ୱପ୍ନ ରାଇଜରେ ହଜିଗଲି। ଯାହା ଆଶା ଥିଲା, ତା ଆଜି ବାସ୍ତବିକ ପାଲଟିଛି।

ଚିଠିରେ ରିତିକା ତା ମନର ସବୁ କଥା ଖୋଲି କହିଥିଲା। ଲେଖିଥିଲା ...କହିବି କହିବି ବୋଲି କହିବାକୁ ସାହସ କରି ପାରୁ ନଥିଲି । କାଳେ ତମେ ଖରାପ ଭାବିବ। ଘର ଲୋକ ଏବେ ସନ୍ଦେହ କଲେଣି। ଏଥର ଘରକୁ ବେଶି ଆସ ନାହିଁ । ନୁହେଁ ତ ତାଙ୍କ ପ୍ରେମ ଆଉ ଆଗକୁ ବଢି ପାରିବନି ।

ସେଦିନ ରିତିକା ଚିଠି ପଢି ଏକ ଅଜଣା ରାଇଜରେ ହଜିଗଲି। କେତେବେଳେ ସନ୍ଧ୍ୟା ହୋଇ ରାତି ହେଲା ଜାଣି ପାରିଲିନି। ରାତିରେ ନିଦ ହେଲାନି ଆଉ । ସେହି ଗୋଟେ ପୃଷ୍ଠାର ଲେଖା ଚିଠିଟିକୁ କେତେ ଯେ ପଢିଛି ତାର ହିସାବ ନାହିଁ। ରାତି ସାରା ବସି ଲେଖିଲି ମୋ ଜୀବନର ପ୍ରଥମ ପ୍ରେମ ଚିଠି। ରିତିକା ଚିଠିର ପ୍ରତି ଉତ୍ତରରେ କଣ ଲେଖିବି , କଣ ତାକୁ ସମ୍ବୋଧନ କରବି। ନାଁ ଧରି ନା ପ୍ରିୟତମା କହି ଲେଖିବି। ଲେଖୁଲେଖୁ ଲେଖି ଦେଲି ଦଶ ପୃଷ୍ଠାର ଚିଠି। କେମିତି ଯେ ଏତେ ସବୁ ଲେଖିଲି ଜାଣି ପାରଲିନି।

ଚିଠି ପାଇ ପୁଣି ଏକ ଚିଠି ଦେଲା ରିତିକା। ଖୁବ୍ ଗଭୀର ହେଲା ଚିଠିର ଭାଷା, ଭାବ । ଆରମ୍ଭ ହେଲା ଚିଠି ପ୍ରେମ । ଏମିତି କିଛି ଦିନ ଚିଠିରେ ଚାଲିଲା ପ୍ରେମ । ଆଉ ତାପରେ ଆରମ୍ଭ ହୋଇଗଲା ଫୋନରେ କଥାବାର୍ତ୍ତା। କେତେ ଏମିତି ଚିଠି ଦିଆନିଆ, ଫୋନରେ କଥାବାର୍ତ୍ତା ଚାଲିବ, ବେଳେବେଳେ ପରସ୍ପରକୁ ଭେଟ ହେଲୁ । ସେ ମନ୍ଦିର ଯିବା ବାହାନାରେ ମତେ ଦେଖା କରେ। କଲେଜ ଗଲା ବେଳେ ବାଟରେ ମଧ ମୋତେ ଅପେକ୍ଷା କରେ। ଏମିତି ଭାବେ କିଛିଦିନ ବିତିଗଲା । ପ୍ରେମର ମଞ୍ଜିଟି ଏବେ ଅଙ୍କୁରୋଦମ ହୋଇ ବଢିବାକୁ ଲାଗିଲା। ପ୍ରତିକ୍ଷଣେ ଦୁହେଁ ଦୁହିଁଙ୍କୁ ଖୋଜିଲୁ। ଆମ ସଂପର୍କ ବିଷୟରେ ସମସ୍ତେ ଜାଣିଗଲେ । କିନ୍ତୁ ଆମର ଏ ପ୍ରେମରେ ସମସ୍ତେ ଖୁସି ଥିଲେ। ଆମ ଯୋଡିକୁ ପ୍ରଶଂସା କରୁଥିଲେ ଆମ ଦୁଇ ଜଣଙ୍କ ସାଙ୍ଗସାଥି ଆଉ ଚିହ୍ନା ପରିଚିତ ଲୋକ।

ମୁଁ ଏହାରି ଭିତରେ ନିଜର ଚାକିରି ପାଇଁ ମଧ ବ୍ୟସ୍ତ ରହି ବିଭିନ୍ନ ପରୀକ୍ଷା ଦେଉଥାଏ। ରିତିକା ସବୁଥିରେ ମତେ ସାହାସ ଓ ପ୍ରେରଣା ଦିଏ।

ଦିନ ଯେତିକି ଗଡ଼ି ଚାଲିଥିଲା ରିତିକା ଓ ମୋ ଭିତରେ ସଂପର୍କଟା ସେତିକି ଦୃଢ ହେବାକୁ ଲାଗୁଥିଲା। ସୁଖ ଦୁଃଖ ସବୁଥିରେ ରିତିକା ମୋ ସହ ଥିଲା। ମୋ ପାଇଁ ମନ୍ଦିରରେ ନିତି ଦୀପ ଜାଳୁଥିଲା। ଏମିତି ଭାବେ ଆମ ଭିତରେ ପାଞ୍ଚବର୍ଷ ବିତିଗଲା। ମତେ ଯେମିତି ଲାଗିଲା ମୋ ଠାରୁ ସେ ମୋତେ ବେଶୀ ଭଲ ପାଉଛି।

ମୋ ପ୍ରତି ତାର ଅଶେଷ ପ୍ରୀତି ଓ ଶ୍ରଦ୍ଧାକୁ ସାକାର କରିବା ପାଇଁ ମୁଁ ମଧ ପ୍ରତିକ୍ଷଣେ ଚେଷ୍ଟା କରୁଥିଲି । ତାକୁ ନେଇ ଜୀବନକୁ ଖୁସିରେ ବିତେଇ ବୋଲି ପଣ କରି ନେଲି। ହେଲେ ହଠାତ୍ କେମିତି ସବୁ ଓଲଟପାଲଟ ହୋଇଗଲା। ଆମ ସଂପର୍କରେ କାହାର ନଜର ଲାଗିଗଲା । ମୋତେ ଅନୁଭବ ହେଲା ମୋ ଠାରୁ ରିତିକା ଦୂରେଇବାକୁ ଲାଗୁଛି । ଆଉ ମୋ ଅନୁମାନ ପ୍ରାୟ ସତ ହେଲା । ଦିନେ ସେ ମୋତେ ତାକୁ ଭୁଲିଯିବା ପାଇଁ ମୋତେ କହିଲା ।

"କାହିଁକି ତୁ ମତେ ଏମିତି କହୁଛୁ ? କଣ ହୋଇଛି ତୋର । ମୁଁ କଣ ଭୁଲ୍ କଲି କି ?" ରିତିକାକୁ ପଚାରିଲି। କିଛି ବି ଉତ୍ତର ଦେଲାନି। ଯାହାକୁ ମୁଁ ମୋ ଦିନ, ମୋ ମନ ସବୁ ଦେଇ ଦେଇଛି , ତାର ଏପରି ନିରବତାରେ କିପରି ବା ସ୍ଥିର ରହିପାରନ୍ତି । ପାଗଳ ପ୍ରାୟ ହୋଇଗଲି ....।

ହେଲେ ସେ ଥିଲା ନିରୁତ୍ତର । ଅନେକ ଚେଷ୍ଟା କଲି ତା ସହ ଭେଟ ହେବାକୁ, ସେ ଚାହିଁଲାନି। ଚିଠି ଦେଲି ପଢିଲାନି। ଫୋନ୍ ବି ରିସିଭ୍ କଲାନି। ସତରେ ଏ କେମିତି ଦଣ୍ଡ, କେଉଁ ପ୍ରକାର ଯନ୍ତ୍ରଣା । ଯିଏ ଅନୁଭବ କରିଥିବ ସେ ହିଁ ଏ ପ୍ରେମ ବିରହ ଦହନକୁ ଜାଣିପାରିବ।

ରେଡିଓରୁ ଶୁଣାଯାଉଛି ସୁଭାଷ ଦାଶଙ୍କ ଗୀତ,.. "ରଙ୍ଗ ଯେବେ ଫିକା ପଡ଼ିବ / ରୂପ ଯେବେ ଝାଉଁଳି ଯିବ/ସେଦିନ ବି ତତେ ଭଲ ପାଉଥିବି...ତୋ କଥା ମନେପଡିବ... "। ସତରେ ସେ ଗାଉଲି ଝିଅର ଗାଉଁଲି ପ୍ରେମ , ଆଜି ବହୁଦିନପରେ ବି ମନକୁ ଆନ୍ଦୋଳିତ କରେ। ସ୍ୱପ୍ନରେ ଭିଜାଏ । ମନକୁ ବେପଥୁ କରାଏ ।

ଜାଣେନି ତା ସହ କେବେ ଦେଖାହେବ। ଯେବେ ଦେଖାହୁଏ, ନିଶ୍ଚୟ ପଚାରିବି ତାକୁ ମୋ ଜୀବନର ପ୍ରଥମ ଓ ଶେଷ ପ୍ରଶ୍ନ।

"କ୍ଷଣିକ ପାଇଁ ଆପଣେଇ ଏମିତି ହୃଦୟରୁ କାଢି ଫିଙ୍ଗି ଦେଇ କଣ ଠିକ୍ କଲୁ ରିତିକା..। ତୁ ପା ଦିନେ ମୋତେ ତୋ ମନର ମଣିଷ କରିଥିଲୁ । ଗାଁ ମନ୍ଦିରରେ ପୂଜା କରି ମୋ ପାଇଁ ତୁ ମଥାରେ ସିନ୍ଦୂର ନାଇ ଥିଲୁ । ଏମିତି ନିଷ୍ପତ୍ତି ନେବା ଆଗରୁ ମତେ ତ ଥରେ କହି ପାରି ଥାନ୍ତୁ । ମୁଁ କଣ ତୋ ଖୁସକୁ ଭାଙ୍ଗି ଦେଇଥାନ୍ତି। ବରଂ ତୋ ଇଚ୍ଛାକୁ ହସି ହସି ସ୍ୱୀକାର କରିଥାନ୍ତି । "

ବିଗ୍ରହ, ତାର ବିସ୍ମୃତ ପ୍ରେମକୁ ମୋ ଆଗରେ ବର୍ଣ୍ଣନା କରି ଚାଲିଥିଲା । ତା ଆଖି ଲୁହରେ ଭିଜୁଥିଲା, ଆଉ ମୋ ଆଖି ବି । ମୁଁ ପୂଜା ସଂଖ୍ୟା ପାଇଁ ପ୍ରେମ ଗପଟିଏ ଲେଖିବାର ପ୍ଲଟ ଟିଏ ପାଇ ଯାଇ ଥିବାର ଖୁସିରେ ଯେତିକି ଆନନ୍ଦିତ ହେଉଥିଲି, ତା ଠାରୁ ବେଶୀ ଦୁଃଖିତ ହେଉଥିଲି ବିଗ୍ରହର ନିଷ୍କପଟ ଭଲ ପାଇବାକୁ ଦେଖି । ଶେଷରେ ତାକୁ ବନ୍ଧୁତ୍ୱ ସୂତ୍ରରେ ଆଶ୍ୱାସନା ଦେଇ କହିଲି, ବନ୍ଧୁ, ଭଲ ପାଇଲେ ଭୁଲି ହୁଏନା । ଯେଉଁ ପ୍ରେମରେ ସ୍ୱାର୍ଥ ନଥାଏ, ତା ଶାଶ୍ୱତ । ସେ ଅଭାଗିନୀ, ଯାହାକି ତୋ ପ୍ରେମକୁ ବୁଝି ବି ଅବୁଝା ପାଲଟି ଗଲା ।

ଏତିକି କହି ମୁଁ ବିଗ୍ରହକୁ ଲକ୍ଷ୍ୟ କରୁଥିଲି, ଆଉ ମନେମନେ ଭାବୁଥିଲି ନିରୁତା ପ୍ରେମ କରୁଥିବା ଏଇ ମଣିଷ ସତରେ ମହାନ। ଯାହାର ହୃଦୟରେ କିଛି ବି ପ୍ରତ୍ୟାଶା ନାହିଁ, ଅହଙ୍କାର ନାହିଁ । ମୁଁ ବିଗ୍ରହ ଠାରୁ ବିଦାୟ ନେଇ ଫେରୁଥିଲି। ଆଉ ତାକୁ କହିବାକୁ ଭୁଲିଯାଇ ଥିଲି ଯେ, ତୋର ସେହି ଅଭାଗିନୀ ପ୍ରେମିକା, ମନର ମାନସୀ, ଯିଏ ତୋ ପରି ଜଣେ ହୀରାକୁ ନିଜର କରି ପାରିଲାନି, ସେ ଆଜି ମୋର ସ୍ତ୍ରୀ ।

♥ କୁରୁମଟାଙ୍ଗର, ଢେଙ୍କାନାଳ
(ମୋ) ୭୦୦୮୪୩୧୨୫୭

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୦ ଅକ୍ଟୋବର ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




ଚେତନାର ଦର୍ପଣ - ୪୪

## ଶାନ୍ତି ଓ ମୁକ୍ତି



♥ ଲଳିତ ମୋହନ ମିଶ୍ର

ଏକ ସୁସ୍ଥ, ଚରିତ୍ରସମ୍ପନ୍ନ, ସୁସଂସ୍କାରିତ ସମାଜ ଗଠନ ପାଇଁ... ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ପୁରୁଷାର୍ଥର ଚାରୋଟି ପଦ୍ଧତି ଆମର ଧାର୍ମିକ ଗୁରୁମାନେ କହିଅଛନ୍ତି । ବେଦାନୁକୂଳ ଜୀବନ ପଦ୍ଧତିକୁ ଆପଣାଇବା ଦ୍ୱାରା ଆମର ଜୀବନ ଓ ଜଗତ ମଙ୍ଗଳମୟ ହୋଇଥାଏ । ଏହି ଚାରି ପୁରୁଷାର୍ଥ ମାଧ୍ୟମରେ ଇହଲୋକ ଓ ପରଲୋକର ସୁଖକୁ ଅନୁଭବ କରାଯାଇପାରିବ । ପ୍ରଥମଟି ହେଉଛି ଧର୍ମ, ତା'ପରେ ଅର୍ଥ ଓ କାମ ଏବଂ ଶେଷରେ ମୋକ୍ଷ ବା ମୁକ୍ତି । ଧର୍ମ ଶବ୍ଦର ସରଳ ଅର୍ଥ ହେଉଛି ଯାହା ଧାରଣ କରାଯାଏ । ଧର୍ମ ହେଉଛି ବଞ୍ଚିବାର ଏକ କଳା । ଧର୍ମ ଆତ୍ମା ସହିତ ଜଡିତ । ଧର୍ମ ମନୁଷ୍ୟକୁ ମାନବିକତା ପ୍ରତି ପ୍ରେରିତ କରିଥାଏ । ଯାହାଦ୍ୱାରା ଆମର ଅଭ୍ୟୁଦୟ ହୋଇଥାଏ, ଆମର ବୃଦ୍ଧି ଘଟିଥାଏ । ଯାହାର ମାଧ୍ୟମରେ ଆମର ପ୍ରଗତି ହୋଇଥାଏ ଏବଂ ଆମେ ସଂସାର ବନ୍ଧନରୁ ମୁକ୍ତ ହୋଇଥାଉ, ତାହା ହିଁ ଧର୍ମ । ହୃଦୟର ପବିତ୍ରତା ହିଁ ଧର୍ମର ବାସ୍ତବିକତା ସ୍ୱରୂପ । ଧର୍ମର ସାର ହେଉଛି ଜୀବନରେ ସଂଯମତା । ଆମର ରହସ୍ୟବାଦୀ ମାନେ କୁହନ୍ତି, ଯାହାରି ମାଧ୍ୟମରେ ଆମର ଇଚ୍ଛା ପୂରଣ ହୁଏ....

ଆମେ ବିକାଶ କରିଥାଉ, ପ୍ରଗତି କରିଥାଉ ଏବଂ ଦୁନିଆର ବନ୍ଧନ, ଅର୍ଥାତ୍ ଧର୍ମରୁ ମୁକ୍ତ ହୋଇଥାଉ । ଧର୍ମ ପରେ ଅର୍ଥ ବା ଟଙ୍କା ପଇସା ଦ୍ୱିତୀୟ ସ୍ଥାନରେ ରହିଛି । ଜୀବନ ଉନ୍ନତିର ମୂଳ ଆଧାର ହେଉଛି ଅର୍ଥ । ଶିଳ୍ପ, ବାଣିଜ୍ୟ, କୃଷି ଇତ୍ୟାଦି ପାଇଁ ଅର୍ଥର ଆବଶ୍ୟକତା । ଧର୍ମ ହିଁ ଆମକୁ ଅର୍ଥ ରୋଜଗାର କରିବାକୁ ଏବଂ ପ୍ରକୃତି ସମାଜଠାରୁ ଆମେ ଯାହା ପାଇଛୁ ତାହାଠାରୁ ଅଧିକ ଦେବାକୁ ଚେଷ୍ଟା କରିବାକୁ ପରାମର୍ଶ ଦିଏ । ଧର୍ମ ଅର୍ଥ ପରେ ତୃତୀୟ ହେଉଛି କାମ । ଭାରତୀୟ ସଂସ୍କୃତିରେ କାମର ପ୍ରତିଶତ ଧର୍ମ, ସଂଯମ ଓ ମର୍ଯ୍ୟାଦାରେ ବାନ୍ଧି ରହିଛି। ସମ୍ମାନର ସହ, ପ୍ରାକୃତିକ ଓ ସାମାଜିକ ନିୟମ ଓ କଟକଣାରେ କାମର ଆନନ୍ଦ ଉପଭୋଗ କରିବାର ବ୍ୟବସ୍ଥା ରହିଛି। ଗୀତାର ଅନାସକ୍ତି ଯୋଗ ଓ କର୍ମଯୋଗରେ ଏହା ମଧ୍ୟ ଉଲ୍ଲେଖ ରହିଛି । ସଂସାରରେ ଯାହା ଅଛି, ତାହା ସମାଜ ପାଇଁ ଏବଂ ଧର୍ମ ଅନୁଯାୟୀ । ତାହାକୁ ଯୁକ୍ତିଯୁକ୍ତ ଚିନ୍ତାଧାରା ଆଧାରରେ ବ୍ୟବହାର କରାଯିବା ଉଚିତ୍ । ତେଣୁ ଧର୍ମ, ଅର୍ଥ ଓ କାମ ହିଁ ମୁକ୍ତି ପ୍ରାପ୍ତିର ମାଧ୍ୟମ । ଭାରତୀୟ ଚିନ୍ତାଧାରାରେ ମୋକ୍ଷକୁ ମନୁଷ୍ୟ ଜନ୍ମର ଚରମ ଲକ୍ଷ୍ୟ ବୋଲି ବିବେଚନା କରାଯାଏ। ଯେ ପର୍ଯ୍ୟନ୍ତ ଜୀବିତ ଆତ୍ମା ମୋକ୍ଷ ଅବସ୍ଥାରେ ନଥାଏ, ସେ ପର୍ଯ୍ୟନ୍ତ ଜୀବାତ୍ମା ମୋକ୍ଷ ପାଇପାରିବ ନାହିଁ। ଧର୍ମ ଅନୁଯାୟୀ ଆଚରଣ କଲେ ହିଁ ଆମେ ଶାନ୍ତି ଓ ମୁକ୍ତି ପାଇପାରିବା ।


♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬


## ଝାଡ଼ଖଣ୍ଡ ନିର୍ବାଚନରେ ଓଡ଼ିଶା ମଡ଼େଲ



ବାଦଲ ଭୂୟାଁ

ଓଡ଼ିଶାରେ ବିଜେପି ବିଜୟ ବାନା ଉଡାଇବା ପରେ ପଡ଼ୋଶୀ ଝାଡ଼ଖଣ୍ଡ ଉପରେ ଆଖି ପକାଇଛି। ଓଡ଼ିଶା ମଡ଼େଲକୁ ଲୋକଙ୍କ ଆଗରେ ଉପସ୍ଥାପନ କରି ଏକ ଭିନ୍ନ କୌଶଳ ଦଳ ଆପଣାଇଛି। ନଭେମ୍ବରରେ ଝାଡ଼ଖଣ୍ଡରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି। ଆସାମ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ପ୍ରଭାରୀ ହେମନ୍ତ ବିଶ୍ୱଶର୍ମା ରଣ କୌଶଳ ତିଆରି କରୁଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଝାଡ଼ଖଣ୍ଡରେ ଗୋଟିଏ ଦଫା ନିର୍ବାଚନ ପ୍ରଚାର କରି ସେଠାରେ ନିର୍ବାଚନ ତାତିକୁ ବଢ଼ାଇ ଦେଲେଣି। ଓଡ଼ିଶାରେ ସୁଭଦ୍ରା ଯୋଜନା ଖୁବ ଲୋକପ୍ରିୟ ହୋଇଥିବାବେଳେ ଏହା ଯେପରି ଓଡ଼ିଶାରେ ବିଜେପି ସଫଳତା ଦେଇଛି ଠିକ ସେହିପରି ଝାଡ଼ଖଣ୍ଡରେ ବିଜେପି ବିଜୟୀ ହେଲେ ମହିଳା ମାନଙ୍କୁ ୨୧୦୦ ଟଙ୍କା ଦେବାକୁ ଘୋଷଣା କରିଛି। କେବଳ ସେତିକି ନୁହେଁ ବିଜେପି ବିର୍ସାମୁଣ୍ଡାଙ୍କୁ ନେଇ ଆଦିବାସୀ କାର୍ଡ଼ ଖେଳ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ ଜନମନ ଯୋଜନା ଝାଡ଼ଖଣ୍ଡରେ ଥିବା ବିର୍ସାମୁଣ୍ଡାଙ୍କ ଗାଁରୁ ଆରମ୍ଭ କରି ଝାଡ଼ଖଣ୍ଡରେ ସୀମାରେ ଥିବା ରାଉରକେଲାରେ ବିର୍ସାମୁଣ୍ଡାଙ୍କର ୧୫୦ଫୁଟ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ରଖିଛି। ଏହାଛଡ଼ା ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀକୁ ରାଜ୍ୟସ୍ତରରେ ବ୍ୟାପକ ଭାବରେ ପାଳନ କରାଯିବା ସହ ଚଳିତ ବର୍ଷ ଏହାକୁ ଚତୁର୍ଥ ଜନଜାତୀୟ ଗୌରବ ଦିବସ ଭାବେ ପାଳନ ପାଇଁ ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୧୫ରୁ ୨୦୨୫ ନଭେମ୍ବର ୧୫ ପର୍ଯ୍ୟନ୍ତ ଅର୍ଥାତ୍ ବର୍ଷେ ଯାଏ ପାଳିତ ହେବ। ଯେଉଁଥିରେ ଆଦିବାସୀ କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ସହ ଶିକ୍ଷା ଦକ୍ଷତା ବିକାଶ ଓ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ଝାଡ଼ଖଣ୍ଡ ଭୋଟ ପୂର୍ବରୁ ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର ରହିଥିବାରୁ ଏଥର ଲଢ଼େଇ ଜୋରଦାର ହେବ।

ଝାଡ଼ଖଣ୍ଡରେ ପ୍ରାୟ ୧୫ଟି ବିଧାନ ସଭା ଆସନରେ ଓଡ଼ିଆ ଭାଷାଭାଷୀ ଭୋଟରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଓଡ଼ିଆ ଭାଷା କହନ୍ତି। ଚାରଟି ଜିଲ୍ଲା ଯଥା ପଶ୍ଚିମ ସିଂହଭୂମ, ପୂର୍ବସିଂହଭୂମ, ଷଢ଼େଇକଳା, ଖରସୁଆଁ ଓ ସିମଡ଼େଗାରେ ସିଂହଭାଗ ଲୋକ ଓଡ଼ିଆ ଭାଷାଭାଷୀ। ଏଥର ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ମୟୂରଭଞ୍ଜରୁ ମନ୍ତ୍ରୀ ହୋଇଥିବା ଗଣେଶରାମ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ନବ ଚରଣ ମାଝୀ ଓ କେନ୍ଦୁଝରର ସାଂସଦ ଅନନ୍ତ ନାୟକ ପ୍ରମୁଖ ତିନି ଚାରିଟି ପର୍ଯ୍ୟାୟରେ ସେଠାରେ ପ୍ରଚାର କରିବା ପାଇଁ ଯୋଜନା ରଖିଛନ୍ତି। ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଏଥରକ ଅତ୍ୟନ୍ତ ରୋଚକ ହେବ। ରାଜନୈତିକ ସମୀକ୍ଷକଙ୍କ ମତ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଓ ଓଡ଼ିଶାର କଂଗ୍ରେସ ପ୍ରଭାରୀ ଡକ୍ଟର ଅଜୟ କୁମାରଙ୍କ ଭିତରେ ଏକ ପ୍ରକାର ପରୋକ୍ଷ ଲଢ଼େଇ ହେବ। କାରଣ ଝାଡ଼ଖଣ୍ଡ ନିର୍ବାଚନରେ ଓଡ଼ିଶାର ରାଜ୍ୟପାଳ ରଘୁବାର ଦାସଙ୍କ ନାମରେ ଓବିସି ଭୋଟର ଗଣିତ ରହିଛି। ସେ ହେଉଛନ୍ତି ଓବିସି ବର୍ଗର ବଡ଼ ଚେହେରା। ତେଣୁ କିଛି ଦିନ ତଳେ ରଘୁବରଙ୍କୁ ମୈଇଦାନରେ ପ୍ରାର୍ଥୀତ୍ୱ କରିବା ନେଇ ଗଣମାଧ୍ୟମରେ ରୋଚକ ଖବର ପ୍ରକାଶ ପାଇଥିଲା। ଝାଡ଼ଖଣ୍ଡରେ ଓବିସି ଭୋଟ ହାର ପାଖାପାଖି ୫୦%। ତେବେ ଝାଡ଼ଖଣ୍ଡ ରାଜନୀତିରେ ଅଜୟ କୁମାରଙ୍କ ପ୍ରଭାବ ଏଇୟା ଯେ ସେ ହେଉଛନ୍ତି ଜାମସେଦପୁରର ପୂର୍ବତନ ସାଂସଦ। ଚର୍ଚ୍ଚା ହେଉଛି ୧୯୯୫ ମସିହାରୁ ଜାମସେଦପୁର ପୂର୍ବ ଆସନରେ ୨୦୧୯ ପର୍ଯ୍ୟନ୍ତ ଜିତି ଆସିଥିବା ରଘୁବର ଦାସଙ୍କୁ କିମ୍ବା ତାଙ୍କ ପରିବାରର କାହାରିକୁ ବିଜେପି ଜାମସେଦପୁର ପୂର୍ବ ଆସନରେ ଲଢ଼ାଇ ପାରେ। ସେହିପରି କଂଗ୍ରେସ ମଧ୍ୟ ଏହି ଆସନରେ ତାର ପୂର୍ବ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡକ୍ଟର ଅଜୟ କୁମାରଙ୍କୁ ଛିଡ଼ା କରାଇପାରେ। ଜାମସେଦପୁର ପୂର୍ବ ଆସନରେ ବର୍ତ୍ତମାନ ବିଧାୟକ ଥିବା ଜେଡ଼ିୟୁର ସରଜୁ ରାୟଙ୍କୁ ଏନଡିଏର ଭାଗ ବଣ୍ଟାରେ ଜାମସେଦପୁର ପଶ୍ଚିମ ଆସନ ଦେଇପାରେ। ୨୦୧୯ରେ ସ୍ୱାଧୀନ ପ୍ରାର୍ଥୀ ସରଜୁ ରାୟ ବିଜେପ ପ୍ରାର୍ଥୀଙ୍କୁ ୧୫ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ଚର୍ଚ୍ଚା ମୁତାବକ ବିଜେପି ଏହି ନିର୍ବାଚନକୁ ଅତ୍ୟନ୍ତ ଗୁରୁତ୍ୱ ଦେଉଛି। କେନ୍ଦ୍ରରେ ବିଜେପିର ସମୀକରଣ ଯାହା ଏହାକୁ ନେଇ ବିଜେପି କୌଣସି ପରିସ୍ଥିତିରେ ଝାଡ଼ଖଣ୍ଡ ନିର୍ବାଚନକୁ ବିନ୍ଦୁଏ ମାତ୍ର ଅଣଦେଖା କରିବାକୁ ଚାହୁଁନାହିଁ। ତେବେ ଝାଡ଼ଖଣ୍ଡର ଏହି ନିର୍ବାଚନ କେନ୍ଦ୍ର ବିଜେପି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ। ପୂର୍ବରୁ ଝାଡ଼ଖଣ୍ଡରେ ବିଜେପି ଆଶାତୀତ ସଫଳତା ମଧ୍ୟ ପାଇଛି। ଓଡ଼ିଶାରେ ମାତ୍ର ଦିନ କେଇଟା ଭିତରେ ବିଜେପିର ମୋହନ ମାଝୀଙ୍କ ସରକାର ଲୋକମାନଙ୍କ ହୃଦୟ ଜିତି ସାରିଥିବାବେଳେ ରାଜନୈତିକ ସମୀକ୍ଷକଙ୍କ ମତ ବାସ୍ତବରେ ଓଡ଼ିଶା ବିଜେପି ଝାଡ଼ଖଣ୍ଡ ନିର୍ବାଚନରେ ନିଜ ସାମର୍ଥ୍ୟ ଓ ବ୍ୟକ୍ତିତ୍ୱର ଏକ ପ୍ରକାର ପ୍ରମାଣ ଦେବାକୁ ଯାଉଛି। ତେଣୁ ଏଥର ଝାଡ଼ଖଣ୍ଡ ନିର୍ବାଚନ ଅତ୍ୟନ୍ତ ରୋଚକ ଲଢ଼େଇରେ ପରିଣତ ହେବାକୁ ଯାଉଛି। ତେବେ ପରିଣତି କ'ଣ ତାହା ନିର୍ବାଚନ ଫଳ ଜଣାଇ ଦେବ।


♥ ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ : ୭୪୮୮୯୯୮୫୩୨


॥ ଆତ୍ମଜୀବନୀ ॥

## ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୪୩)

### ଇଏବି ଏକପ୍ରକାର ପାଗଳାମି

ବାପା ହୁକା ଟାଣୁଥିଲେ । ତେଣୁ ରାତିସାରା ନିଆଁବଡ (ବିଡିଆ)ରେ ନିଆଁ ରହିଥାଏ । ସାଇ ପଡିଶାର ହୁକା ଟାଣିବା ଲୋକେ ରାତିରେ ପ୍ରାୟ ଆମ ଘରକୁ ଆସି କଲକିରେ ତବକା ରଖି ନିଆଁ ବେଣିଆରୁ ନିଆଁ ଲଗାଉଥିଲେ । ବାପା ବାହାରେ ଶୋଇଥିଲେ । ସେଦିନ ପାହାନ୍ତି ପହରରୁ ଗାଆଁର ଜଣେ ବୟସ୍କ ବ୍ୟକ୍ତି ହାତରେ ହୁକାଧରି ଅମ ଘରେ ଆସି ପହଞ୍ଚିଲେ । ସେ ନିଆଁ ବେଣିଆରୁ ତବକାରେ ନିଆଁ ଲଗାଇ ହୁକା ଟାଣିଟାଣି ବାପାଙ୍କ ମସିଣାରେ ବସି ମୁଁ ଘରେ ଅଛି କି ନାହିଁ ବୋଲି ପଚାରିବାରୁ ବାପା ମୋତେ ଡାକିଦେଲେ । ମୁଁ ବାହାରକୁ ଆସି ତାଙ୍କୁ ସାକ୍ଷାତକରି ମୋତେ ଖୋଜିବାର କାରଣ ପଚାରିଲି । ତାଙ୍କ କଥାର ସାରାଂଶ ହେଲା ଯେ ତାଙ୍କ ବଡପୁଅ ଇଂରାଜୀରେ ଏମ.ଏ.ପାଶ କରି ଘରେ ବସିଛନ୍ତି। ସରକାରୀ ନିଯୁକ୍ତି କେବେ ମିଳିବ ଠିକ୍ ନାହିଁ। ତେଣୁ କୌଣସି ଘରୋଇ କଲେଜରେ ଅଧ୍ୟାପନା କରିବାର ବନ୍ଦୋବସ୍ତ କରିଦେଲେ ଭଲ ହୁଅନ୍ତା ।

ସେତେବେଳେ ଇଂରାଜୀ ଅଧ୍ୟାପକ ପାଇଁ ଯୋଗ୍ୟ ଲୋକଙ୍କର ବହୁତ ଅଭାବ। ପୁଣି, ଆଖପାଖରେ ନୂଆ +୨କଲେଜ କେତେ ଗୁଡିଏ ଖୋଲିଥାଏ। ତାଙ୍କ ପୁଅ କିମିତି ଚାକିରି ପାଉନାହାନ୍ତି ଭାବି ଆଶ୍ଚର୍ଯ୍ୟ ହେଲି । ସେ ଯାହେଉ, ମୋର ଅନେକ ଲୋକଙ୍କ ସହିତ ସଂପର୍କ ଥାଏ । ତେଣୁ, ତାଙ୍କୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଲି ।

ଶାଳିକୋଠାସ୍ଥିତ ବାଗୀଶ୍ୱରୀ ସଂସ୍କୃତ ଟୋଲରେ ନୂଆକରି +୨ ଶ୍ରେଣୀ ଖୋଲିଥାଏ । ଅଧକ୍ଷ ଶ୍ରୀ ରବିନାରାୟଣ ରଥଶର୍ମାଙ୍କୁ ଭେଟି ସବୁକଥା କହିଲି । ସେ ଆଗ୍ରହ ପ୍ରକାଶ କଲେ ଆମ ଗାଆଁର ସେ ଯୁବକଙ୍କୁ ରଖିବା ପାଇଁ । ତାଙ୍କଠୁ ଆସ୍ତିବାଚକ ଉତ୍ତର ପାଇ ଯୁବକଙ୍କୁ ସେ ଅନୁଷ୍ଠାନକୁ ପଠାଇଲି । ସେ ଭଲ ପଢାଇଲେବି । ଦୁଇ ଦିନପରେ ସେ ନିଯୁକ୍ତିପତ୍ର ମାଗିବାରୁ ରବିବାବୁ ତାଙ୍କର ସାର୍ଟିଫିକେଟ ସବୁ ତନଖିପାଇଁ ମାଗିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳରୁ ଆଣିଲେ ଦାଖଲ କରିବେ ବୋଲି ଯୁବକ ଜଣକ କହିବାରୁ ତାପରେ ନିଯୁକ୍ତିପତ୍ର ଦେବେବୋଲି ଅଧକ୍ଷ ଜଣାଇଲେ । ସେ ବିରକ୍ତ ହୋଇ ସେଠାରୁ ଚାଲି ଆସିଲେ, ଆଉ ଗଲେନି । ତାଙ୍କ ବାପାଙ୍କୁ କହିଲେ ଯେ ସେମାନେ ଦରମା ନଦେଇ ବର୍ଷେ କାମ କରିବାକୁ କହୁଛନ୍ତି, ତେଣୁ ସେଠାରେ ସେ ରହିବେନି ।

ତାଙ୍କ ବାପା ମୋ ପାଖକୁ ପୁଣି ଆସି ସବୁକଥା କହି ଅନ୍ୟ ଏକ କଲେଜ ଦେଖିବାକୁ କହିଲେ ।

ମୁଁ ସେ ଯୁବକଙ୍କୁ ଆମ ଦୀନକୃଷ୍ଣ ମହାବିଦ୍ୟାଳୟ, ଜଳେଶ୍ୱରର ଅଧକ୍ଷଙ୍କ ପାଖକୁ ନେଇଗଲି । ସେତେବେଳେ ପ୍ର. ଜୀତେନ୍ଦ୍ର ନାଥ ପ୍ରଧାନ ଭାରପ୍ରାପ୍ତ ଅଧକ୍ଷ ଭାବରେ କାର୍ଯ୍ୟ ତୁଲାଉଥାନ୍ତି । ତାଙ୍କୁ ସବୁକଥା କହି ସେ ଯୁବକଙ୍କୁ ରଖିବାକୁ ଅନୁରୋଧ କଲି । ସେ ସମ୍ମତ ହେଲେ କାରଣ ଆମ କଲେଜରେ ବି ଆବଶ୍ୟକ ସଂଖ୍ୟକ ଇଂରାଜୀ ଅଧ୍ୟାପକ ନଥିଲେ । ସେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସୁନ୍ଦର ଭାବରେ ପଢାଇଲେ । ତାପର ଦିନ ସେ କଲେଜ ଲାଇବ୍ରେରୀରୁ ବହି ଆଣିବାକୁ ଯାଇଛନ୍ତି । ତାଙ୍କର ନିଯୁକ୍ତିପତ୍ର ନ ଦେଖାଇଲେ ତାଙ୍କୁ ବହି ଦିଆଯାଇ ପାରିବନି ବୋଲି ଲାଇବ୍ରେରୀଆନ କହିଛନ୍ତି । ସେ କ୍ଷୁର୍ଣ୍ଣହୋଇ ଫେରି ଅଧକ୍ଷଙ୍କୁ ନିଯୁକ୍ତିପତ୍ର ଦେବାପାଇଁ ଅନୁରୋଧ କରିବାରୁ ସେ ଯାଞ୍ଚପାଇଁ ସାର୍ଟିଫିକେଟ ମାଗିଛନ୍ତି । ସେ ସାର୍ଟିଫିକେଟ ତ ଦେଲେନି, ଓଲଟି ତାଙ୍କ ବାପାଙ୍କୁ ଜଣାଇଲେ ଯେ କଲେଜ ଲାଇବ୍ରେରୀରୁ ତାଙ୍କୁ ବହି ଦେଉନଥିବାରୁ ସେ ପଢାଇପାରୁ ନାହାନ୍ତି, ତେଣୁ କଲେଜ ଯିବେନି।

ତାଙ୍କ ବାପା ପୁଣି ମୋ ପାଖକୁ ଆସି ସବୁକଥା କହିଲେ । ମୁଁ ତାଙ୍କୁ କହିଲି ଯେ ଆଇନତଃ ସେ କଲେଜ ପାଠାଗାରରୁ ବହି ନ ପାଇଲେବି ମୁଁ ମୋ ନାମରେ ତାଙ୍କୁ ବହି ଆଣିଦେବି । ସେ କଲେଜ ଚାଲନ୍ତୁ । ସେ ଆଉ କଲେଜ ତ ଗଲେନି ,ଓଲଟି କଲେଜ ଓ ମୋ ବିରୋଧରେ ପଛରେ ନାନାକଥା କହୁଥିବାର ଶୁଣୁଥାଏ। ତାଙ୍କ ବାପାଙ୍କ ଅନୁରୋଧରେ ଆମ ଘରପାଖ ସାଧୁ ଚରଣ ମହାବିଦ୍ୟାଳୟ , ରାଇବଣିଆରେ ତାଙ୍କୁ ରଖିବାର ବନ୍ଦୋବସ୍ତ କରିଦେଲି । ସେଠାରେ ବି ସେଇ ଏକା ସମସ୍ୟା ଉପୁଜିଲା ।

ଏତେସବୁ ଘଟଣା ପରେ ମୋ ମନରେ କ୍ରମେ ସନ୍ଦେହ ଦୃଢୀଭୂତ ହେବାରେ ଲାଗିଲା ଯେ ସେ ବୋଧହୁଏ ଇଂରାଜୀରେ ଏମ.ଏ.ପାଶ କରିନାହାନ୍ତି। ତେଣୁ , ଯାଞ୍ଚ ପାଇଁ ସାର୍ଟିଫିକେଟ ମାଗିଲେ ସେ ବିଭିନ୍ନ ଆଳକରି କଲେଜକୁ ଆଉ ଯାଉନାହାନ୍ତି ।

ସେ ଏହାପରେ ମୋ ବିରୋଧରେ ନାନାକଥା କହିବାରେ ଲାଗିଲେ । ଜଣେ ଭଦ୍ରଲୋକ ଆସି ସେକଥା ମୋତେ ଜଣାଇବାରୁ ମୁଁ ମୋ ଆଶଙ୍କା ପ୍ରକାଶ କଲି । ସେ ଭଦ୍ରଲୋକ ଯାଇ ସେ ଯୁବକଙ୍କୁ ମୋ ଆଶଙ୍କା ଜଣାଇଦେଲେ। ତେଣୁ ଯୁବକ ଜଣକ ଉତ୍କ୍ଷିପ୍ତ ହୋଇ ଆମଘରକୁ ଆସି ମୋତେ ଚେଲେଞ୍ଜ କଲେ । ତାଙ୍କ ସାର୍ଟିଫିକେଟ ଦେଖାଇଲେ। ଦେଖିଲି ସେ ଇଂରାଜୀ ନୁହେଁ , ଇତିହାସରେ ଏମ.ଏ. ପାଶ୍ କରିଛନ୍ତି । ମୁଁ ହସିବିନା କ୍ରୋଧ ପ୍ରକାଶ କରିବି ଭାବି ପାରିଲିନି । ଆମଘରେ ଜମା ହୋଇଥିବା ଲୋକଙ୍କୁ ସବୁକଥା ବୁଝାଇଦେବାରୁ ଲୋକେ ତାଙ୍କ ଉପରେ ବିରକ୍ତ ହେଲେ ।

ସେ ଘଟଣାର ସେଇଠି ପରିସମାପ୍ତି ଘଟିଲା। ମୋର ଗୋଟିଏ ଖରାପ ସମୟରବି ଅନ୍ତହେଲା । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅଯଥାରେ ଗାଳି ଖାଇଲି ।

ସେ ଯୁବକ ଜୀବନରେ କୌଣସିଠାରେ ଚାକିରି କରିପାରି ନଥିଲେ । ସେ ଏବେ ଆଉ ନାହାନ୍ତି । ଇଂରାଜୀରେ ଅଧ୍ୟାପକ ହେବା ହୁଏତ ତାଙ୍କ ଜୀବନର ଏକ ଲକ୍ଷ୍ୟଥିଲା ଇତିହାସରେ ଏମ.ଏ. ପାଶ୍ କରି ଯାହା କେବେବି ପୂରଣ ହେବା ସମ୍ଭବ ନଥିଲା ।

ମଣିଷର ବିଚିତ୍ର ଚରିତ୍ରର ସଠିକ୍ ଅଧ୍ୟୟନକରିବା ସବୁବେଳେ ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । ମୁଁ ବି ପାରି ନଥିଲି।


♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧


## କାର୍ତ୍ତିକ ବ୍ରତ : ଓଡ଼ିଶାର ନିଆରା ପରମ୍ପରା

ଅଲେଖ ଚନ୍ଦ୍ର ସାମଲ



ହେମନ୍ତ ପ୍ରକୃତିର ମେଘମୁକ୍ତ ଆକାଶ ତଳେ ଧରଣୀ ରାଣୀ ପାର୍ବତୀ ନନ୍ଦନ କାର୍ତ୍ତିକେୟଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ । ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ କରାଯାଏ । କାର୍ତ୍ତିକ ଏକ ଧର୍ମ ମାସ ରୂପେ ପରିଚିତ । ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇଉଠୁଥିବାର ପରିଲକ୍ଷିତ ହୁଏ । ପୂର୍ଣ୍ଣିମା ପର୍ବ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚ ଦିନରେ ଅଧିକାଂଶ ହିନ୍ଦୁ ଲୋକ ଆମିଷ ପରିହାର ପୂର୍ବକ ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜା କରିଥାନ୍ତି । କୁହାଯାଏ, ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ । ଏହିଦିନ ସ୍ତ୍ରୀଲୋକମାନେ ରାଇ-ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି ।

ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି। ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ। ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି। କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ନିଜର ବିଶ୍ୱାସ ସହିତ ଏହି ମାସରେ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ। କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଯାଏ। ବାର ମାସ ମଧ୍ୟରୁ ଭଗବାନ ମହାଦେବଙ୍କ ପ୍ରିୟର ମାସ ହେଉଛି କାର୍ତ୍ତିକ। କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ ଆଚରଣ କରିଥାନ୍ତି। ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ପାଳନ କରାଯାଏ। ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ଧାରଣା ଆସେ ଯେ, ଭଗବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି। ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ ବୋଲି ବିଶ୍ୱାସ କରାଯାଏ। ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ଶ୍ରଦ୍ଧାଳୁ ବେଶ୍ ଭକ୍ତିର ସହ ଜପ କରିଥାନ୍ତି। କାର୍ତ୍ତିକ ମାସରେ ଥିବା ସମସ୍ତ ଧର୍ମ ବା



ରୀତିନୀତିକୁ କଠୋର ଭାବରେ ପାଳନ କରିବା ଜଣେ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ। ପୁରାଣ କଥାବସ୍ତୁ ଅନୁସାରେ, ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି। କଥିତ ଅଛି, ଭଗବାନ ଶିବ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ବଧ କରି ବ୍ରହ୍ମାଣ୍ଡକୁ ରକ୍ଷା କରିଛନ୍ତି। ଏ ମାସରେ ଦେବୀ ଗଙ୍ଗା ବା ଗଙ୍ଗାନଦୀ ସମସ୍ତ ନଦୀ, କେନାଲ, ପୁଷ୍କରିଣୀ ଆଦିରେ ପ୍ରବେଶ କରିଥାନ୍ତି। ତେଣୁ ଗଙ୍ଗାନଦୀ ଭଳି ଏମାନେ ବି ପବିତ୍ର ହେବାର ସୁଯୋଗ ଲାଭ କରନ୍ତି। ପୁଣ୍ୟ ମାସ କାର୍ତ୍ତିକରେ ନଦୀରେ ସ୍ନାନ କରି ଭକ୍ତମାନେ ଶିବଙ୍କର ଉପାସନା କରିଥାନ୍ତି। ଯାହାକୁ କି କାର୍ତ୍ତିକ ସ୍ନାନ କୁହାଯାଏ।

ବିଧବାମାନଙ୍କ ପାଇଁ ଏହି କାର୍ତ୍ତିକ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି । ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗପୂର୍ବକ ସ୍ନାନ ସମାପନ ପରେ ସେମାନେ ଦେବାଦେବୀ ଦର୍ଶନ ପାଇଁ ଗମନ କରନ୍ତି ଏବଂ ଦେବାଳୟରୁ ପ୍ରତ୍ୟାବର୍ତ୍ତନ ପରେ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନୋନିବେଶ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇଥାଏ । କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତା ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରିନଥିଲେ।

ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ବ୍ରତର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ । କାର୍ତ୍ତିକମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ଜ୍ୱଳନ ବିଧି ପ୍ରଚଳିତ । ତେଣୁ ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପର ପ୍ରତି ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳିତ କରି ରଖାଯାଇଥାଏ । କିମ୍ବଦନ୍ତୀରୁ ଜଣାଯାଏ ଦଣ୍ଡକାରଣ୍ୟରେ ସୀତାଙ୍କ ସହିତ ରାମଚନ୍ଦ୍ର ବନ ଭ୍ରମଣ କରୁଥିବା ସମୟରେ ସେଠାରେ ମୁନିଋଷିମାନେ ରାମଚନ୍ଦ୍ରଙ୍କ କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ମନେ ମନେ ଇଚ୍ଛା ପ୍ରକାଶ କଲେ । ନରଦେହୀ ଗୋଲକ ବିହାରୀ ମୁନିଋଷିଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଗତ ହୋଇ ସେମାନଙ୍କ ଅଭୀପ୍‌ସା ଚରିତାର୍ଥ ହେବା ସକାଶେ ଦ୍ୱାପର ଯୁଗରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କଲେ । ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ ଏବଂ ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୂତ ହୋଇ ସେମାନଙ୍କ ବାସନା ଚରିତାର୍ଥ କରିଥିଲେ । ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନିଧ୍ୟ ଲାଭ ଆଶାରେ କୁମାର ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରୁଥିଲେ । ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ପ୍ରଚଳିତ । ସେ ଦିନ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ଭସାଇଥାନ୍ତି।


♥ ପୂର୍ବତନ ଡିଏଫ୍ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୭୧୨୩


ବର୍ଷକ ବାର ମାସ ଛଅ ଋତୁ। ମାତ୍ର ସବୁ ମାସ ମଧ୍ୟରେ କାର୍ତ୍ତିକକୁ ଶ୍ରେଷ୍ଠ ମାସ ଭାବେ ବିବେଚନା କରାଯାଏ। କୁମାର ପୂର୍ଣ୍ଣିମା ପରଦିନ ଠାରୁ ଆରମ୍ଭ ହୁଏ ଧର୍ମ ମାସ କାର୍ତ୍ତିକ। ଏହି ମାସରେ ଲୋକମାନେ ନିଷ୍ଠାର ସହ ଭଗବାନଙ୍କୁ ପ୍ରାର୍ଥନା କରିଥାନ୍ତି। ସାରା ମାସ ଆମିଷ ବର୍ଜନ କରି ଶୁଦ୍ଧ ଶାକାହାରୀ ଖାଦ୍ୟକୁ ଆପଣାଇଥାନ୍ତି। ବିଶେଷ କରି ବିଧବା ମହିଳାମାନେ ଏକ ମାସ ଧରି କାର୍ତ୍ତିକ ବ୍ରତ ପାଳନ କରିବା ସହ ସନ୍ଧ୍ୟାରେ ଆକାଶ ଦୀପ ଉଠାଇ ନୈବେଦ୍ୟ ଅର୍ପଣ କରିଥାନ୍ତି। କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ରରେ ହଜାର ହଜାର ହବିଷ୍ୟାଳିଙ୍କ ସମାଗମ ହୋଇଥାଏ। ପ୍ରାତଃରୁ ଉଠି ମହିଳାମାନେ ମହୋଦଧି ଓ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ତୁଳସୀ ମୂଳରେ ରାଇଦାମୋଦର ପୂଜା କରିଥାନ୍ତି। କାର୍ତ୍ତିକରେ ତୁଳସୀ ପୂଜାର ରହିଛି ସ୍ୱତନ୍ତ୍ର ମାହାତ୍ମ୍ୟ। ତୁଳସୀ ଚଉରା ମୂଳରେ ପଞ୍ଚବର୍ଣ୍ଣ ମୁରୁଜ ପକାଇ ଧୂପ, ଦୀପ, ଅକ୍ଷତ ପ୍ରଦାନ ସ୍ୱରୂପ ହିବଷ୍ୟାଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। ଏ ଅବସରରେ ସୂର୍ଯ୍ୟ ପୂଜା ମଧ୍ୟ କରାଯାଏ। ଏହି ମାସରେ କାର୍ତ୍ତିକ ମାହାତ୍ମ୍ୟ ପଠନ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି। ଶ୍ରୀମନ୍ଦିରରେ କାର୍ତ୍ତିକ ମାସରେ ମହାପ୍ରଭୁ ରତ୍ନସିଂହାସନ ଉପରେ ରାଧା ଦାମୋଦର ବେଶରେ ଦର୍ଶନ ଦେଇଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ହବିଷ୍ୟାଳିମାନେ ବ୍ରତ ଧାରଣ କରି ନିଷ୍ଠାର ସହ ପାଳନ କରିଥାନ୍ତି। ପୂର୍ଣ୍ଣିମାରେ ପବିତ୍ର ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇ ଡଙ୍ଗା ଭସାଇ ବ୍ରତ ଶେଷ କରାଯାଏ।

# ରାସ୍ତା ସାଜିଛି ମରଣ ଯନ୍ତା



ବାଲେଶ୍ୱର, ୧୯/୧୦ (ନି.ପ୍ର): ସଦର,ରେମୁଣା ବ୍ଲକକୁ ସଂଯୋଗ କରୁଥିବା ରାତିପାହିଲେ ହଜାରହଜାର ଲୋକ ,ନାନାଦି ଗାଡ଼ି ମଟର ଯାତାୟତ କରୁଥିବା କୁରୁଡାରୁ ହରିଡା ,ଏବିଏ କଲେଜ ଭାୟା ଗେଙ୍ଗୁଟି ପଞ୍ଚାୟତ ଦେଇ ନିମିକି ସଡକ ଏପଟେ ବରୁଣ ସିଂ ପଞ୍ଚାୟତ ଦେଇ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଲୋକଙ୍କ ମୁଖରେ ନାମିତ ଶହୀଦ ଗଙ୍ଗାରାମ ମାର୍ଗ ଆଜି ସାଜିଛି ମରଣ ଯନ୍ତା। ଏବ୍ୟାପରେ ୧୬.୦୮.୨୦୨୪ ରିଖ ସୂଚନାଧିକାର କର୍ମୀ କମଳଲୋଚନ ରାଉତ ଓ ସହଯୋଗୀଙ୍କ ସହ ମାନ୍ୟବର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ମରାମତି ପାଇଁ ଦାବି ରଖିଥିଲେ। ଜିଲାପାଳ ତକ୍ଷଣାତ ଆର ଡ଼ବ୍ଲୁ ଡି ର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଙ୍କୁ ଜଣାଇଥିଲେ ମଧ୍ୟ ଦୁଇମାସ ବିତିଲେବି କୌଣସି ସୁଫଳ ମିଳିନାହିଁ। ଆଜି ମାନବାଧିକାର କର୍ମୀ ସ୍ୱାଧୀକର ସେଠୀ, ସୂଚନାଧିକାର କର୍ମୀ କମଳଲୋଚନ ରାଉତ ଓ ସ୍ଥାନୀୟ ଅଞ୍ଚଳ ବାସୀ ଏକ ଲିଖିତ ଭାବରେ ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟ ଆରମ୍ଭ ପାଇଁ ଜଣାଇଛନ୍ତି।ଦଶଦିନ ମଧ୍ୟରେ ଯଦି କାମ ନହୁଏ ଏହା ଜନ ଆନ୍ଦୋଳନ ରୂପ ନେବ ବୋଲି ଉଭୟ ଜଣାଇଛନ୍ତି। ଏଥିପାଇଁ ନିଜେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ଆର ଏଣ୍ଡ ଡବ୍ଲୁ ,ବାଲେଶ୍ୱର ଦାୟୀ ରହିବେ ବୋଲି ଜଣାଇଛନ୍ତି।

# ସମ୍ବାଦ ପରିବେଷଣ ପରର ଦୃଶ୍ୟ: ନାମ ଲେଖାଇଲେ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବା ୨ ଛାତ୍ର



ଉଦଳା , ୧୯/୧୦ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡରେ ଶହ ଶହ ସଂଖ୍ୟାରେ ଆଦିବାସି ପିଲା ଅଧାରୁ ପାଠ ପଢ଼ା ଛାଡୁଥିବା ବେଳେ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବା ପିଲାଙ୍କ ସଂଖ୍ୟା ମଧ କିଛି କମ୍ ନୁହେଁ । ସେହିପରି କପ୍ତିପଦା ବ୍ଲକ ଅନ୍ତର୍ଗତ ମାଙ୍କଡ଼ପଡ଼ା ଗ୍ରାମର ବାସିନ୍ଦା ମାନ୍ଦୁରୁ ସିଂ ଓ ମାତା- ମୁଗୁଲି ସିଂଙ୍କ ୧୦ ବର୍ଷ ବୟସର ପୁତ୍ର 'ଗୁବିନ' ଓ ୮ ବର୍ଷ ବୟସର ପୁତ୍ର 'ରାସାଏ', ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିଲେ । ପିତା ମାନ୍ଦୁରୁ ସିଂଙ୍କର ଆଜକୁ ୫ବର୍ଷ ପୁର୍ବେ ଦେହାନ୍ତ ହୋଇଯିବା ଫଳରେ ଏହି ପରିବାର ଲାଞ୍ଛିନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ । ଉକ୍ତ ଘଟଣା ସମ୍ପର୍କରେ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ବିଭିନ୍ନ ଖବରକାଗଜରେ ସମ୍ବାଦ ପରିବେଷିତ ହେବା ସାଙ୍ଗକୁ ଏହା ସାଧାରଣରେ ବହୁଳ ଭାବରେ ଚର୍ଚ୍ଚାର ପରିସରକୁ ଆସିଥିଲା । ଲୋକେ ଏଥିପାଇଁ ସିଧାସଳଖ ଉଦଳାସ୍ଥିତ ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥାକୁ ଦାୟି କରିଥିଲେ । ଏହାପରେ ସରକାରୀ କଳର ତତ୍ପରତା ପ୍ରକାଶ ପାଇଥିଲା । ଶେଷରେ ମାଙ୍କଡ଼ପଡ଼ାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ଗୁବିନ' ଓ 'ରାସାଏ' ଙ୍କ ନାମ ଲେଖାଯାଇଥିବାର ଜଣାଯାଇଛି ।

# ଉଠା ଜଳସେଚନ ପ୍ରକଳ୍ପ ଫେଲ୍ ମାରିଥିବାରୁ ଚାଷୀ ହନ୍ତସନ୍ତ: ଲିଖିତ ଅଭିଯୋଗ କଲେ ଚାଷୀ

ସୁବର୍ଣ୍ଣପୁର, ୧୯/୧୦ (ନି.ପ୍ର): ଚାଷୀ ଚାଷୀଙ୍କ ମାନଦଣ୍ଡକୁ ସୁଦୃଢ଼ କରିବାକୁ ଚାଷୀଙ୍କ ଜମିକୁ ପାଣି ଯୋଗାଇବାକୁ ରାଜ୍ୟ ସରକାର ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ପ୍ରତି ଜିଲ୍ଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚାଷୀଙ୍କ ଧାନକିଆରୀକୁ ପାଣି ର ଜରୁରୀ ସମୟରେ କିନ୍ତୁ ଏ ପ୍ରକଳ୍ପଗୁଡ଼ିକ ଫେଲ ମାରିଥିବା ଦେଖିବାକୁ ମିଳିଛି। ସୋନପୁର ବ୍ଲକ୍ ଅନ୍ତର୍ଗତ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ଏହାର ଉଦାହରଣ। ବିଶିମୁଣ୍ଡା, ମଲ୍ଲିକ ମୁଣ୍ଡା ଓ ହରଡ ଖୋଲ ପଂଚାୟତର ଶହ ଶହ ଚାଷୀ ଏହି ପ୍ରକଳ୍ପର ପାଣି ଉପରେ ନିର୍ଭର କରୁଥିବାବେଳେ ବିଭାଗକୁ ଚାଷୀଙ୍କ ବାରମ୍ବାର ଅଭିଯୋଗ ସତ୍ୱେ ଏହା ର ସମାଧାନ ଦିଗରେ ପ୍ରଶାସନ ଧ୍ୟାନ ଦେଉନଥିବା ଜଣାପଡିଛି। ପ୍ରବଳ ଖରା ଓ ବର୍ଷା ଅଭାବରୁ ଏବେ ଚାରିଆଡ଼େ ଚାଷ ଜମି ଫାଟି ପଡୁଥିବାବେଳେ ଏ ଅଂଚଳ ତଥା ସମଗ୍ର ଜିଲ୍ଲାର ଧାନ ଓ କପା ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ବାବୁଲୁ, ଚମରୁ, ଲୁକୁ, ଲଖିନ୍ଦ୍ର , ରଞ୍ଜନ, ଡାକ୍ତର, ଅନିରୁଦ୍ଧ ପ୍ରମୁଖ ଆଜି ଏ ଅଂଚଳର ବହୁ ଚାଷୀ ଉଠା ଜଳସେଚନ ଜିଲ୍ଲା ମୁଖ୍ୟ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଏ ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ୍ ଯୋଗାଯୋଗ କରିବାରୁ ଫୋନ୍ ରେଷ୍ପନ୍ସ କରୁନଥିବା ପ୍ରକାଶ। ଆସନ୍ତାକାଲି ଏ ଅଂଚଳର ସାମୂହିକ ଚାଷୀ ମୁଖ୍ୟ ରାଜ ରାସ୍ତାକୁ ଅବରୋଧ କରିବାକୁ ସଜ ବାଜ ହେଉ ଥିବା ଖବର ମିଳିଛି।

# ପ୍ଲାଟିନମ ଜୁବୁଲି ପୂର୍ବରୁ ସାଧାରଣରେ ଚର୍ଚ୍ଚା: ଅନେକ କିଛି ସ୍ମୃତିର ସାକ୍ଷି ପାଲଟିଛି ଖେଳପଡ଼ିଆ



ଉଦଳା , ୧୯/୧୦ (ନି.ପ୍ର): ଉଦଳା ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତି ଉପଲକ୍ଷେ ପ୍ଲାଟିନମ୍ ଜୁବୁଲି ପାଳନ ପାଇଁ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି । ଏତିକି ବେଳେ ଉଦଳା ଉଚ୍ଚ ବିଦ୍ୟାଳୟର ସ୍ମୃତି ବିଜଡ଼ିତ ଅନେକ କିଛି ଅତିତର କଥା ସାଧାରଣରେ ନିୟମିତ ଚର୍ଚ୍ଚା ର ପରିସରକୁ ଆସୁଛି । ବିଶେଷ କରି ଉଦଳା ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆଟି ଅତିତର ଅନେକ କିଛି ସ୍ମୃତିର ସାକ୍ଷି ପାଲଟିଯାଇଛି । ଖେଳ ସହିତ ସବୁପ୍ରକାର ମେଳା, ମହୋତ୍ସବ, ସାଧାରଣ ସଭା ମାନଙ୍କରେ ଏହି ଖେଳ ପଡ଼ିଆଟି ବ୍ୟବହୃତ ହୋଇଥାଏ । କେତେବେଳେ ଉପଖଣ୍ଡ ସ୍ତରୀୟ ତ କେତେବେଳେ ଜିଲ୍ଲା ସ୍ତରୀୟ ପୁଣି କେତେବେଳେ ରାଜ୍ୟ ସ୍ତରୀୟ ଉତ୍ସବ ମାନ ଏହି ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଛି । ଏପରିକି ଭାରତର ପୁର୍ବତନ ପ୍ରଧାନମନ୍ତ୍ରୀ ରାଜିବ ଗାନ୍ଧୀ ଏହି ପଡ଼ିଆ ଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ପୁର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକ୍ରିଷ୍ଣ ଆଡ଼ଭାନି, ପୁର୍ବତନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାନକି ବହ୍ଲଭ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ପାଦର ସ୍ପର୍ଶ ମଧ ଏହି ଖେଳପଡ଼ିଆ ପାଇଛି । ଅତୀତରେ ଭାରତ ସ୍କାଉଟ ଏଣ୍ଡ ଗାଇଡ଼, ରେଡ଼କ୍ରସ ଓ ଜାତୀୟ ସମରଶିକ୍ଷାର୍ଥି ବାହିନୀର ଶିବିର ମଧ ଏହି ଖେଳପଡ଼ିଆ ଠାରେ ଅନୁଷ୍ଠିତ ହୋଇଛି । ଉକ୍ତ ପଡ଼ିଆରେ ଅତିତରେ ହେଉଥିବା କ୍ରିକେଟ ଟୁର୍ଣ୍ଣାମେଂଟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଖେଳାଳି ମାନେ ଆସି ଅଂଶ ଗ୍ରହଣ କରିଥାନ୍ତି । ଉଦଳା ମହୋତ୍ସବ ମଧ ଏହି ପଡ଼ିଆରେ ଆୟୋଜିତ ହେବା ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କଳାକାର ମାନେ ଆସି ଏଠାରେ ସେମାନଙ୍କର କଳା ପ୍ରଦର୍ଶନ କରିଥାନ୍ତି । ଏହିଭଳି ଅତିତର ଅନେକ କିଛି ସ୍ମୃତିର ସାକ୍ଷୀ ପାଲଟିଥିବା ଉଦଳା ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆ କଥା ଆଜି ଜନସଧାରଣଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଯାଇଛି । ଯୁବୁଲି ପାଇଁ ନିୟମିତ ବସୁଥିବା ପ୍ରସ୍ତୁତି ବୈଠକ ପୁଣିଥରେ ଆସନ୍ତା ନଭେମ୍ବର ୩ ତାରିଖ ଦିନ ୩ ଘଟିକା ସମୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ଆବାହକ ଅଶୋକ କୁମାର ମହାନ୍ତି ଜଣାଇଛନ୍ତି ।

# ବାରିପଦାରେ ହ୍ୟାଣ୍ଡଲୁମ ଏକ୍ସପୋ ଉଦ୍‌ଘାଟିତ




ବାରିପଦା, ୧୯/୧୦ (ନି.ପ୍ର): ବାରିପଦା ଛଉ ପଡିଆ ଠାରେ ହ୍ୟାଣ୍ଡଲୁମ ଏକ୍ସପୋ ଆଜି ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଯୁବନେତା ତଥା ବିଜେଡିର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିବା ସହିତ ଗୋଟିଏ ସ୍ଥାନରେ ଭାରତର ବିଭିନ୍ନ ରାଜ୍ୟର ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳୁଥିବାରୁ ଆୟୋଜକ ସଂସ୍ଥାକୁ ସାଧୁବାଦ ଜଣାଇଥିଲେ। ଏହି ପ୍ରଦର୍ଶନୀ ରେ ୧୮ ଟି ରାଜ୍ୟରୁ ୫୦ଟି ଷ୍ଟଲ ଖୋଲା ଯାଇଛି। ପ୍ରଦର୍ଶନୀ ରେ ବନାରସୀ କଟନ ଶାଢ଼ୀ, ବଙ୍ଗାଳୀ ଶାଢ଼ୀ, ଲକ୍ଷ୍ନୌର ଚିକେନବର୍କ କୁର୍ତ୍ତି ଏବଂ ଶାଢ଼ୀ, କାଶ୍ମୀର ଶାଢ଼ୀ ଏବଂ ଶାଲ, ମହିଳା ମାନଙ୍କର କୁର୍ତ୍ତି, କାଶ୍ମୀର କୁର୍ତ୍ତି, ନାଇଟି, ରାଜସ୍ଥାନୀ ପ୍ରିଣ୍ଟେଡ ବେଡସିଟ ଏବଂ ବେଡ କଭର, ଉତ୍ତର ପ୍ରଦେଶର ବେଡସିଟ, ତକିଆ ଖୋଳ, ଖସଡା ବେଡସିଟ, ଶୋଫା ଓ ଟେବୁଲ କଭର, ପଞ୍ଜାବୀ କୁର୍ତ୍ତି ସହିତ କୃତ୍ରିମ ଜୁୟେଲାରୀ ଏବଂ ଆହୁରି ଅନେକ ସୌଖିନ ସାମଗ୍ରୀ ପ୍ରଦାର୍ଶନିରେ ମିଳୁଥିବାରୁ ଗ୍ରାହକ ମାନଙ୍କର ଭିଡ଼ ଲାଗିଛି। ଏହି ପ୍ରଦର୍ଶନି ଆଗାମୀ ନଭେମ୍ବର ୧୭ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ପ୍ରତିଦିନ ଦିବା ୧୧ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାଯାଇଛି। ଅତିଥି ମାନେ ପ୍ରଦର୍ଶନି ବୁଲି ଦେଖିଥିବା ବେଳେ ଅନୁଷ୍ଠାନର ମେନେଜର ଅଭିଷେକ ମିଶ୍ର, ଅବିନାଶ ଯାଦବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦର୍ଶ ଶିକ୍ଷକଙ୍କର ସ୍ମୃତିସଭା

କେନ୍ଦ୍ରାପଡ଼ା, ୧୯/୧୦ (ନି.ପ୍ର): ଆଦର୍ଶ ଶିକ୍ଷକ ତଥା ସମାଜସେବୀ ସ୍ୱର୍ଗତ ସୁଶିଲ କୁମାର ଜେନାଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଗୋପଛକ ସ୍ଥିତ କମଳ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଜେନା ପୌରାଂଚଳର ବଳଦେବ ହାଇସ୍କୁଲ ରେ ଶିକ୍ଷକତା ଜୀବନ ଆରମ୍ଭ କରିବା ସହ ଅବସର ଗ୍ରହଣ କରିବା ପରେ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସଂପୃକ୍ତ ରହି ଅବସର ଜୀବନ ଅତିବାହିତ କରିଥିଲେ । ଜଣେ ଦକ୍ଷ ଓ ଆଦର୍ଶ ଶିକ୍ଷକ ଭାବେ ବହୁ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ଶୋକ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ବିଜେପି ନେତା ବିଷ୍ଣୁ ଦାସ, ପୂର୍ବତନ ବ୍ଲକ ଚେୟାରମ୍ୟାନ ପ୍ରଦିପ୍ତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ, ସାହିତ୍ୟ ଏକାଡେମୀ ସଦସ୍ୟ ସରୋଜ ମହାନ୍ତି, ଅଭିମନ୍ୟୁ ଗୋଛାୟତ, ପାରାଦ୍ୱୀପ ର ଯୁବନେତା ପ୍ରତାପ ମିଶ୍ର, ପବିତ୍ର ପରିଡା, ରୋଜାଲିନୀ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ସ୍ମୃତିସଭା ରେ ଉପସ୍ଥିତ ରହି ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସ୍ୱର୍ଗତ ଜେନାଙ୍କ ଜ୍ୟେଷ୍ଠପୁତ୍ର ବରିଷ୍ଠ ବିଜେପି ନେତା ଭୁବନ ମୋହନ ଜେନା ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ଇଲେକ୍ଟ୍ରୋଲ ରୋଲ ୨୦୨୫ ପାଇଁ ପଥ ଉତ୍ସବ ଓ ୱାକଥନ ନିମନ୍ତେ ପ୍ରସ୍ତୁତି ବୈଠକ



ନୀଳଗିରି, ୧୯/୧୦ (ନି.ପ୍ର): ଭାରତ ସରକାରଙ୍କ ନିର୍ବାଚନ କମିଶନର ଓ ଓଡ଼ିଶା ସରକାରଙ୍କ ଗୃହ ମନ୍ତ୍ରାଳୟ (ନିର୍ବାଚନ) ଭୁବନେଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ଫୋଟ ଇଲେକ୍ଟ୍ରୋଲ ରୋଲ ୨୦୨୫ ସତନ୍ତ୍ର ସଂଶୋଧନ ପ୍ରକ୍ରିୟା ପରିପ୍ରେକ୍ଷୀରେ ପଥ ଉତ୍ସବ ଓ ୱାକଥନ କାର୍ଯ୍ୟ କ୍ରମ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରିଣୀ ଶୁଭଶ୍ରୀ ରଥଙ୍କ ଅଧ୍ୟକ୍ଷତାରେ ନିଜ କାର୍ଯ୍ୟାଳୟରେ ଉପଖଣ୍ଡ ସ୍ତରୀୟ ଓ ବିଭିନ୍ନ ବିଭାଗର ବିଭାଗୀୟ ପଦାଧିକାରୀ ଏବଂ ବିଭିନ୍ନ ମହାବିଦ୍ୟାଳୟର କର୍ମକର୍ତ୍ତା ଯୋଗ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନର ସମସ୍ତ ଭୋଟର ଏବଂ ଆସନ୍ତା ୧.୧.୨୫ସୁଦ୍ଧା ୧୮ବର୍ଷ ପୂର୍ତ୍ତି ଭୋଟରଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ପଥ ଉତ୍ସବ ଓ ୱାକଥନ କାର୍ଯ୍ୟକ୍ରମ ପ୍ରସ୍ତୁତି ସମ୍ପର୍କରେ ଅଧକ୍ଷ ଆଲୋକପାତ କରିଥିଲେ। ଏହି ପ୍ରସ୍ତୁତି ବୈଠକ ଭୋଟର ସଚେତନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନା ଧର୍ମୀ ବକ୍ତୃତା, ରଙ୍ଗୋଲି , ପାଲା, ଦସ୍ତଖତ ଅଭିଯାନ ଅଭିନୟ କରାଯିବା ପାଇଁ ସ୍ଥିର କରାଗଲା। ଉକ୍ତ କାର୍ଯ୍ୟ କ୍ରମକୁ ଆସନ୍ତା ୨୯.୧୦.୨୦୨୪ତାରିଖ ଠାରୁ ବିଧିବଦ୍ଧ ଭାବେ କରାଯିବା ପାଇଁ ନିଷ୍ପତି ନିଆଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ...

ଲଘୁଚାପ ସୃଷ୍ଟି ହେବା ପରେ ହିଁ ଚିତ୍ର ସ୍ପଷ୍ଟହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ବାତ୍ୟା ଆକଳନ କରି ହେବନି। ବାତ୍ୟା ଚର୍ଚ୍ଚାକୁ ନେଇ କିଛି ଏଭଳି ସୂଚନା ଦେଇଛନ୍ତି ଓଗଉ ଡିଜି। ଓଟିଭିକୁ ସୂଚନା ଦେଇ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି କି, ଏବେ ବାତ୍ୟା ଆକଳନ କରି ହେବନି। ଲଘୁଚାପ କ୍ଷେତ୍ର ହେବା ପରେ ଏହାର ଗତି ଓ ସ୍ଥିତି ନେଇ କିଛିଟା ଚିତ୍ର ସ୍ପଷ୍ଟ ହେବ। ୨୨ରୁ ବଙ୍ଗୋପସାଗର ଅଶାନ୍ତ ରହିବ। ତେଣୁ ୨୧ ସୁଦ୍ଧା ମତ୍ସ୍ୟଜୀବୀଙ୍କୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ୨୩ରୁ ୨୫ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷ ଭାବେ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ଷା ହୋଇପାରେ। ଯେହେତୁ ଅକ୍ଟୋବର ମାସ ବାତ୍ୟାକୁ ସୁହାଇଥାଏ ତେଣୁ କିଛି ମଡେଲ୍ ଏହାକୁ ନେଇ ପୂର୍ବାନୁମାନ ଦେଇଛନ୍ତି। ତଥାପି ଏବେ ବାତ୍ୟା ସ୍ଥିତି ଆକଳନ କରିହେବନି ବୋଲି ଓଗଉ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଦୋହରାଇଛନ୍ତି।

## ମୁମ୍ବାଇରେ ବି ଚମକିଲା ଓଡ଼ିଶାର...

ଯେହେତୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଭରପୁର ସମ୍ଭାବନା ରହିଛି ଓ ୮.୫ ପ୍ରତିଶତ ବିକାଶ ହାରରେ ରାଜ୍ୟ ଆଗକୁ ଯାଉଛି ତେଣୁ ନିବେଶମାନେ ଆଗ୍ରହ ଦେଖାଇଛନ୍ତି । ରାଜ୍ୟରେ ପର୍ଯ୍ୟାପ୍ତ ପ୍ରାକୃତିକ ଖଣିଜ ପଦାର୍ଥ, କୋଷ୍ଟ ଲାଇନ୍ ଓ ବନ୍ଦର ଥିବାରୁ ଓଡ଼ିଶା ଆଗାମୀ ଦିନରେ ଇଣ୍ଡଷ୍ଟ୍ରି ହବ୍ ହେବାକୁ ଯାଉଛି । ଆଇଟି, ଟେକ୍ସଟାଇଲସ୍, ଅକ୍ଷୟ ଶକ୍ତି, ପ୍ଲାଷ୍ଟିକ୍ ଓ କେମିକାଲ୍ସ ଓ ପେଟ୍ରୋକେମିକାଲସ୍ କ୍ଷେତ୍ରକୁ ରାଜ୍ୟ ସରକାର ଅଧିକ ପ୍ରାଧାନ୍ୟ ଦେଉଛନ୍ତି । ମୁମ୍ବାଇରେ ୩ଶହରୁ ଅଧିକ ନିବେଶକଙ୍କ ସହ ରୋଡ୍ ସୋ ସଫଳ ହୋଇଛି ଓ ଆଗାମୀ ଦିନରେ ଓଡ଼ିଶାକୁ ଅଧିକ ପୁଞ୍ଜିନିବେଶକାରୀ ଆସିବେ ବୋଲି ଦୃଢ ଆଶା ପୋଷଣ କରିଛନ୍ତି ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁ । ତାସହ ଶିଳ୍ପମନ୍ତ୍ରୀ କହିଛନ୍ତି- ପୂର୍ବ ସରକାର ଅମଳରେ କେବଳ ଶିଳ୍ପସଂସ୍ଥାଙ୍କ ସହ ଏମଓୟୁ ସହ ମେଟାଲ ବେସ୍‌ଡ ଇଣ୍ଟଷ୍ଟ୍ରିକୁ ଗୁରୁତ୍ୱ ଦିଆଯାଉଥିଲା, ହେଲେ ମୋହନ ସରକାର ଉତ୍ପାଦନ ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା କ୍ଷେତ୍ର ଯେମିତିକି ଟେକ୍ସଟାଇଲ୍ସ, ଗାର୍ମେଣ୍ଟ, ଫାର୍ମା, ଫୁଡ୍ ପ୍ରୋସେସିଂ ଓ ଆଗ୍ରୋ ବେସଡ ଶିଳ୍ପସଂସ୍ଥାଙ୍କୁ ଗୁରୁତ୍ୱ ଦେଉଛନ୍ତି। ଏସବୁ ସଂସ୍ଥାର ମୁଖ୍ୟଙ୍କ ସହ ୱାନ ଟୁ ୱାନ୍ ଆଲୋଚନା ବି କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହାଛଡ଼ା ଦିନକ ତଳେ ଇଣ୍ଡିଆ କେମ୍ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଉପସ୍ଥିତିରେ ଓଡ଼ିଶା ସହ ଗୁଜରାଟ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମାନେ ବିଭିନ୍ନ କେମିକାଲ୍ସ ଇଣ୍ଟଷ୍ଟ୍ରୀଙ୍କ ସହ ପୁଞ୍ଜିନିବେଶ ନେଇ ଆଲୋଚନା କରିଛନ୍ତି । ଓଡ଼ିଶାରେ ପାରାଦୀପ, ଗୋପାଳପୁର ଓ ଧାମରାରେ ପୁଞ୍ଜି ନିବେଶ ପାଇଁ ନିବେଶକ ମନ ବଳାଇଥିବା ସୂଚନା ଦେଇଛନ୍ତି ଶିଳ୍ପମନ୍ତ୍ରୀ । ଜାନୁଆରୀରେ ଉତ୍କର୍ଷ ଓଡ଼ିଶା ମେକ୍-ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ ପାଇଁ ପୂର୍ବରୁ ଦିଲ୍ଲୀରେ ବି ରୋଡ୍ ସୋ କରିଥିଲେ ଓଡ଼ିଶା ସରକାର । ଆଗକୁ ହାଇଦ୍ରାବାଦ୍, ବେଙ୍ଗଲୁରୁ ଓ ୟୁରୋପରେ ବି ନିବେଶକ ସମ୍ମିଳନୀ କରିବା ଯୋଜନାରେ ଅଛନ୍ତି ରାଜ୍ୟ ସରକାର ।

## ପ୍ରକାଶ ପାଇଲା ଓଏଏସ୍ ...

ପରବର୍ତ୍ତୀ ସମୟରେ ସେ ଚାକିରି ଛାଡି ଓଏଏସ୍ ପାଇଁ ପ୍ରସ୍ତୁତ ହୋଇ ପରୀକ୍ଷା ଦେଇଥିଲେ। ଓଏଏସ୍ ଟପ୍ପର ଶ୍ୱେତାଶ୍ରୀ ମହାପାତ୍ର କହିଛନ୍ତି, ପ୍ରଥମ ଚେଷ୍ଟାରେ ସଫଳତା ପାଇ ବହୁତ ଖୁସି ଲାଗୁଛି। କଠିନ ପରିଶ୍ରମ କଲେ ନିଶ୍ଚିତ ସଫଳତା ମିଳିବ। ଦୈନିକ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ଚାକିରି ଛାଡ଼ି ଓଏଏସ୍‌ପାଇଁ ପ୍ରସ୍ତୁତି କରୁଥିଲି। ଏନଆଇଟି ଦୁର୍ଗାପୁରରେ ବିଟେକ୍ ପରେ ଚେଷ୍ଟା କରିଥିଲି। ଇଲେକ୍ଟ୍ରୋନିକ ଆଣ୍ଡ କମ୍ୟୁନିକେସନରେ ଇଞ୍ଜିନିୟରିଂ କରିଛି ବୋଲି ଶ୍ୱେତାଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ଓଡ଼ିଶା ଲୋକସେବା ଆୟୋଗଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ଏହି ପରୀକ୍ଷା ପାଇଁ ମୋଟ ୯୨୯୧୪(୩୪୭୧୨ଜଣ ମହିଳା) ପ୍ରାର୍ଥୀ ଆବେଦନ କରିଥିଲେ । ତେବେ ଏମାନଙ୍କ ମଧ୍ୟରୁ ଅଧାରୁ କମ୍ ଅର୍ଥାତ୍ ୪୦୫୮୬ଜଣ(୧୪୮୫୨ଜଣ ମହିଳା ପ୍ରାର୍ଥୀ) ୨୦୨୩ ଅକ୍ଟୋବର ୧୫ତାରିଖରେ ଅନୁଷ୍ଠିତ ପ୍ରାରମ୍ଭିକ ପରୀକ୍ଷାରେ ସାମିଲ ହୋଇଥିଲେ । ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମୋଟ ୮୨୨୦(୨୭୩୦ଜଣ ମହିଳା) ଜଣ ପ୍ରାରମ୍ଭିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ୨୦୨୪ ଫେବୃୟାରୀ ୨୫ରୁ ମାର୍ଚ୍ଚ ୩ତାରିଖ ପର୍ଯ୍ୟନ୍ତ ମେନ୍ ଲିଖିତ ପରୀକ୍ଷାରେ ଏମାନଙ୍କ ମଧ୍ୟରୁ ୬୬୩୯ଜଣ (୨୩୩୭ଜଣ) ସାମିଲ ହୋଇଥିଲେ । ଆଉ ଏହି ମେନ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୩୬୭(୪୯୩ଜଣ ମହିଳା) ପରୀକ୍ଷାର୍ଥୀଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା । ଓଡ଼ିଶା ଲୋକସେବା ଆୟୋଗ ଏହି ଯୋଗ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୮୩ଜଣଙ୍କୁ ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ସୁପାରିଶ କରିଛନ୍ତି । ତାଲିକାର ପ୍ରଥମ ୧୦ଜଣଙ୍କ ମଧ୍ୟରେ ୫ଜଣ ମହିଳା ପ୍ରାର୍ଥୀ ଅଛନ୍ତି । ଚୟନ ତାଲିକାରେ ମୋଟ ୬୮୩ଜଣଙ୍କ ମଧ୍ୟରୁ ୨୫୮ଜଣ ମହିଳାଙ୍କୁ ନିଯୁକ୍ତି ଦେବା ପାଇଁ ସୁପାରିଶ କରାଯାଇଛି । ସେହିପରି ଏହି ୬୮୩ଜଣ ଯୋଗ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ୩୮୭ଜଣ (୧୪୨ମହିଳା) ଅଣସଂରକ୍ଷିତ ବର୍ଗ, ଏସଇବିସି ୭୧ଜଣ(୨୩ ମହିଳା), ଅନୁସୂଚିତ ଜାତି ବର୍ଗର ୮୯ଜଣ(୩୬ଜଣ ମହିଳା) ଓ ଅନୁସୂଚିତ ଜନଜାତି ବର୍ଗର ୧୩୬ଜଣ(୫୭ମହିଳା), ଦିବ୍ୟାଙ୍ଗ ବର୍ଗରେ ୨୩ଜଣ(୫ମହିଳା), କ୍ରୀଡ଼ାବିତ ବର୍ଗରେ ଜଣେ ଓ ପୂର୍ବତନ ସେନା କର୍ମଚାରୀ ବର୍ଗରେ ୧୪ଜଣ ପ୍ରାର୍ଥୀ ସାମିଲ ଅଛନ୍ତି ।

## ନୂଆ ଢାଞ୍ଚାରେ ଆସୁଛି 'ବିକଶିତ...

ପରଠୁ ଲାଗିଥିବା ଚର୍ଚ୍ଚାରେ ପୂର୍ଣ୍ଣଛେଦ ପକାଇ ଏଭଳି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ। କହିଛନ୍ତି, ୨ ଦିନରେ ଆସୁଛି ନୂଆ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶାର ଗାଇଡଲାଇନ। ଯେଉଁଥିରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ କ୍ଷମତା ଦିଆଯିବ। ଗାଁ ଗାଁରେ ପଲ୍ଲୀ ସଭା ଆଉ ଗ୍ରାମ ସଭା ହେବ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ଫାଇନାଲ ହେବ ପ୍ରକଳ୍ପ ତାଲିକା। ସରକାର ଦେଇଥିବା ଅର୍ଥରେ ଗାଁର କେଉଁ କେଉଁ ପ୍ରକଳ୍ପ କାମ ହେବ ତାହା ପଞ୍ଚାୟତସ୍ତରରେ ହିଁ ସ୍ଥିର ହେବ। ପୂର୍ବ ସରକାର ବେଳେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିଲା କହି ଆମ ସରକାରରେ ଏହି ଯୋଜନା ଲୋକଙ୍କ ମତାମତକୁ ନେଇ ଚାଲିବ ବୋଲି ସୂଚା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ । ପୂର୍ବ ବିଜେଡି ସରକାରରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖାକୁ ନେଇ ବିବାଦକୁ ଆସିଥିଲା ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା। ଏମିତିକି, କିଛି ସରପଞ୍ଚ ଏବଂ ସମିତିସଭ୍ୟ ଆନ୍ଦୋଳନକୁ ଓହ୍ଲାଇ ଥିବା ବେଳେ ବାଲେଶ୍ୱରର କିଛି ସରପଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେବଳ ସେତିକି ନୁହେଁ, ଏଇ ଯୋଜନାରେ ଏବେ ବି ଅନେକ କାମ ଅଧା ଅଧୁରା ପଡି ରହିଛି। ନିର୍ବାଚନ ପୂର୍ବରୁ ନଭେମ୍ବର ୨୦୨୩ରେ ୬ ହଜାର ୭୯୪ ପଞ୍ଚାୟତକୁ ଏହି ଯୋଜନାରେ ପ୍ରାୟ ୩ ହଜାର ୪୫୭ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ ନବୀନ। ହେଲେ ତାର ମାତ୍ର ୩୦ରୁ ୪୦ ପ୍ରତିଶତ କାମ ହୋଇଥିବା ଗୃହରେ ସୂଚନା ଦେଇ ଅଧା ଥିବା କାମକୁ ପୂରା କରାଯିବ ବୋଲି କହିଥିଲେ ପଞ୍ଚାୟତିରାଜ ମନ୍ତ୍ରୀ। ହେଲେ ବଡ଼ କଥା ହେଉଛି ଅନେକ ସ୍ଥାନରେ ଏବେ ବି ଏ ଯୋଜନାରୁ ଟଙ୍କା ଉଠାଯାଇଛି, କାମ ପୂରା ହୋଇନି। ଦୁର୍ନୀତି ଅଭିଯୋଗ ବି ଆସିଛି। ଯେମିତି ବାସୁଦେବପୁର ମନ୍ମଥପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ। ଆମ ଓଡିଶା ନବୀନ ଓଡିଶାରେ ୫ ଲକ୍ଷ ଟଙ୍କା ବ୍ୟୟରେ ଗତବର୍ଷ ନଭେମ୍ବର ୫ରୁ ଏଠି ଆରମ୍ଭ ହୋଇଥିଲା ଶ୍ରେଣୀଗୃହ ନିର୍ମାଣ କାମ। ଲକ୍ଷ୍ୟ ଥିଲା ଡିସେମ୍ବର ୩୧ ସୁଦ୍ଧା କାମ ସରିବ। ହେଲେ ଏଯାଏଁ କାମ ତ ସରିନି କିନ୍ତୁ ଯୋଜନାରୁ ୪ ଲକ୍ଷ ୪୪ ହଜାର ୩୯୩ ଟଙ୍କା ଉଠାଯାଇଛି। ତେଣୁ ଏଭଳି ସ୍ଥିତିରେ ନୂଆ ସରକାରଙ୍କ ନୂଆ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ସରପଞ୍ଚ। ଅଭିଯୋଗ କରିଛନ୍ତି, ପୂର୍ବ ସରକାର ଅମଳରେ ଦଳୀୟ ଭିତ୍ତିରେ ଓ ସରକାରୀ ବାବୁଙ୍କ ଇଚ୍ଛାରେ କାମ ହେଉଥିଲା। ପୁରୁଣା ଯୋଜନାରେ ପ୍ରତି ପଞ୍ଚାୟତ ପିଛା ୫୦ ଲକ୍ଷ ଟଙ୍କା ଦେଉଥିଲେ ବିଜେଡି ସରକାର। ନୂଆ ଯୋଜନାରେ ନୂଆ ସରକାର କେତେ ଦେଉଛନ୍ତି ଏବଂ ଗାଇଡଲାଇନରେ ଆଉ କଣ ବ୍ୟାବସ୍ଥା ଆଣୁଛନ୍ତି ତା ଉପରେ ନଜର।

## ପ୍ରାର୍ଥୀ ଘୋଷଣା କଲା ...

ଆସନରୁ ନିର୍ବାଚନ ଲଢ଼ିବେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭାଉଜ ସୀତା ସୋରେନ ଜାମତାରାରୁ ବିଜେପିର ପ୍ରାର୍ଥୀ ହୋଇଛନ୍ତି। ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୂର୍ଣ୍ଣିମା ଦାସ ସାହୁଙ୍କୁ ଜାମସେଦପୁର ଇଷ୍ଟରୁ ବିଜେପି ଟିକେଟ ଦେଇଛି। ଜଗନ୍ନାଥପୁରରୁ ଗୀତା କୋଡା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଦର୍ଶନ ଭଗତ ବିଜେପି ଟିକେଟରେ ଗୁମଲାରୁ ଲଢ଼ିବେ। ଝାରଖଣ୍ଡର ସମସ୍ତ ୮୧ଟି ବିଧାନସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ଭୋଟ ହେବ। ନଭେମ୍ବର ୧୩ରେ ପ୍ରଥମ ଓ ୨୦ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ। ଏଠାରେ ଭୋଟ ଗଣତି ସହ ଫଳାଫଳ ନଭେମ୍ବର ୨୩ରେ ପ୍ରକାଶ ପାଇବ।

## ବିଜେପିକୁ ଟକ୍କର....

ଆସନ ବୁଝାମଣା ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ । ଆଦିବାସୀ ଅଧ୍ୟୁଷିତ ଝାଡଖଣ୍ଡରେ ମୁଖ୍ୟତଃ ବିଜେପି ଓ ଜେଏମଏମ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ଗତ ୨୦୧୯ ବିଧାନସଭା ନିର୍ବାଚନରେ ଜେଏମମ, କଂଗ୍ରେସ ଓ ଆରଜେଡି ମେଣ୍ଟ ୮୧ ଆସନରୁ ୪୭ ଆସନ ଲାଭ କରିଥିଲେ । ଆସନ୍ତା ନଭେମ୍ବର ୧୩ ଓ ୨୦ରେ ଦୁଇ ପର୍ଯ୍ୟାୟରେ ନିର୍ବାଚନ ହେବ । ନଭେମ୍ବର ୨୩ରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ।

## ତେଲେଙ୍ଗାନାରେ ...

ସରକାରଙ୍କ ତରଫରୁ ଆତ୍ମନିର୍ଭରଶୀଳ ନୀତିରେ ପ୍ରଭାବିତ ହୋଇ ଏମାନେ ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଛନ୍ତି ।ବର୍ତ୍ତମାନ ମାଓ ଦଳରେ ଆଉ ଆଦର୍ଶ ବୋଲି କିଛି ନାହିଁ। ତେଣୁ ମାଓ ସଂଗଠନର ନେତା ଓ ସଦସ୍ୟମାନେ ଦଳ ଛାଡୁଛନ୍ତି ବୋଲି ପୁଲିସ କହିଛି। ଆତ୍ମସମର୍ପଣ କରି ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବାକୁ ଚାହୁଁଛନ୍ତି। ଅନ୍ୟ ରାଜ୍ୟରୁ ଆସୁଥିବା ଯୁବକ ଓ ଯୁବତୀମାନଙ୍କୁ ନକ୍ସଲ ଧମକାଇ ନିଜ ସଂଗଠନରେ ସାମିଲ କରି ତାଂକ ଦ୍ୱାରା ବେଆଇନ କାମ କରାଉଛନ୍ତି। କାମ ନକଲେ ପୁଲସ ସୂଚନାଦାତା ବୋଲି କହି ହତ୍ୟା କରିବାକୁ ପଛାଉ ନାହାନ୍ତି। ଶେଷରେ ମାଓବାଦୀ ଦଳର ବରିଷ୍ଠ ନେତାଙ୍କ ଭେଦଭାବ ତଥା ନିର୍ଯ୍ୟାତନାକୁ ରୋକିବାରେ ଅସମର୍ଥ ହୋଇ ସେମାନେ ଆଜି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି, ଯେଉଁମାନେ ବି ଆତ୍ମସମର୍ପଣ କରିବାକୁ ଚାହୁଁଛନ୍ତି ସେମାନେ ପୁଲିସ ସହ ଯୋଗାଯୋଗ କରନ୍ତୁ ବୋଲି ଅନୁରୋଧ କରାଯାଇଛି।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଜିଲ୍ଲାପରିଷଦ ସଭାପତିଙ୍କୁ ସାକ୍ଷାତକାର



ବାଲେଶ୍ୱର, ୧୯/୧୦ (ନି.ପ୍ର): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଗଠିତ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଜିଲ୍ଲାବାସୀଙ୍କର ଏହି ଦାବିପୂରଣ ଦିଗରେ ସହାୟତା ପାଇଁ ଅନୁରୋଧ କରିଥିଲେ। ଗତ ଦୁଇବର୍ଷ ପୂର୍ବରୁ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲ୍ଲା ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଏଥିପାଇଁ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଘଟଣା ସଂପର୍କରେ ପ୍ରତିନିଧିମାନେ ଶ୍ରୀ ପ୍ରଧାନଙ୍କୁ ଅବଗତ କରାଇଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍ ଓ ପଞ୍ଚାୟତ ବୈଠକରେ ଏହି ଦାବି ଉପରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଇ ନୂତନ ସରକାରଙ୍କୁ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ ଅବଗତ କରାଇବେ ବୋଲି ଶ୍ରୀ ପ୍ରଧାନ ପ୍ରତିନିଧିମାନଙ୍କୁ ପ୍ରତିଶୃତି ଦେଇଥିବାର ଜଣାଯାଇଛି। ଯୁବବର୍ଗ କୃଷି ପ୍ରତି ବିମୁଖ ହେଉଥିବାବେଳେ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣାକ୍ଷେତ୍ର ପ୍ରତିଷ୍ଠା ହେଲେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ବିଭିନ୍ନ କୃଷିଜାତ ସମାଗ୍ରୀ ଉତ୍ପାଦନ ହୋଇପାରିବ ଓ କୃଷକମାନେ ଲାଭବାନ ହୋଇପାରିବେ ବୋଲି ସମିତିର ପ୍ରତିନିଧିମାନେ ପ୍ରକାଶ କରିଛନ୍ତି। ଏହି ସାକ୍ଷାତ ଆଲୋଚନାରେ ସମିତିର ସଂପାଦକ ଅଭୟ କୁମାର ମିଶ୍ରଙ୍କ ସମେତ ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ ଓ ଭାସ୍କର ଚନ୍ଦ୍ର ପାଢ଼ି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମା' ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଭଗବାନପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ



ବେତନଟୀ, ୧୯/୧୦ (ନି.ପ୍ର): ବେତନଟୀ ବ୍ଲକ୍ ଅନ୍ତର୍ଗତ ଆମ୍ବଗଡ଼ିଆ ପଞ୍ଚାୟତ ଅଧିନରେ ଥିବା ଭଗବାନପୁର ଗ୍ରାମରେ ଗଢିଉଠିଥିବା 'ବୀର୍ ବିର୍ସା ବଜରଙ୍ଗୀ କ୍ଲବ୍' ଆନୁକୂଲ୍ୟରେ ଭଗବାନପୁର ଗ୍ରାମରେ ମା ଗଜଲକ୍ଷ୍ମୀ ପୂଜା ଅବସରରେ କ୍ଲବ୍ ର ମ୍ୟାନେଜର ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ପୂର୍ବତନ ଅର୍ଥ ପରାମର୍ଶଦାତା ତଥା ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀଯୁକ୍ତ ଛୋଟରାୟ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆଁ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ , ବରେଣ୍ୟ ଅତିଥି ବିଶିଷ୍ଟ ସମାଜସେବୀ ଅକ୍ଷୟ କୁମାର ମିଶ୍ର, ସମ୍ମାନିତ ବକ୍ତା ଡିଆରଡିଓ କଲିକତା ର ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ଭୀମ ଚରଣ ମାଝୀ, ସମ୍ମାନିତ ଅତିଥି ବିଶିଷ୍ଟ ଅଭିନେତା ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଅତିଥିଗଣ ଯୋଗଦାନ କରି ସାଂସ୍କୃତିକ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସର୍ବପ୍ରଥମେ ଅତିଥି ମାନଙ୍କଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଠାରେ ଦୀପ ପ୍ରଜ୍ୱଳନ କରିବାପରେ କ୍ଲବ୍ ର କର୍ମକର୍ତ୍ତା ଙ୍କ ଦ୍ୱାରା ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ନୃତ୍ୟ ଶିଳ୍ପୀ ସୁଶ୍ରୀ ଜୟସ୍ମିତା ମହାପାତ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅନ୍ୟୁନ ୬୦ଜଣ ପ୍ରତିଯୋଗୀ ଏହି ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଶ୍ରୀମତୀ ନିର୍ମଳା ଭୋଇ ଦାୟିତ୍ୱ ତୁଲାଇଥିଲେ। ଉକ୍ତ ପ୍ରତିଯୋଗିତାରେ ସିନିୟର ଗ୍ରୁପ୍ ରୁ ସୁଶ୍ରୀ ଶ୍ରୁତିରେଖା ସାହୁ ପ୍ରଥମ , ସୁଶ୍ରୀ ଆୟିଶା ପଣ୍ଡା ଦ୍ୱିତୀୟ ଓ ଅର୍ପିତ୍ ତାଲ୍ଟି ତୃତୀୟ ସ୍ଥାନ ହାସଲ କରିବାସହ ଜୁନିୟର ଗ୍ରୁପ୍ ରୁ ସୁଶ୍ରୀ ପଙ୍କଜାକ୍ଷି ସାହୁ ପ୍ରଥମ, ସୁଶ୍ରୀ ଇପ୍ସା ମହାନ୍ତି ଦ୍ୱିତୀୟ ଓ ସୁଶ୍ରୀ ସ୍ୱସ୍ତିକା ପଟ୍ଟନାୟକ ତୃତୀୟ ସ୍ଥାନ ହାସଲ କରି ସଫଳତା ପ୍ରାପ୍ତ କରିଥିଲେ। ଦୁଇ ଗ୍ରୁପ୍ ର କୃତି ୬ ନୃତ୍ୟ ଶିଳ୍ପୀ ମାନଙ୍କୁ ଅତିଥି ମାନଙ୍କଦ୍ୱାରା ସାର୍ଟିଫିକେଟ ଓ ପୁରସ୍କାର ରାଶି ପ୍ରଦାନ କରାଯିବା ସହିତ ଅନ୍ୟ ସମସ୍ତ ପ୍ରତିଯୋଗୀମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଶ୍ରୀଯୁକ୍ତ ଚକ୍ରଧର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବା ସହ ବେଦ ମନ୍ତ୍ର ପାଠ କରିଥିଲେ। ଗ୍ରାମବାସୀଙ୍କ ସହଯୋଗ ସହିତ କ୍ଲବ୍ ର ସମ୍ପାଦକ ମୋହନ ସିଂ , କୋଷାଧକ୍ଷ ବିଜୁ ବାସ୍କେ, କମଳାକାନ୍ତ ସାହୁ, ସୁରେନ୍ଦ୍ର ଦାସ, ସଂଜୟ ସିଂ , ରାମ ସିଂ, ଗୁଡୁରାୟ ମୁର୍ମୁ, ସୁନାରାମ ମୁର୍ମୁ , ଚନ୍ଦନ ବାସ୍କେ , ତପନ ସିଂ, ଗଜେନ୍ଦ୍ର ସିଂ ଓ ଚକ୍ରଧର ମହାପାତ୍ର ଆଦି ଯୁବକଗଣ ଅନେକ ଦାୟିତ୍ୱ ତୁଲାଇଥିଲେ। ପରିଶେଷରେ କ୍ଲବ୍ ର ସଭାପତି ଶ୍ରୀ କାର୍ତ୍ତିକ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ଷମା ମାଗିଲେ ଓଲିଉଡ ଷ୍ଟାର ବୃଦ୍ଧାଦିତ୍ୟ ମହାନ୍ତି

ଭୁବନେଶ୍ୱର, ୧୯/୧୦ (ନି.ପ୍ର): ରାହୁଲ ଗାନ୍ଧୀଙ୍କୁ ନେଇ ଫେସବୁକରେ ପୋଷ୍ଟ କରିବାରୁ ତାଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ଛାତ୍ର କଂଗ୍ରେସ ପକ୍ଷରୁ ଏତଲା ଦିଆଯିବା ପରେ କ୍ଷମା ମାଗିଛନ୍ତି ଓଲିଉଡ ଷ୍ଟାର ବୃଦ୍ଧାଦିତ୍ୟ ମହାନ୍ତି । ବୃଦ୍ଧାଦିତ୍ୟ ଏକ ସୋସିଆଲ ମିଡିଆରେ ପୋଷ୍ଟରେ ସେ ଲେଖିଛନ୍ତି, ''ରାହୁଲ ଗାନ୍ଧୀଙ୍କୁ ନେଇ ମୁଁ କରିଥିବା ଶେଷ ପୋଷ୍ଟରେ କାହାକୁ ଟର୍ଗେଟ କିମ୍ବା ଅପମାନିତ କରିବା ମୋର ଉଦ୍ଦେଶ୍ୟରେ ନଥିଲା । ତାଙ୍କ ବିରୋଧରେ ମୁଁ କିଛି ସେମିତି ଭାବିକି ଲେଖିନି । ଅଜଣାତରେ ଯଦି କାହାକୁ ମୁଁ ଦୁଃଖ ଦେଇଛି, ତେବେ ଏଥି ପାଇଁ କ୍ଷମା ମାଗୁଛି । କାହାକୁ ଦୁଃଖ ଦେବା ମୋର ଉଦ୍ଦେଶ୍ୟ ନଥିଲା ।'

# ରେମୁଣା କଂଗ୍ରେସ ତରଫରୁ ବିଜେପିର ୧୦୦ ଦିନ ବିଫଳତାକୁ ନେଇ ଗାଁକୁ ଚାଲ ଅଭିଯାନ ରସାଲପୁରରେ ପଦଯାତ୍ରା




ବାଲେଶ୍ୱର,୧୯/୧୦ ଶନିବାର, ରେମୁଣା କଂଗ୍ରେସ ତରଫରୁ ବିଜେପି ର ୧୦୦ ଦିନ ର ବିଫଳତା କୁ ନେଇ ଗାଁ କୁ ଚାଲ ଅଭିଯାନ ପଦଯାତ୍ରା ରସାଲପୁର ରେ ରେମୁଣା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ତଥା କଂଗ୍ରେସ ର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନାଙ୍କ ଆହ୍ୱାନ ରେ ରସାଲପୁର ଗ୍ରା:ପ ସଭାପତି ଜୁବୁଲି ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇ ଯାଇଅଛି।ଏହି ପଦଯାତ୍ରା ରେ ଡବଲ ଇଞ୍ଜିନ ବିଜେପି ସରକାର ର ୧୦୦ ଦିନର ବିଫଳତା ଓ ନିର୍ବାଚନ ପ୍ରତିଶୃତି ପାଳନ କରିବାରେ ପୁରା ବିଫଳତା କୁ ନେଇ ଲୋକମାନଙ୍କୁ ରେମୁଣା କଂଗ୍ରେସ ତରଫରୁ ପଦଯାତ୍ରା ମାଧ୍ୟମରେ ସଚେତନ କରାଯାଇଛି। ପ୍ରଥମେ ସଲଟରୋଡ଼ ଅଞ୍ଚଳର ସୁନାମଧନ୍ୟ ନେତା, ଭାରତ ରେ ପରିଚିତ ସ୍ୱାଧୀନତା ସଂଗ୍ରାମୀ, ବାଲେଶ୍ୱର ର ପ୍ରଥମ ବିଧାୟକ ସୁରେନ୍ଦ୍ର ନାଥ ଦାସ (ସୁରେନ୍ଦ୍ର ସର୍ଦ୍ଦାର)ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦେଇ ନେତୃମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଦେବାପରେ ରସାଲପୁର କାଳୀମଣ୍ଡପ ପ୍ରାଙ୍ଗଣରେ ପିସିସି ସଭ୍ୟ ବିକାଶ କୁମାର ଦାସ ଙ୍କ ସଭାପତିତ୍ୱ ରେ ଏକ ପ୍ରଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା, ଏହି ସଭାରେ ଶ୍ରୀ ଜେନା, ଶ୍ରୀ ପଣ୍ଡା ଙ୍କ ସହ ଯୁଗଳ ମୋହନ, ଜ୍ୟୋସ୍ନା ସେନାପତି, କହ୍ନେଇ ବେହେରା ପ୍ରମୁଖ ଡବଲ ଇଞ୍ଜିନ ବିଜେପି ସରକାର ର ନିର୍ବାଚନ ପ୍ରତିଶୃତି ରେ ଯଥା ପ୍ରତ୍ୟେକ ମହିଳା ଙ୍କୁ ବର୍ଷକୁ ୫୦୦୦୦/-ଟଙ୍କା ଦେବା ପ୍ରତିଶୃତି,୩୦୦୦ ଭତ୍ତା,୩୦୦ ଇୟୁନିଟି ବିଜୁଳି ବିଲ ଛାଡ଼ ଆଦି ପ୍ରତିଶୃତି ରେ ବିଫଳ ହୋଇଛି ବୋଲି ନିଜନିଜ ବକ୍ତବ୍ୟରେ କହିଥିଲେ। ଏ ବିଜେପି ଡବଲ ଇଞ୍ଜିନ ସରକାର ମିଛୁଆ, ଭ୍ରଷ୍ଟାଚାରି, ଜନବିରୋଧୀ, ଶ୍ରମିକ ବିରୋଧୀ, ମହିଳା ବିରୋଧୀ ସରକାର ବୋଲି ବକ୍ତା ମାନେ ବକ୍ତବ୍ୟ ରଖିଥିଲେ। ପଥପ୍ରାନ୍ତ ସଭାପରେ ବିଭିନ୍ନ ସ୍ଲୋଗାନ ଦେଇ ନେତା ଓ କର୍ମୀମାନେ ପଦଯାତ୍ରାରେ ରସାଲପୁର ଗ୍ରାମର କିଛି ସାହି ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଦାସ,କେଶବ ନାୟକ, ରବୀନ୍ଦ୍ର ଘଡେଇ, ସତ୍ୟନାରାୟଣ ଦାସ, ପୂର୍ଣ୍ଣଚନ୍ଦ୍ର ମହାଳିକ, ରାଜେନ୍ଦ୍ର ଦାସ, ମାଲିକ ଜଲାଲ, ସେକ ମାସୁମ,ସଞ୍ଜୟ ମୋହନ, ମିଳନ ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚଉମୁଖଠାରେ ପ୍ରସ୍ତାବିତ ବନ୍ଦର ପ୍ରତିଷ୍ଠା ପାଇଁ ଡଗରାଠାରେ ଜନଶୁଣାଣୀରେ ବାହାର ଲୋକଙ୍କୁ ବିରୁଦ୍ଧ କରାଯିବ: ଚଉମୁଖ ଗ୍ରାମବାସୀ

ଲଙ୍ଗଳେଶ୍ୱର, ୧୯/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚଉମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଦୂଷଣ ବୋର୍ଡ ପକ୍ଷରୁ ଚଳିତ ମାସ ୨୨ ତାରିଖରେ ଡଗରା ଠାରେ ହେବାକୁ ଥିବା ଜନଶୁଣାଣିରେ ପ୍ରଭାବିତ ଚଉମୁଖ ଗ୍ରାମପଞ୍ଚାୟତର ଜନ ସାଧାରଣଙ୍କ ବ୍ୟତୀତ ବାହର ଲୋକଙ୍କ ଉପସ୍ଥିତିକୁ ଚଉମୁଖ ପଞ୍ଚାୟତର ଗ୍ରାମବାସୀଙ୍କ ଦ୍ୱାରା ବିରୁଦ୍ଧ କରାଯିବ ବୋଲି ଶନିବାର ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଚଉମୁଖ ସରପଞ୍ଚଙ୍କ ପ୍ରତିନିଧି ବେଣୁଧର ରଣଜିତ, ଜିଲ୍ଲା ପରିଷଦ ସଦସ୍ୟ ବାବାଜି ଦେହୁରୀ,ବାଲିଆପାଳ ବ୍ଲକ ଉପାଧକ୍ଷ ରାଜେଶ ଚୌଧୁରୀ, କଂଗ୍ରେସ ଯୁବନେତା ତୀର୍ଥ ନାଗ ଓ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ବେଣୁଧର ବେହେରା, ଅସିତ ଦେ, ବିଜୟ କୁମାର ବାଗ, ଅମର ମିଶ୍ର, ଅଜୟ କୁମାର ଦଳାଇ, ଜନ୍ମେଜୟ ପାତ୍ର, ଅର୍ଜ୍ଜୁନ ଦାସ, ରଞ୍ଜନ ମଣ୍ଡଳ, ଭଗବାନ ବେହେରା, ପ୍ରଶାନ୍ତ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ କହିଛନ୍ତି ଯେ ପ୍ରଶାସନ ଅତୀତର ଜଣ ଶୁଣାଣୀ ରେ ଘଟିଥିବା ଘଟଣାର ପୁନରାବୃତ୍ତି ନ କରନ୍ତୁ।ବାହାର ଲୋକଙ୍କୁ ଆଣି ଚଉମୁଖ ପଞ୍ଚାୟତର ନୀରିହ ଜନତାଙ୍କ ଉପରେ ଆକ୍ରମଣ କରିବାର ମନ୍ଦ ଉଦ୍ଦେଶ୍ୟରୁ ନିବୃତ୍ତ ରୁହନ୍ତୁ।ବନ୍ଦର ପ୍ରଭାବିତ ଅଞ୍ଚଳ ଚଉମୁଖ ଠାରେ ଜନ ଶୁଣାଣୀ କଲେ ଆମେ ସହଯୋଗ କରିବୁ।ଚଉମୁଖ ବ୍ୟତୀତ ଅନ୍ୟ ଯେକୌଣସି ସ୍ଥାନରେ ବାହାର ଲୋକଙ୍କୁ ଆଣି ଜନ ଶୁଣାଣି କଲେ ବିରୁଦ୍ଧ କରାଯିବ ବୋଲି କହିଛନ୍ତି।

# ଓଭର୍ ହେଡ ପାଣି ଟାଙ୍କିରୁ ଖସି ଯୁବକର ମୃତ୍ୟୁ: ଶବ ବ୍ୟବଚ୍ଛେଦକୁ ନେଇ ମେଡିକାଲରେ ଉତ୍ତେଜନା



ନିଳଗିରି , ୧୯/୧୦ (ନି.ପ୍ର): ନିଳଗିରି ବ୍ଲକର ମଛୁଆ ପଞ୍ଚାୟତ ଅଧିନସ୍ଥ ବଡ଼କାଳିଆପଦା ଗ୍ରାମର ଯୋଗୀ ମହାନ୍ତି ର ପୁଅ ଅକ୍ଷୟ ମହାନ୍ତି (୨୯)ଶନିବାର ଦିନ ପ୍ରାୟ ୧ଟା ସମୟରେ ଗ୍ରାମରେ ଥିବା ବସୁଧା ଯୋଜନାରେ ନିର୍ମିତ ଓଭର ହେଡ ଟାଙ୍କିକୁ ଚଢ଼ି ଯାଇଥିଲା। ଟାଙ୍କି ଶିଡିରେ କୌଣସି ସୁରକ୍ଷା ରେଲିଂ ନଥିବାରୁ ଅକ୍ଷୟ ୬୦ଫୁଟ୍ ତଳକୁ ଖସି ପଡ଼ିବାରୁ ଘଟଣା ସ୍ଥଳରେ ତାର ମୃତ୍ୟୁ ଘଟିଥିଲା। ପରେ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ନିଳଗିରି ମେଡିକାଲ ଆଣିଲା ପରେ ଡାକ୍ତର ଯୁବକକୁ ମୃତ ଘୋଷଣା କରିଥିଲେ। ତେବେ ଶବ ବ୍ୟବଚ୍ଛେଦ ପାଇଁ ପରିବାର ଲୋକେ ପ୍ରାୟ ୪.୩୦ମଧ୍ୟରେ ସମସ୍ତ କାଗଜ ପତ୍ର ଆଣି ଡାକ୍ତରଙ୍କୁ ଶବ ବ୍ୟବଚ୍ଛେଦ ପାଇଁ ପ୍ରଦାନ କରିଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମାତ୍ର ଡାକ୍ତର ତ୍ରିନାଥ ପାଲ ଶବ ବ୍ୟବଚ୍ଛେଦ କରିନଥିଲେ। ଏହାକୁ କେନ୍ଦ୍ର କରି ମେଡିକାଲ ପରିସରରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଏପରିକି ପରିବାର ଲୋକେ ଡାକ୍ତର ପାଲ୍ ଙ୍କୁ ଘରକୁ ଛାଡ଼ିନଥିଲେ। ପରେ ପୋଲିସ ମେଡିକାଲରେ ପହଞ୍ଚି ପରିବାର ଲୋକଙ୍କୁ ବୁଝା ଶୁଝା କଲା ପରେ ପରିବେଶ ଶାନ୍ତ ପଡ଼ିଥିଲା। ମୃତ ଦେହକୁ ଫ୍ରିଜର ଭିତରେ ରଖାଯାଇଥିବା ବେଳେ ରବିବାର ଦିନ ପୋଷ୍ଟ ମୋଟମ୍ କରାଯିବାର ନିଷ୍ପତି ହୋଇଥିଲା। ମାତ୍ର ଡାକ୍ତର ତ୍ରିନାଥ ପାଲ ଙ୍କୁ ପଚାରିବାରୁ ଘଟଣାକୁ ଖଣ୍ଡନ କରିବା ସହ ସମେତ କାଗଜ ପତ୍ର ଶେଷ ସମୟରେ ଦେଇଥିଲେ, ମୋତେ ଶବ ବ୍ୟବଚ୍ଛେଦ ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇନଥିବା ପ୍ରକାଶ କରିଛନ୍ତି। ନିଳଗିରି ପୋଲିସ ପକ୍ଷରୁ ୫୨/୨୦୨୪ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଅନ୍ୟ ପଟେ ଯୁବକ ଜଣକ କଣ ପାଇଁ ଟାଙ୍କି ଉପରୁ ଯାଇଥିଲା ତାହା ଏବେ ସନ୍ଦେହ ଘେରରେ। ତେବେ ଯୁବକ ଜଣକ ମାନସିକତା ସଠିକ୍ ନଥିବାର ଶୁଣିବାକୁ ମିଳୁଛି।

## ଭିଜିଲାନ୍ସ ଜାଲରେ ବଳରାମପୁର ରାଜସ୍ୱ ନିରୀକ୍ଷକ

ଧର୍ମଶାଳା, ୧୯/୧୦ (ନି.ପ୍ର): ଲାଂଚ ନେବା ହେଲା କାଳ । ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବଳାରାମ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ । କାର୍ଯ୍ୟରତ ନିରୀକ୍ଷକ ଜଣକ ହେଲେ ସୁଶାନ୍ତ କୁମାର ସ୍ୱାଇଁ ବୋଲି ଜଣାପଡିଛି । ଆଜି ମଧ୍ୟାହ୍ନରେ ଜଣେ ବ୍ୟକ୍ତିଙ୍କଠାରୁ ଲାଂଚ ନେବା ବେଳେ ଯାଜପୁର ଭିଜିଲାନ୍ସ ହାବୁଡରେ ପଡିଥିଲେ । ତେବେ ଏହି ଘଟଣାର ରେଡ ଚାଲିଛି । ରେଡ ପରେ ତଥ୍ୟ ଦିଆ ଯିବ ବୋଲି ଭଜିଲାନ୍ସ ପକ୍ଷରୁ କୁହାଯାଇଛି ।






## ବିଜେଡିରେ ଲାଗି ରହିଥିବା ଅସନ୍ତୋଷକୁ ତିଆରି କରାଯାଇଛି : ଶାରଦା ନାୟକ

ଭୁବନେଶ୍ୱର, ୧୯/୧୦ (ନି.ପ୍ର): ବିଜେଡିରେ ଲାଗି ରହିଥିବା ଅସନ୍ତୋଷ କୁ ତିଆରି କରାଯାଇଛି ବୋଲି କହିଲେ ବିଜେଡି ବିଧାୟକ ଶାରଦା ପ୍ରସାଦ ନାୟକ କହିଛନ୍ତି । ସେ ଦଳୀୟ ନେତା ମାନଙ୍କର ଅସନ୍ତୋଷ ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଅସନ୍ତୋଷ ସବୁଠି ଥାଏ । ଅସନ୍ତୋଷ ତିଆରି କରାଯାଇଥାଏ । ସବୁ ଦଳରେ ଅସନ୍ତୋଷ ଅଛି । କିନ୍ତୁ ଲୋକ ବିଜେଡି ସହ ଅଛନ୍ତି । ଟ୍ରେନ ଗତି କଲା ବେଳେ କିଛି ଲୋକ ଚଢ଼ନ୍ତି ଆଉ କିଛି ଓହ୍ଲାନ୍ତି । ସେମିତି ବିଜେଡି ଆଗକୁ ବଢ଼ିବା ବେଳେ କିଛି ଲୋକ ଓହ୍ଲେଇ ଯିବା ସ୍ୱାଭାବିକ କଥା । ବ୍ୟକ୍ତିଗତ ଭାବେ କିଏ କେଉଁ ଠି ଗଲା ତାକୁ ହିସାବ କରିବା ଟା ଠିକ ନୁହେଁ । ଆଜି ବି ଓଡିଶାବାସୀ ବିଜୁ ଜନତା ଦଳ ସହ ଅଛନ୍ତି । ସେ କହିଛନ୍ତି ଯେ, ବିଜେପି ବିଜେଡି ଭାଙ୍ଗିଯିବାର ଯେଉଁ ମନ୍ତବ୍ୟ ଦେଉଛି ତାହା କେବଳ ନିଜକୁ ଖୁସି କରିବା ପାଇଁ । ସମୟ ବଡ଼ ବଳବାନ । ଦେଖନ୍ତୁ ଆଗକୁ କଣ ହେଉଛି ।

# ବିଦ୍ୟାଳୟରେ ଶିକ୍ଷା ମାନ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ କଡାକଡି ପଦକ୍ଷେପ



ବାରିପଦା, ୧୯/୧୦ (ନି.ପ୍ର): ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକମାନ ବୃଦ୍ଧି ଏବଂ ଏହାର ପରିସଂସ୍ଥାନକୁ ଅଧିକ ରୁ ଅଧିକ ଉପାଦେୟ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ କଡାକଡି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ୨୬ ଜଣ ବି.ଡ଼ି.ଓ ଏବଂ ତହସିଲଦାର ମାନେ ଆଜିର ଦିନରେ ନିଜ ଅଂଚଳର ସମୁଦାୟ ୧୪୩ଟି ବିଦ୍ୟାଳୟ ମାନଙ୍କରେ ଆକସ୍ମିକ ନିରୀକ୍ଷଣ କରି ସେଠାରେ ଅପ୍ରାଧୀକୃତ ଅନୁପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି। ବିଦ୍ୟାଳୟରେ ଶିକ୍ଷାଦାନର ପଦ୍ଧତି ସମେତ ପିଲାଙ୍କ ବୌଦ୍ଧିକ ଓ ମାନସିକ ଯତ୍ନ କିଭଳି ନିଆଯାଉଛି ତାହାର ମଧ ନିରୀକ୍ଷଣ କରାଯାଇଥିଲା। ସୂଚନା ଅନୁସାରେ, ବିଦ୍ୟାଳୟରେ ଶିକ୍ଷାଦାନ ନିର୍ଘଣ୍ଟ ସମୟରେ ଅପ୍ରାଧିକୃତ ଓ ଅନୁପସ୍ଥିତ ଥିବା ଶିକ୍ଷକ,ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ଏବଂ ସେହି ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଗୋଟିଏ ଦିନର ଦରମା ବନ୍ଦ କରାଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆକସ୍ମିକ ନିରୀକ୍ଷଣରେ ବି.ଡ଼ି.ଓ ଏବଂ ତହସିଲଦାର ମାନଙ୍କ ରିପୋର୍ଟ ଅନୁସାରେ କିଛି ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଅପ୍ରାଧିକୃତ ଅନୁପସ୍ଥିତ ଥିବା ଜଣା ପଡିଛି। ଏଣୁ ସେହି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା କାରଣ ଦର୍ଶାଅ ନୋଟିସ ଜାରି କରାଯିବ ଏବଂ ତାଙ୍କର ଗୋଟିଏ ଦିନର ଦରମା ବନ୍ଦ କରାଯିବ ବୋଲି ଜିଲ୍ଲପାଳ କହିଛନ୍ତି। ଏହି ନିରୀକ୍ଷଣ କାର୍ଯ୍ୟକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ପରିଚାଳନା କରିଥିଲେ ଏବଂ ଜିଲ୍ଲାପାଳଙ୍କ ସହିତ ଏହାର ତ୍ୱରାନ୍ୱିତ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ।ଏହି ଆକସ୍ମିକ ନିରୀକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାରେ ବିଭିନ୍ନ ସମୟରେ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା କରାଯିବ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଜିଲ୍ଲାପାଳ ନିଜେ ସ୍ଥିତି ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

## ସାପ କାମୁଡ଼ାରେ ବାପ ଝିଅଙ୍କ ମୃତ୍ୟୁ

ବୌଦ୍ଧ, ୧୯/୧୦ (ନି.ପ୍ର): ବିଷଧର ସାପ କାମୁଡ଼ାରେ ଚାଲିଗଲା ବାପ ଝିଅଙ୍କ ଜୀବନ । ମୃତକ ଜଣକ ହେଲେ ପୁରୁଣାକଟକ ଥାନା ଅନ୍ତର୍ଗତ ମାର୍ଦ୍ଦଙ୍ଗି ସ୍କୁଲର ଶିକ୍ଷକ ସୁଶାନ୍ତ କହଁର ଓ ତାଙ୍କ ଝିଅ ସୁଭସ୍ମିତା କହଁର । ସାପ କାମୁଡିବା ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଅନ୍ୟପଟେ ଏଭଳି ଖବର ପାଇ ହରଭଙ୍ଗା ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ମୁତବକ, କନ୍ଧମାଳ ଜିଲ୍ଲାର ଗୁମାଗଡ ଗ୍ରାମର ସୁଶାନ୍ତ କହଁର ଆଜକୁ ୨୦ ବର୍ଷରୁ ଉର୍ଦ୍ଧ ହେଲା ବୌଦ୍ଧ ଜିଲ୍ଲାର ମାର୍ଦ୍ଦଙ୍ଗି ଗ୍ରାମରେ ଶିକ୍ଷକତା କରି ଆସୁଥିଲେ । ତାଙ୍କ ପରିବାର ସହ ସେ ଚାରିଛକରେ ରହି ଆସୁଥିଲେ । ଗତକାଲି ରାତିରେ ଘରେ ଶୋଇଥିବା ସମୟରେ ଶିକ୍ଷକ ସୁଶାନ୍ତ କହଁର ଓ ତାଙ୍କ ଝିଅ ସୁଭସ୍ମିତା କହଁରଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା । ପରେ ପରିବାର ଲୋକେ ଉଭୟଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । କିଛି ସମୟ ଚିକିତ୍ସା ପରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo